# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 275 | ଭାଗ ୩୨ | ସଂଖ୍ୟା୨୭୫ | Bhubaneswar | Sunday 29 December 2024 | Page 8 Rs. 4.00 | ଭୁବନେଶ୍ୱର ରବିବାର ୨୯ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଏମ୍‌ସିସି ସଦସ୍ୟତା ସ୍ୱୀକାର କଲେ ସଚିନ ପୃଷ୍ଠା ୬



## ବଢ଼ିବ ବ୍ଲକ୍ ସଂଖ୍ୟା

### ୪୦ ବର୍ଷ ପରେ ପୁନର୍ଗଠନ ପ୍ରକ୍ରିୟା

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଚାରି ଦଶନ୍ଧି ପରେ ବ୍ଲକ୍ ସଂଖ୍ୟା ବୃଦ୍ଧି ଚର୍ଚ୍ଚା ଜୋର୍ ଧରିଛି। ୧୯୮୪ ମସିହାରେ ଶେଷ ଥର ପାଇଁ ନୂଆ ବ୍ଲକ ଗଠନ କରିଥିଲେ ଓଡ଼ିଶା ସରକାର। ୩୦୪ ବ୍ଲକରୁ ହୋଇଥିଲା ୩୧୪ ବ୍ଲକ। ଇତିମଧ୍ୟରେ ଦୀର୍ଘ ୪୦ ବର୍ଷ ବିତି ଯାଇଛି। ଅନେକ ବାର ବ୍ଲକ ପୁନର୍ଗଠନ ଦାବି ହୋଇଛି। ଅନେକ ସଂଗଠନ ରାସ୍ତାକୁ ଆସିଛନ୍ତି, ବିଧାନସଭାରେ ମଧ୍ୟ ସରଗରମ ଆଲୋଚନା ହୋଇଛି। ହେଲେ, ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଯୋଗୁ ନୂଆଁ ବ୍ଲକ ଗଠନ ହୋଇପାରିନି । ଏବେ ନୂଆ ସରକାର ନୂଆ ବ୍ଲକ ଗଠନ କରିବା ପାଇଁ ପାଦେ ଆଗକୁ ବଢ଼ିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନାରୁ ନୂଆ ବ୍ଲକ ଗଠନ ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

ରାଜ୍ୟର ଅନେକ ବଡ଼ ବଡ଼ ବ୍ଲକ ରହିଛି। କେଉଁଠି ୪୦ ତ ଆଉ କେଉଁଠି ୩୫ ପଞ୍ଚାୟତ ରହିଛି । ଯାଜପୁର ଜିଲ୍ଲା ବଡ଼ଚଣାରେ ସର୍ବାଧିକ ➪ପୃଷ୍ଠା-୬

## କେନ୍ଦ୍ର ବିରୋଧରେ ଲଢ଼ିବା ପୂର୍ବରୁ ଶଙ୍ଖଭବନରେ ଗଡ଼ାଗଡ଼ି



● ପୁରୁଣା ରାଗକୁ ନେଇ ଯୁକ୍ତିତର୍କ

● ଟଙ୍କା କଥା ଶୁଣି କ୍ରୀତଦାସ ଛୁ

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): କର୍ମୀଙ୍କ ବଳୋବଳ ବଢ଼ାଇବାପାଇଁ କେନ୍ଦ୍ର ବିରୁଦ୍ଧରେ ଯୁଦ୍ଧ ଡାକରା ଦେଇଥିବା ବିଜେଡି ଏବେ ଲଢେଇ ପୂର୍ବରୁ ଦଳୀୟ ଦପ୍ତରରେ ଗଡାଗଡି ସ୍ଥିତିରେ ପହଞ୍ଚିଛନ୍ତି । କର୍ମୀ ତ ଦୂରରକଥା ନିଜର ଦଳର ମାମଲତକାରଙ୍କ ଉପରେ ବରିଷ୍ଠ ନେତାଙ୍କ ଭରସା ପାଉନି । ଅବସ୍ଥା ଏମିତି ହୋଇଛି ଯେ ଫୋନ୍ ଆସିଲେ ବିରୋଧ ବନ୍ଦ ହୋଇଯିବନି ତ ବୋଲି ବରିଷ୍ଠ ନେତ୍ରୀ ବି ପ୍ରଶ୍ନ କରିବାକୁ ପଛାଉ ନାହାନ୍ତି । କେନ୍ଦ୍ର ବିରୁଦ୍ଧରେ ବିରୋଧକୁ ସଫଳ କରିବାପାଇଁ ଶଙ୍ଖଭବନରେ ବରିଷ୍ଠ ନେତାମାନଙ୍କର ବୈଠକ ବସିଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୈଠକ ଆରମ୍ଭରୁ ଲଢେଇ ଆରମ୍ଭ କରିଥିଲେ ପୁରୀ ଓ ଖୋରଧାର ନେତା । ତୁ ତୁ ମୈଁ ମୈଁ ହୋଇଥିଲେ। ବୈଠକ ଆରମ୍ଭରୁ ପୁରୀ ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବିଧାୟକ ସୁନୀଲ ମହାନ୍ତି ପରସ୍ପର ବିରୁଦ୍ଧରେ ବିଷୋଦଗାର ଆରମ୍ଭ କରିଥିଲେ । ➪ପୃଷ୍ଠା-୬



## ବିଲମୁଣ୍ଡକୁ ଯିବେ ମୁଖ୍ୟମନ୍ତ୍ରୀ

● ଉପମୁଖ୍ୟମନ୍ତ୍ରୀ ଓ ୨ମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ

● ଚାଷୀଙ୍କ ସହ କରିବେ ଆଲୋଚନା

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଅଦିନିଆ ବର୍ଷା ଯୋଗୁଁ ରାଜ୍ୟରେ ବ୍ୟାପକ ଫସଲ ହାନି ଘଟିଛି। ଅମଳ ସମୟରେ ଫସଲ ନଷ୍ଟ ହେବାରୁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ରବିବାର(୨୯ ତାରିଖ) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିବେ। ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡ଼ା, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ସରଜମିନ ଅନୁଧ୍ୟାନ ସହିତ ଚାଷୀଙ୍କ ସଙ୍ଗେ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ଶନିବାର ଫସଲ କ୍ଷତି ନେଇ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ବିଲ ମୁଣ୍ଡକୁ ଯାଇ ଚାଷୀଙ୍କ ଦୁଃଖ ବୁଝିବାକୁ ନିଷ୍ପତ୍ତି ହୋଇଛି। ସରକାରୀ ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଞ୍ଜାମ, ଗଜପତି ଓ ନୟାଗଡ଼ ଜିଲ୍ଲା ଗସ୍ତରେ ଯାଇ ଧାନ କ୍ଷେତ ବୁଲିବେ ଏବଂ ଚାଷୀ ଓ ସ୍ଥାନୀୟ ପ୍ରଶାସନ ସହିତ ଆଲୋଚନା କରିବେ। ସେ ନୟାଗଡ଼ର ରଣପୁର, ଗଜପତିର ଗୋଷାଣୀ ବ୍ଲକ, ଗଞ୍ଜାମର ରଙ୍ଗେଇଲୁଣ୍ଡା ଓ ଛତ୍ରପୁର ବ୍ଲକ ଗସ୍ତ କରିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଟକ ଏବଂ ଜଗତସିଂହପୁର, ପ୍ରଭାତୀ ପରିଡ଼ା ଭଦ୍ରକ ଓ ବାଲେଶ୍ୱର, ➪ପୃଷ୍ଠା-୬

## ଚାଷୀଙ୍କୁ ମିଳିବ କ୍ଷତିପୂରଣ

● ୩୦ ସୁଦ୍ଧା କ୍ଷୟକ୍ଷତି ଆକଳନ

● ଅଭିଯୋଗ ସମୟ ରବିବାର ଯାଏଁ ବୃଦ୍ଧି

● ଜଣେ ବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବଞ୍ଚିତ ହେବେନି

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ଗତ ୨୦ ତାରିଖରୁ ୨୮ ତାରିଖ ମଧ୍ୟରେ ରାଜ୍ୟରେ ହୋଇଥିବା ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଯେପରି ଜଣେ ବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଧ୍ୟାନ ଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ୩୦ ତାରିଖ ମଧ୍ୟରେ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଚିହ୍ନଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୀମା କରିଥିବା ଓ ବୀମା ନ କରିଥିବା କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସହାୟତା ଯଥାଶୀଘ୍ର ଡିବିଟି ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୀମା କରିଥିବା ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନେ ଯେପରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କ୍ଷୟ କ୍ଷତି ସଂପର୍କରେ ବୀମା କମ୍ପାନୀମାନଙ୍କୁ ସୂଚନା ଦେବେ, ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ଜଣାଯାଇଛି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୨୬ ହଜାର ଚାଷୀ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା କାଲି (ରବିବାର) ସୁଦ୍ଧା ସବୁ ବୀମାଭୁକ୍ତ ଚାଷୀମାନେ ନିଜର ଫସଲ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ଏହା ସହିତ ବିଭିନ୍ନ ଜିଲ୍ଲାର ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀ ମାନେ ଅଦିନିଆ ବର୍ଷା ଜନିତ ସେମାନଙ୍କର ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତିର ସୂଚନା ତୁରନ୍ତ 'କୃଷି ରକ୍ଷକ' ପୋର୍ଟାଲ ମାଧ୍ୟମରେ କିମ୍ବା ୧୪୪୪୭କୁ କଲ୍ କରି ଜଣାଇବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ପବିତ୍ର ମାଘ ସପ୍ତମୀ ବୁଡ଼ ପାଇଁ ପୁରୀ ଜିଲ୍ଲା ପ୍ରଶାସନର ପ୍ରଥମ ସମନ୍ୱୟ ବୈଠକ
- ବାନ୍ଧବୀଙ୍କ ଅଶ୍ଲୀଳ ଫଟୋ ଭାଇରାଲ ଧମକ ଦେଇ ବନ୍ଧା ହେଲେ ସାଉଥ୍ ଟେଲି ଅଭିନେତା ଚରିଥ ବାଲା
- ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ପୁଅ କେଟି ରାମାରାଓଙ୍କୁ ଇଡି ସମନ
- ନୂଆବର୍ଷ ତୋରଣ ପୋତାକୁ ନେଇ ଉତ୍ତେଜନା: ଆଳି ଦୁର୍ଗାମଣ୍ଡପ ଛକରେ ଧାରା ୧୬୩ ଜାରି
- ସିମଳା ସ୍ଥିତ ଇଡି ଅଫିସରଙ୍କ ଘରେ ସିବିଆଇ ରେଡ୍, ୧.୧୪ କୋଟି ଟଙ୍କା ଜବତ
- ଆମେରିକାର ୮ ଟେଲିକମ୍ କମ୍ପାନି ଏବଂ ୧୨ରୁ ଅଧିକ ଦେଶ ସଲ୍ଟ ଟାଇଫୁନ୍ ନାମରେ ପରିଚିତ ଚୀନ୍ ହ୍ୟାକିଂ ଆକ୍ରମଣଦ୍ୱାରା ପ୍ରଭାବିତ
- ଜାମ୍ମୁ କାଶ୍ମୀରରେ ପ୍ରବଳ ତୁଷାରପାତ: ବିଭିନ୍ନ ସ୍ଥାନରେ ଫସିଛନ୍ତି ୪ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ।

## ସ୍ନାତକମାନେ ଚାକିରି ସୃଷ୍ଟିକର୍ତ୍ତା ହୁଅନ୍ତୁ

● ଅଧ୍ୟାପକ ଅଧ୍ୟାପିକାମାନେ ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ପୁନଃନିର୍ଣ୍ଣୟ କରିବା ଆବଶ୍ୟକ

● ଯୁବକମାନେ ନିଜ ଶକ୍ତିକୁ ଦେଶର ବିକାଶରେ ବ୍ୟବହାର କରିବା ଉଚିତ




ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଆଇଆଇଟି ଭୁବନେଶ୍ୱର ଜ୍ଞାନ, ଅନୁସନ୍ଧାନ ଏବଂ ଅଭିନବ ପ୍ରତିଷ୍ଠାନ ହେବାକୁ ଚେଷ୍ଟା କରିବା ଆବଶ୍ୟକ। ସ୍ନାତକମାନେ ଚାକିରି ସନ୍ଧାନକାରୀ ପରିବର୍ତ୍ତେ ଚାକିରି ସୃଷ୍ଟିକର୍ତ୍ତା ହେବା ଦିଗରେ ଉଦ୍ୟମ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି।

ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଏହାର ଦ୍ୱାଦଶ ଏବଂ ତ୍ରୟୋଦଶ ସଂଯୁକ୍ତ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅଭିଭାଷଣ ପ୍ରଦାନ କରି କହିଛନ୍ତି, ସ୍ନାତକମାନେ ଚାକିରି ସନ୍ଧାନକାରୀ ପରିବର୍ତ୍ତେ ଚାକିରି ସୃଷ୍ଟିକର୍ତ୍ତା ହୁଅନ୍ତୁ। ସେମାନେ ଶିଳ୍ପ ବିପ୍ଳବ ୪.୦ ରେ ଯୋଗଦାନ କରିବାକୁ ନିଜକୁ ପ୍ରସ୍ତୁତ କରିବା ଉଚିତ। ଶିକ୍ଷାନୁଷ୍ଠାନ ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଉଦ୍ୟୋଗ ପ୍ରତି ଛାତ୍ରଛାତ୍ରୀଙ୍କ ମନୋଭାବ ଏବଂ ଦକ୍ଷତାକୁ ପୁନଃନିର୍ଣ୍ଣୟ କରିବା ଆବଶ୍ୟକ। ଦେଶର ଅନୁସନ୍ଧାନ ଏକାଡେମିକ୍ ପ୍ରକାଶନଠାରୁ ଅଧିକ ଆଗକୁ ବଢ଼ିବା ଉଚିତ। ନବସୃଜନ ଓ ଉଦ୍ୟୋଗିତା ଦୃଷ୍ଟିରୁ ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲ କରିବା ଆବଶ୍ୟକ। ଆଇଆଇଟି ଭୁବନେଶ୍ୱର ଏବଂ ଏହାର ଛାତ୍ରଛାତ୍ରୀ ୨୦୩୬ ସୁଦ୍ଧା ଓଡ଼ିଶାର ତଥା ୨୦୪୭ ସୁଦ୍ଧା ଦେଶର ଅଭିବୃଦ୍ଧି ପ୍ରକ୍ରିୟାକୁ ବଢାଇବା ପାଇଁ ଷ୍ଟାର୍ଟ ଅପ୍ ଏବଂ ଉଦ୍ୟୋଗୀ ଇକୋସିଷ୍ଟମ ବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତୁ।

ଆଇଆଇଟିର ବୋର୍ଡ ଅଫ୍ ଗଭର୍ନର୍ସ ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ମୁଖ୍ୟ ➪ପୃଷ୍ଠା-୬



### ଦେଶରେ ପ୍ରଥମ

## ଅଗ୍ନିଶମରେ ସାମିଲ ହେବ ଡଗ୍ ସ୍କାଡ୍

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଶସକ୍ତ ହେବ ଓଡ଼ିଶା ଅଗ୍ନିଶମ ବାହିନୀ । ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଯାଇଛି ଏହି ନିଷ୍ପତି । ଅଗ୍ନିଶମ ବାହୀନିକୁ ଏଣିକି ମିଳିବ ଡଗ ସ୍କ୍ୱାଡ। ବନ୍ୟା, ବାତ୍ୟା, ଭୁସ୍ଖଳନ, ଟ୍ରେନ ଦୁର୍ଘଟଣା ଭଳି ଘଟଣାରେ ଅଗ୍ନିଶମ ବାହୀନିର ବିଭିନ୍ନ ଅପରେସନ ସମୟରେ ସନ୍ଧାନୀ କୁକୁରଙ୍କୁ ବ୍ୟବହାର କରାଯିବ। ରାଜ୍ୟ ଅଗ୍ନିଶମ ବିଭାଗର ଡଗ ସ୍କ୍ୱାର୍ଡ କେ-ନାଇନ ଗଠନ କରାଯାଇଛି। ଯେଉଁଥିରେ ପ୍ରଥମ ଥର ୧୦ଟି କୁକୁରଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଇଛି। ଦେଶର ପ୍ରଥମ ପାଇଁ କୌଣସି ଅଗ୍ନିଶମ ବାହୀନି ପକ୍ଷରୁ ଏଭଳି ସନ୍ଧାନୀ କୁକୁରର ବ୍ୟବହାର କରାଯିବ। କଟକ ମଣ୍ଡଳୀ ସ୍ଥିତ ଏନ୍.ଡି.ଆର.ଏଫ୍ ପରିସରରେ ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ କେ-ନାଇନ ନାମକ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଶେଷ କରି ଭୂସ୍ଖଳନ, ଭୂମିକମ୍ପ କୌଣସି ବଡ଼ ବଡ଼ ଟ୍ରାଜେଡି ଯେଉଁଠି ମାଟି ତଳେ ଚାପି ହୋଇ ରହିଥିବା ଭଳି ବିପତ୍ତି ପଡ଼ିଲେ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ସହଜ ହୋଇ ପାରିବ। ମଣିଷ କିମ୍ବା ଜୀବ ଜନ୍ତୁ ଯାହାଙ୍କୁ କେହି ଦେଖି ପାରୁ ନଥିବା ସେହି ସ୍ଥାନରୁ ସନ୍ଧାନ ପାଇ ଉଦ୍ଧାର କରିବାରେ ସହାୟତା କରିବା ପାଇଁ ରାଜସ୍ଥାନରୁ ଅଗ୍ନିଶମ ବିଭାଗ ଦଶ ଗୋଟି କୁକୁରଙ୍କୁ ଆଣି ଏଠାରେ ପ୍ରଶିକ୍ଷଣ ଦିଆଯାଉଛି। ବର୍ତ୍ତମାନ ୨୩ ସପ୍ତାହ ହେବ ଏହି ସନ୍ଧାନୀ କୁକୁରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଆହୁରି ୩୩ ସପ୍ତାହ ପ୍ରଶିକ୍ଷଣ ଦିଆଯିବ । ମୋଟ ୫୬ ସପ୍ତାହ ପ୍ରଶିକ୍ଷଣ ସରିବା ପରେ ଓଡ଼ିଶାର ୧୦ଟି ଜିଲ୍ଲାରେ ଏହି କେ-ନାଇନ ସ୍କ୍ୱାଡ୍ ନିୟୋଜିତ କରାଯିବ । ବାଲେଶ୍ୱର, କଟକ, ଝାରସୁଗୁଡା, ଅନୁଗୁଳ, ସମ୍ବଲପୁର, ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, ରାଉରକେଲା, କୋରାପୁଟ ଆଦି ଜିଲ୍ଲାରେ ନିୟୋଜିତ ହେବେ ଏହି ସନ୍ଧାନୀ କୁକୁର ।

## ଅପରାଧୀଙ୍କୁ ପରିଚାଳନା କମିଟି ମନା

● ଶ୍ରୀମନ୍ଦିର ପରିଚାଳନା କମିଟି ପାଇଁ ମାର୍ଗଦର୍ଶିକା

● ସରକାର ୫ ସେବାୟତଙ୍କୁ ମନୋନୀତ କରିବେ

ପୁରୀ, ୨୮।୧୨(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ପରିଚାଳନା କମିଟି ପାଇଁ ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି ସରକାର। ଚଳିତ ବର୍ଷ ୧୮ ନଭେମ୍ବରରେ ହାଇକୋର୍ଟ ଦେଇଥିବା ରାୟ ଅନୁଯାୟୀ ଗଠନ ହେବ ନୂଆ ପରିଚାଳନା କମିଟି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଛନ୍ତି ଅତିରିକ୍ତ ସଚିବ। ସାତ ଫର୍ମୁଲା ଆପଣାଇବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ୫ଜଣ ସେବାୟତ ନୂଆ ପରିଚାଳନା କମିଟିକୁ ମନୋନୀତ ହେବେ। ସେବକଙ୍କ ସମର୍ପଣ ଓ ନିଷ୍ଠା ଦେଖି ନିଆଯିବ ନିଷ୍ପତ୍ତି। ଅନ୍ୟ ସେବକ ଓ ସେବାୟତ ନିଯୋଗ ସହ ସୁସମ୍ପର୍କ ଥିବା ସେବାୟତଙ୍କୁ ପ୍ରାଥମିକତା ଦିଆଯିବ। ଅପରାଧିକ ରେକର୍ଡ ଥିବା ସେବାୟତଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟିରେ ସ୍ଥାନ ମିଳିବ ନାହିଁ। ବିବାଦର ସମାଧାନ ଦକ୍ଷତା ରଖିଥିବା ସେବାୟତଙ୍କୁ ସୁଯୋଗ ଦିଆଯିବ। ଦ୍ୱିତୀୟ ଥର ପାଇଁ ପରିଚାଳନା କମିଟି ଯିବାକୁ ମଧ୍ୟ ଅନୁମତି ମିଳିବ ନାହିଁ।

## ଆରେଷ୍ଟ ହେଲେ ଡିଜିଟାଲ୍ ଆରେଷ୍ଟ ପାର୍ଟି

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଲୋକଙ୍କୁ ଡିଜିଟାଲ ଆରେଷ୍ଟ କରି ଟଙ୍କା ଲୁଟୁଥିଲେ, ଏବେ ନିଜେ ଆରେଷ୍ଟ ହୋଇଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚ ଏମିତି ଏକ ଘଟଣାରେ ମା'ପୁଅ ଅପରାଧୀ ଯୋଡ଼ିକୁ ଗାଜିଆବାଦରୁ ଗିରଫ କରିଛି। ମା ନୀଲମ ଅଗ୍ରୱାଲ ଓ ପୁଅ ବଂଶ ଅଗ୍ରୱାଲ ଗେମିଂ ପ୍ଲାଟଫର୍ମରେ ➪ପୃଷ୍ଠା-୬

### ଅମାନିଆଁଙ୍କୁ ସହର ମନା

## ଆକ୍ସନ ମୋଡ୍‌ରେ ଦେବଦତ୍ତ

ଜିରୋ ନାଇଟ ବା ନୂଆ ବର୍ଷ ପୂର୍ବରୁ ପୋଲିସର ଜିରୋ ଟଲରାନ୍ସ। ମତୁଆଲା ହୋଇ ନିୟମ ନଭାଙ୍ଗିବାକୁ କହିଛନ୍ତି ପୋଲିସ କମିଶନର। ଉତ୍ସାହ ଉଦ୍ଦୀପନା ସହ ଆସୁଛି ନୂଆବର୍ଷ । ଜିରୋ ନାଇଟ ସେଲିବ୍ରେସନ ପାଇଁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି। ୨୦୨୪ କୁ ବିଦାୟ ସହ ୨୦୨୫ ମସିହାକୁ ସ୍ୱାଗତ ପାଇଁ ଉତ୍ସାହ ର୍ ସହ ସଭିଏଁ ଅପେକ୍ଷା କରିଥିବା ବେଳେ ସୁରକ୍ଷା ବ୍ୟବସ୍ଥା ନେଇ ଅଣ୍ଟା ଭିଡ଼ିଛି କମିଶନରେଟ ପୋଲିସ । ଚେକିଂ, ବ୍ଲକିଂ ସାଙ୍ଗକୁ ଆରମ୍ଭ ହୋଇଯାଇଛି ନାକାବନ୍ଦୀ । ନିଶାଶକ୍ତଙ୍କ ବିରୋଧରେ ଆରମ୍ଭ ହୋଇଯାଇଛି ଦୃଢ଼ ଆକ୍ସନ । ବ୍ୟାପକ ହୋଇଛି ଡ୍ରଙ୍କ ଆଣ୍ଡ ଡ୍ରାଇଭ ଏଭିକ୍ସନ । ଗତକାଲି



ରାତିରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା କ୍ୟାପିଟାଲ ଥାନା, ଧଉଳି ଥାନା, ଲିଙ୍ଗରାଜ ଥାନା, ଭରତପୁର ଥାନା, ବଡଗଡ ଥାନା, ମୈତ୍ରୀ ବିହାର ଥାନା, ଓ ନନ୍ଦନକାନନ ଥାନାର ବିଭିନ୍ନ ସ୍ଥାନ ମାନଙ୍କରେ ସମ୍ପୃକ୍ତ ଥାନା ଆଇଆଇସି ଓ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଇଟ ବ୍ଲକିଙ୍ଗ କରାଯାଇଥିବା ବେଳେ, ଏହି ଅଭିଯାନରେ ପୋଲିସ ଅଧିକାରୀ ଏବଂ ଥାନା କର୍ମଚାରୀଙ୍କ ସମେତ ୧ ସେକ୍ସନ ଲେଖାଏଁ ପୋଲିସ ଫୋର୍ସ ମଧ୍ୟ ସାମିଲ ହୋଇଥିଲେ । ମୋଟ ୨୮୯ ଟି ଇ-ଚାଲାଣ ଫଳରେ ୩ ଲକ୍ଷ ୭ ହଜାର ଜୋରିମାନା ଆଦାୟ କରାଯାଇଛି। ସେହିପରି, ୨୨ଟି ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳକୁ ଅପରାଧ ମୁକ୍ତ କରିବା ପାଇଁ ତଥା ସହରକୁ ସୁରକ୍ଷିତ ରଖିବା ପାଇଁ "ସେଫ ସିଟି ଡ୍ରାଇଭ" ଅଧୀନରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲୁଥିବା ଖଟି, ସର୍ବସାଧାରଣରେ ନିଶାଦ୍ରବ୍ୟ କରୁଥିବା ଅସାମାଜିକ ବ୍ୟକ୍ତିବିଶେଷ ମାନଙ୍କୁ ନିୟମିତ ଭାବରେ ତଦାରଖ କରାଯାଉଅଛି । କମିଶନରେଟ ପୋଲିସ ଆଇନ ଉଲଂଘନକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ସହିତ ଭୁବନେଶ୍ୱରବାସୀଙ୍କ ସୁରକ୍ଷା ଦିଗରେ ମଧ୍ୟ ଯଥେଷ୍ଟ ଯତ୍ନବାନ ଥିବା କହିଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ।



### କାନ ଡେରିଆ

ଗାଲକୁ ଚାପୁଡ଼ା ମାରିଦେଇଗଲେ
ଛୋଟିଆ ହାଦସା ହେଲା
ବକ ବକ ହେଇ ପାଣ୍ଡୁ ଦଳେ ପରା
ବାକି ଜୀବନ ଟା ଗଲା
ସୂଚନା ଦିଅନ୍ତି ଭଲା...
ଭଲେଇ ହୁଅନ୍ତି କ୍ୟାମେରା ଆଗରେ
କିଛି ଯେ ନଥିଲା ପାଲା ।

■ ଦେବାଶିଷ

## ସନ୍ଦେହରେ ପ୍ରଚାର ଦାୟିତ୍ୱରେ ଥିବା ମାମଲତକାର

● କାଠଗଡ଼ାରେ ସୂଚନା ଓ ଲୋକସମ୍ପର୍କ ବିଭାଗ

● ସବୁ ମନ୍ତ୍ରୀଙ୍କର ଥିଲା ସୋସିଆଲ ମିଡିଆ ଟିମ୍




ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ନିର୍ବାଚନ ଅବ୍ୟବହିତ ପୂର୍ବରୁ ଭୋଟରଙ୍କ ସାମ୍ନାରେ ନବୀନଙ୍କୁ ଏକ ନମ୍ବର କରିବାପାଇଁ ରାଜ୍ୟ ରାଜକୋଷରୁ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଥିବାର ଗୋଟିଏ ପରେ ଗୋଟିଏ ତଥ୍ୟ ପଦାକୁ ଆସୁଥିବାବେଳେ ଏଥିରେ ମୋଟା ଅଙ୍କର କମିଶନି କାରବାର ହୋଇଥିବା ନେଇ ଆଲେଚନା ଜୋର ଧରିଲାଣି। ପ୍ରାୟତଃ ସବୁତକ ଟଙ୍କା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ଖର୍ଚ୍ଚ ହୋଇଥିବାରୁ ଏହି ବିଭାଗ ଏବେ କାଠଗଡ଼ାରେ।

ନିର୍ବାଚନ ପୂର୍ବରୁ ସେତେବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏବଂ ବିଜେଡିର ହର୍ତ୍ତାକର୍ତ୍ତା ସାଜିଥିବା ପାଣ୍ଡିଆନଙ୍କ ଇମେଜ ଚମକାଇବାପାଇଁ ରାଜ୍ୟ ରାଜକୋଷରୁ ପାଣିଭଳି ଟଙ୍କା ଖର୍ଚ୍ଚ ହୋଇଥିଲା। ଫଟୋ ଉଠା ଠାରୁ ଆରମ୍ଭକରି ଭିଡିଓ ପ୍ରସ୍ତୁତି ପର୍ଯ୍ୟନ୍ତ ସବୁକିଛି ନାମୀ ଦାମୀ ସଂସ୍ଥା ଏପରିକି ଆର୍ନ୍ତଜାତୀୟ ସଂସ୍ଥାଙ୍କ ଜରିଆରେ ହୋଇଥିଲା। ଏଥିପାଇଁ ଟଙ୍କା ଖର୍ଚ୍ଚ କରିବାରେ କୌଣସି କାର୍ପଣ୍ୟତା ନଥିଲା। ତିନି ଚାରିଟି ଭିଡିଓ ପ୍ରସ୍ତୁତ କରିବା ସହିତ ତାହାର ପ୍ରସାରଣ ପାଇଁ ନେସନାଲ ଜିଓଗ୍ରାଫିକ ଚ୍ୟାନେଲ ସାଢେ ୪କୋଟିରୁ ଅଧିକ ଟଙ୍କା ନେବା ପଦାକୁ ଆସିବାପରେ ତାହା ଏବେ ଅନେକଙ୍କୁ ଟେରା କରିଛି। ଛାପା ଗଣମାଧ୍ୟମକୁ ବି ପାଣି ଭଳି ଟଙ୍କା ଦିଆଯାଇଛି।

ତେବେ ଏଭଳି ପ୍ରଚାର ପ୍ରସାର ପାଇଁ ନିଷ୍ପତ୍ତି ଗ୍ରହଣ କରିବା ଓ ହାତ ଖୋଲି ଖର୍ଚ୍ଚ କରିବାପାଇଁ ନିର୍ଦ୍ଦେଶ କିଏ ଦେଉଥିଲା ତାହା ଏବେ ବଡ ପ୍ରଶ୍ନବାଚୀ ହୋଇଛି। କେଉଁ ସଂସ୍ଥାକୁ କେତେ କାମ ଦିଆଯିବ ତାହା ମଧ୍ୟ ଗୋଟିଏ ଗୋଷ୍ଠି ନିଷ୍ପତ୍ତି ଗ୍ରହଣ କରୁଥିଲେ। ପୂରା ସରକାରୀ ଆଦବ କାଇଦାରେ ଟଙ୍କା ଖର୍ଚ୍ଚ ହେଉଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଏହାର ମାଧ୍ୟମ ସାଜିଥିଲେ। ବିଭାଗ ଖାଲି ବିଲ୍ ପ୍ରସ୍ତୁତ କରି ଟଙ୍କା ବଢେଇ ➪ପୃଷ୍ଠା-୬

# ବର୍ଷା କ୍ଷୟକ୍ଷତି ଅନୁଧ୍ୟାନ କଲେ ମହାକାଳପଡ଼ା ବିଧାୟକ



ଚାଷୀଙ୍କୁ ଦେଲେ ଆଶ୍ୱାସନା

**ମହାକାଳପଡ଼ା, ୨୮।୧୨ (ସଂଚାର ବ୍ୟୁରୋ) :** ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷା ଚାଷୀମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ମୁଠାଏ ଧାନ ଘରକୁ ଆଣିନଥିବା ଚାଷୀ ବର୍ଷକର ଆହାରକୁ ବିଲରେ ଭାସୁଥିବା ଦେଖି କୋହ ସମାଳୁନି। ସରକାରଙ୍କ ତରଫରୁ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଆଜି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କ୍ଷତି ଗ୍ରସ୍ତ ହୋଇଥିବା ଧାନଚାଷୀ ମାନଙ୍କ କ୍ଷୟକ୍ଷତି ଆକଳନ କରିବାକୁ ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ବୁଲି ଦେଖିଛନ୍ତି। ମାର୍ଶାଘାଇ ଓ ମହାକାଳପଡ଼ାର ହାତୀଆ, ଜମଧର, ଦୂତିଆଳ, କପାଳେଶ୍ୱର, ଥାଉରି, ଗୟାସପୁର ଓ ବୀଣାପାଣି ଆଦି ଅଞ୍ଚଳ ପରିଦର୍ଶନରେ ଯାଇ କ୍ଷତିଗ୍ରସ୍ତ ଧାନ ବିଲ ଦେଖି ଚାଷୀମାନଙ୍କ ସହିତ କଥା ହୋଇଥିଲେ ଓ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଆସିଥିଲେ। ଚାଷୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇ ଏହାର ସମାଧାନ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ମାର୍ଶାଘାଇ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲ୍ଲିକ, ମହାକାଳପଡ଼ା ଓ ମାର୍ଶାଘାଇ ତହସିଲଦାର, କୃଷି ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ସରୋଜ କାନ୍ତ ସାହୁ, ନିଗମ ପ୍ରସାଦ ରଥ, ତରୁଣ କାନ୍ତି କଞ୍ଜିଲାଲ, ପ୍ରଶାନ୍ତ ସେଠୀ, କୁମର ମହାନ୍ତି, ପ୍ରକାଶ ଦାସ, ଜ୍ଞାନ ରଞ୍ଜନ ବସଅନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାରେ ବଢୁଛି ମହୁମାଛି ଆକ୍ରମଣ, ପ୍ରତିକାର କରୁନି ପ୍ରଶାସନ

## ସ୍କୁଲ, କଲେଜ୍ ଓ ସରକାରୀ କାର୍ଯ୍ୟାଳୟରେ ଅସଂଖ୍ୟ ମହୁ ଫେଣା

**କେନ୍ଦ୍ରାପଡ଼ା, ୨୮।୧୨ (ସଂଚାର ବ୍ୟୁରୋ) :** ଏବେ ରାଜ୍ୟରେ କିଛିଦିନ ହେଲା ଲଗାତର ମହୁମାଛି ଆକ୍ରମଣ ଖବରକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ବି ସେଥିରୁ ବାଦ୍ ପଡୁନି। କାରଣ ନିକଟରେ ହୋଇଥିବା ଡେରାବିଶ ଅଞ୍ଚଳର ରତ୍ନାକର ଉଚ୍ଚ ବିଦ୍ୟାଳୟରେ ପିଲାମାନେ ଖେଳୁଥିବା ବେଳେ ମହୁମାଛି ଆକ୍ରମଣରେ ୫୦ରୁ ଊର୍ଦ୍ଧ୍ୱ ଆହତ ହେବା ସମସ୍ତଙ୍କୁ ଚିନ୍ତିତ କରିଦେଇଥିଲା। ଏତେ ବଡ଼ ଅଘଟଣ ପରେ ମଧ୍ୟ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ହାଲୁକା ଭାବେ ନେବାକୁ ନେଇ ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି । ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ତଥା ସହରର ବିଭିନ୍ନ ଜାଗାରେ ଥିବା ସ୍କୁଲ, କଲେଜ, ସରକାରୀ, ବେସରକାରୀ କୋଠା ତଥା ଜନବସତି ନିକଟରେ ଥିବା ଗଛରେ ବର୍ଷ ବର୍ଷ ଧରି ମହୁମାଛି ବସା କରି ରହୁଛନ୍ତି। କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ଆସିଲେ । ଅବା ବିପଦର ଆଭାସ ପାଇଲେ ସେମାନେ ଲୋକଙ୍କୁ ଦଂଶନ କରୁଛନ୍ତି । ପ୍ରଶାସନିକ ସ୍ତରରେ ସାଧାରଣଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସେସବୁ ପ୍ରତି କାହାର ନଜର ରହୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

କେନ୍ଦ୍ରାପଡ଼ା ସହରର ଥିବା ପରିତ୍ୟକ୍ତ ବହୁତଳ କୋଠା ରେ ଅସଂଖ୍ୟ ମହୁମାଛି ଦୀର୍ଘଦିନ ଧରି ବସା ବାନ୍ଧି ରହିଛନ୍ତି । ଏହି ସ୍ଥାନ ମାନଙ୍କରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବଡ଼ ମହୁଫେଣା ମୁଖ୍ୟରାସ୍ତା ଆଡ଼କୁ ମୁହଁକରି ଝୁଲି ରହିଛି। ସେହିବାଟ ଦେଇ ଶହଶହ



ଗାଡିମୋଟରରେ ଲୋକେ ଯା'ଆସ କରୁଛନ୍ତି। ଏହା ସହ ସହର ବ୍ୟତୀତ ଗ୍ରାମାଞ୍ଚଳର ବିଦ୍ୟାଳୟ ଓ ଜନବସତି ରହିଛି ଏହି ସ୍ଥାନ ମାନଙ୍କରେ ବଡ଼ ବଡ଼ ମହୁମାଛି ବାସ କରିବାକୁ ସେମାନଙ୍କ ନିରାପଦ ସ୍ଥାନ ପାଲଟିଛି । ବିପଦ ଆସିବା ପୂର୍ବରୁ ସତର୍କ ପରିବର୍ତ୍ତେ ବିପଦ ଆସିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରୁନି । କୌଣସି କାରଣ ହେଉ କିମ୍ବା ସେମାନଙ୍କ ଉପରେ କେହି ଆକ୍ରମଣ ଯଦି କରେ ଏହା ଦ୍ୱାରା ଅଞ୍ଚଳରେ ମହୁମାଛି ଆକ୍ରମଣ ହେଲେ ସ୍ଥାନୀୟ ବାଟ ଦେଇ ଯାଉଥିବା ଶହ ଶହ ଯାତ୍ରୀ, ଛାତ୍ରଛାତ୍ରୀ ଓ ନିକଟରେ ବାସ କରୁଥିବା ଲୋକ କେହି ବି ତ୍ରାହି ପାଇବେନି। ବିଶେଷଜ୍ଞଙ୍କ ମତ ଅନୁଯାୟୀ ସପ୍ତଫେଣି, ମାଙ୍କେଡିଆ, ବାଘୁଆ, ସାନମାଙ୍କେଡିଆ ଆଦି ବିଭିନ୍ନ ପ୍ରଜାତିର ମହୁମାଛି କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଖାଯାଉଛନ୍ତି । ବାଘୁଆ ପ୍ରଜାତି ମହୁମାଛି ଅଧିକ ଆକ୍ରମଣାତ୍ମକ । ଯେଉଁମାନେ ଏହିସବୁ ଜନବସତି ଅଞ୍ଚଳରେ ସୁପ୍ତ ଭାବରେ ରହିଥାନ୍ତି । ଅନେକ ସମୟରେ ଆକ୍ରମଣାତ୍ମକ ହୋଇ ଲୋକଙ୍କ କ୍ଷତି କରିଥାନ୍ତି।

କେନ୍ଦ୍ରାପଡା ଜିଲାର ଡେରାବିଶ ଅଞ୍ଚଳରେ ମହୁମାଛି ଆକ୍ରମଣରେ ଛାତ୍ରଛାତ୍ରୀ ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହେବା ଘଟଣା ପରେ ସମସ୍ତଙ୍କୁ ଏଥିରୁ ସତର୍କତା ଅବଲମ୍ବନ କରିବା ପାଇଁ ଏକ ଶିକ୍ଷା ଦେଇଥିଲା। କିଛି ମାସ ମହାକାଳପଡା ଅଞ୍ଚଳର ଗୋଟିଏ ପରିବାରର ତିନି ଆହତ ହୋଇ ମୁଖ୍ୟ ଚିକିତ୍ସାଳୟକୁ ଆସିବା ପରେ ଡାକ୍ତର ସେମାନଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ଗତ ୨୦୨୨ ମସିହାରେ ଗରଦପୁର ବ୍ଲକ୍ ଶ୍ରୀଚନ୍ଦନପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗାଁ ପାଖ ରାସ୍ତାରେ ଯାଉଥିବା ସମୟରେ ହଠାତ୍ ବାଘେଡିଆ ମହୁମାଛି ଆକ୍ରମଣ କରିଥିଲେ ଉକ୍ତ ବ୍ୟକ୍ତି ଜଣଙ୍କ ଉପାୟ ନପାଇ ଶେଷରେ ପୋଖରୀ ମଧ୍ୟରେ ଆକ୍ରମଣରୁ ରକ୍ଷାପାଇବା ପାଇଁ ପାଣିରେ ବୁଡ଼ି ରହିବାକୁ ଚେଷ୍ଟା କରିଥିଲେ ହେଲେ ସେଥିରୁ ବର୍ତ୍ତି ପାରିଲେ ନାହିଁ । ଶେଷରେ ଉକ୍ତ ବ୍ୟକ୍ତିଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଗ୍ରାମାଞ୍ଚଳ ସହ ସହରାଞ୍ଚଳର ଏଭଳି ଅନେକ ଜନବସତିରେ ଶହ ଶହ ମହୁଫେଣା ରହିଛି। ପ୍ରଶାସନିକସ୍ତରରେ ଏହାକୁ ଗୁରୁତର ମନେକରି ବିପଦ ଆସିବା ପୂର୍ବରୁ ଆଗୁଆ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବନଖଣ୍ଡ ଅଧିକାରୀଙ୍କୁ ପଚାରିଲେ ପ୍ରଶାସନିକସ୍ତରରେ କୌଣସି ବିଭାଗରେ ସେମିତି ଆଗୁଆ ପଦକ୍ଷେପ ନେବା ଭଳି ବ୍ୟବସ୍ଥା ନାହିଁ ବୋଲି କହିଛନ୍ତି । ଯଦି କେଉଁଠାରେ ସେଭଳି ପରିସ୍ଥିତି ଦେଖାଯାଏ ତେବେ ସେମାନେ ତାଙ୍କ ବିଭାଗ ପକ୍ଷରୁ ଯାହା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ଜରିମୂଳ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

**ରାଜନଗର, ୨୮।୧୨ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଆସନ୍ତା ଜାନୁୟାରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଏ ଉତ୍ସବ ପାଳନ କରାଯିବ। ଆଜି ଏ ନେଇ ଏକ ପ୍ରସ୍ତୁତି ବୈଠକ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ମହେଶ୍ୱର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ଯୋଗଦେଇ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ୩ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀମାନେ ସକ୍ରିୟ ଯୋଗଦେବା ସହିତ ପ୍ରବୀଣ ଏବଂ ଦକ୍ଷ ବ୍ୟକ୍ତି ବିଶେଷଙ୍କ ସହିତ ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବରିଷ୍ଠ ମୁରବୀ ଅଜାମ୍ବର ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ଜେନା, ସୀତାକାନ୍ତ ରାଉଳ, ଅଧ୍ୟାପିକା ଭଗବତୀ ନାୟକ ପ୍ରମୁଖ ଯୋଗଦେଇ ଉତ୍ସବର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ବେହେରା ସୁବର୍ଣ୍ଣଜୟନ୍ତୀ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ।

# କ୍ଷେତ ପରିଦର୍ଶନ କରିବେ ନବୀନ

**କେନ୍ଦ୍ରାପଡ଼ା, ୨୮।୧୨ (ସଂଚାର ବ୍ୟୁରୋ):** ଦୁଇ ଦୁଇଟି ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷାରେ ଉଜୁଡି ଯାଇଛି ଚାଷ । ସାରା ରାଜ୍ୟରେ ଚାଷୀକୂଳ ହତାଶରେ ଦିନ କାଟୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ

**୩୦ରେ ଗଞ୍ଜାମରେ ଚାଷୀଙ୍କୁ ଭେଟିବେ**

**୩୧ରେ ରାଜନଗର ଓ ପଟ୍ଟାମୁଣ୍ଡାଇ ପରିଦର୍ଶନ**

ଏହାର ପ୍ରଭାବ ବିଶେଷ ଦେଖିବାକୁ ମିଳିଛି। ଗୋଟିଏ ପଟେ ପରିବାର ପେଟକୁ ଦାନା ଦେବାର ଚିନ୍ତା । ଅନ୍ୟପଟେ ଚାଷ ପାଇଁ କରିଥିବା ଧାରକରଜ ଓ ଋଣ ଶୁଝିବା ଚିନ୍ତା। ଏମିତି ସ୍ଥିତିରେ ରାଜ୍ୟର ବିଭିନ୍ନ ସ୍ଥାନରେ



ଚାଷୀ ଆତ୍ମହତ୍ୟା କରିବାର ଅଭିଯୋଗ ଆସିବାରେ ଲାଗିଛି । ଏହି ବର୍ଷା ଜନିତ ଫସଲ କ୍ଷତି ପାଇଁ ଡେରାବିଶ ଅଞ୍ଚଳର ଜଣେ ଚାଷୀ ହୃଦଘାତ୍ ଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି । ଅମଳ ହେବାକୁ ଥିବା ଫସଲ ବର୍ଷା ପାଣିରେ ଭାସୁଥିବା ବେଳେ ସରକାର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି । ଏମିତି ସ୍ଥିତିରେ ଚାଷୀଙ୍କ ପାଇଁ ଆଗକୁ ବାହାରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଲକୁ ଯାଇ ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା କରିବେ ବୋଲି ଶନିବାର ଜାଣିବାକୁ ମିଳିଛି । ଏହାସହ ସେ ଚାଷୀଙ୍କ ସହ ଆଲୋଚନା କରିବେ । ଆସନ୍ତା ଡିସେମ୍ବର ୩୦ରେ ଗଞ୍ଜାମ ଜିଲ୍ଲା ଗସ୍ତ କରିବେ। ଶେରଗଡ଼, ହିଞ୍ଜିଳି ଓ ଖଲିକୋଟରେ ଚାଷୀଙ୍କ ସହ ଆଲୋଚନା କରିବେ। ଏଥିସହ ୩୧ରେ ସେ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଗସ୍ତ କରିବେ। ଏହି ଦିନ ସେ ବିଲକୁ ଯାଇ କ୍ଷୟକ୍ଷତି ସମୀକ୍ଷା କରିବେ। ସେହିଠାରେ ଚାଷୀଙ୍କ ସହ ଆଲୋଚନା ମଧ୍ୟ କରିବେ । ଉକ୍ତ ଦିନ ନବୀନଙ୍କ ରାଜନଗର ପଟ୍ଟାମୁଣ୍ଡାଇ ଅଞ୍ଚଳ କାର୍ଯ୍ୟକ୍ରମ ରହିଛି ।

# ମାର୍ଶାଘାଇରୁ ଉଦ୍ଧାର ହେଲା ବିରାଟକାୟ ପକ୍ଷୀ



**ମାର୍ଶାଘାଇ, ୨୮।୧୨ (ସଂଚାର ବ୍ୟୁରୋ) :** ଚାଷ ଜମିରେ ପଡିଥିବା ବେଳେ ଏକ ବିରାଟକାୟ ବିରଳ ପକ୍ଷୀକୁ ଉଦ୍ଧାର କରିଛନ୍ତି ଜଣେ ଚାଷୀ। ଜଣେ ଚାଷୀ ଏହି ପକ୍ଷୀକୁ ଉଦ୍ଧାର କରିବା ପରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇଛନ୍ତି। କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ଗ୍ରାମର ଚାଷି ରଞ୍ଜନ ମଲ୍ଲିକ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ବିଲରେ ପଡିଥିବା ଅବସ୍ଥାରେ ଏକ ବିରଳ ପକ୍ଷୀକୁ ଉଦ୍ଧାର କରିଛନ୍ତି। ଏହି ପକ୍ଷୀଟିର ଓଜନ ପ୍ରାୟ ୧୦ କେଜି ହୋଇଥିବା ବେଳେ ଡେଣା ଲମ୍ବା ପ୍ରାୟ ଦୁଇ ମିଟର ହେବ। ଏହି ପକ୍ଷୀକୁ ଚାଷୀ ଜଣଙ୍କ ଉଦ୍ଧାର କରିବା ପରେ ବନ ବିଭାଗ ସହିତ ଯୋଗାଯୋଗ କରିଥିଲେ। ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଁଞ୍ଚି ପକ୍ଷୀଟିକୁ ମାର୍ଶାଘାଇ ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଣୀ ଚିକିତ୍ସାଳୟର ଡାକ୍ତର ପକ୍ଷୀଟିର ସ୍ୱାସ୍ଥ୍ୟ ପରୀକ୍ଷା କରି ସାଲାଇନ ଓ ଔଷଧ ଦେଇ ପକ୍ଷୀଟିର ଚିକିତ୍ସା ଆରମ୍ଭ କରିଥିଲେ। ଲୋକମାନେ ଏହି ପକ୍ଷୀଟିକୁ ବିରଳ ପ୍ରଜାତିର ଶାଗୁଣା କହୁଥିବା ବେଳେ କେହି କହେ ଏହାକୁ ଗରୁଡ ପକ୍ଷୀ ବୋଲି କହିଛନ୍ତି। ଉଦ୍ଧାର ହୋଇଥିବା ଏହି ବିରଳ ପକ୍ଷୀକୁ ଦେଖିବା ପାଇଁ ଲୋକମାନେ ଭିଡ ଜମାଇଥିଲେ। ପରେ ପକ୍ଷୀଟିକୁ କେନ୍ଦ୍ରାପଡ଼ା ବନବିଭାଗ ତରଫରୁ ସାଙ୍ଗରେ ନିଆଯାଇ ଚିକିତ୍ସା ଚଳାଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନବିଭାଗ ତରଫରୁ କୁହାଯାଇଛି।

# ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ୨୮।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ପୁରୁଣା ବସଷ୍ଟାଣ୍ଡ ଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ ମନମୋହନ ସିଂହ ଙ୍କର ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ଦୁଇ ମିନିଟ ନିରବ ପ୍ରାଥନା ସହ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ସଭାରେ ବରିଷ୍ଠ କଂଗ୍ରେସ ନେତ୍ରୀ ଏବଂ ପୂର୍ବତନ ବିଧାୟିକା ଡ଼ ସିପ୍ରା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖିଟୁଆ, ଆକବର ଅଲି, ଅବଦୁଲ ସତାରା, ଚିନ୍ମୟ ବେହୁରା, ବିଧୁ ଭୂଷଣ ମହାପାତ୍ର, ଧରଣୀଧର ସୁଆର, ଉମେଶ ପାଢ଼ୀ, ସଞ୍ଜୟ ରାଉତ, ହରିଶ ପଟ୍ଟନାୟକ, ଭ୍ରମରବାର ରାଉତ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ହିମାଂଶୁ ନନ୍ଦ, ପ୍ରଦୀପ ରାଉତ ରଞ୍ଜନ ରାଉତ, ନଳିନୀକାନ୍ତ ମହାନ୍ତି, ପ୍ରଦୀପ ମହାନ୍ତି, ଏସ୍ କେ କାଲା, ଏସ କେ ଆନଶ ପ୍ରଭୃତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ସ୍ମୃତିସଭା

**ରାଜନଗର, ୨୮।୧୨ (ସଂଚାର ବ୍ୟୁରୋ) :** ଭାରତବର୍ଷର ପୂର୍ବତନ ଜନପ୍ରିୟ ପ୍ରଧାନମନ୍ତ୍ରୀ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅର୍ଥନୈତିଜ୍ଞ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଡଃ. ମନମୋହନ ସିଂଙ୍କର ଗତକାଲି ରାତିରେ ୯୨ ବର୍ଷରେ ପରଲୋକ ହୋଇଯାଇଛି। ତାଙ୍କର ବିୟୋଗରେ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି। ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ଜରିମୂଳସ୍ଥିତ ମା'ମାଟିଆମଙ୍ଗଳାଙ୍କ ପୀଠରେ ଡଃ. ସିଂଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିବାଉଁଶମୂଳ ପଞ୍ଚାୟତର କଂଗ୍ରେସ ସଭାପତି ଗଦାଧର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ ଯୋଗଦେଇ ଡଃ. ସିଂଙ୍କ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦେଶପାଇଁ ନେଇଥିବା କାଳଜୟୀ



ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏଥରେ କଂଗ୍ରେସ ନେତା ପ୍ରମୋଦ କୁମାର ସ୍ୱାଇଁ, ହେମନ୍ତ କୁମାର ମିଶ୍ର, କଳ୍ପତରୁ ସ୍ୱାଇଁ, ବିଚିତ୍ର ବିଶ୍ୱାଳ, ପ୍ରଦୀପ ମିଶ୍ର, ମହେଶ୍ୱର ରାଉତ, ମାଗୁଣି ଚରଣ ପଢ଼ିହାରୀ, କିଶୋର ମହାନ୍ତି, ଉପେନ୍ଦ୍ର ପ୍ରଧାନ, ପଞ୍ଚାନନ ପ୍ରଧାନ, ତାପସ ସାହୁ, ନାଗେଶ୍ୱର ସାହୁ, ରବୀନ୍ଦ୍ର ରାଉତ, ଖଗେଶ୍ୱର ବାରିକ, ବିରେନ୍ଦ୍ର ମଲିକ, ବୀରକିଶୋର ସ୍ୱାଇଁ, ବିଜୟ ନାୟକ, ରଞ୍ଜନ କୁମାର ପାତ୍ର, ପ୍ରଦୀପ କୁମାର ରାଉତ, ସୁଶାନ୍ତ କୁମାର ଜେନା, ରମାକାନ୍ତ ସେଠୀ, ରମାକାନ୍ତ ରାଉତ, କୌଷିକ ରାଉତ, ସୁରେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ଜେନା, ଅମୂଲ୍ୟ ପାଇଟାଲ, ଗୌରାଙ୍ଗ ମହାରଣା, ହରେକୃଷ୍ଣ ମଣ୍ଡଳ, ବିବେକ ସାମନ୍ତରାୟ, ମାନସ ପ୍ରଧାନ, ମାଗୁଣି ଦାସ, ଚନ୍ଦ୍ର ଚନ୍ଦନ ମିଶ୍ର, ରଞ୍ଜନ ରାଉଳ, ବିଜୟ ଦାସ, ଦେବବ୍ରତ ପାଣି, ଅଶୋକ ରାଉତ, ବାବୁଲି ଜେନା, ନଟବର ରାଉତ, ଦିନବନ୍ଧୁ ମାହୁନ୍ତ, ସନ୍ୟାସୀ ଦାସ, ନାରାୟଣ ଦାସ, ବୃନ୍ଦାବନ ଦାସ, ମହେଶ୍ୱର ରାଉତ, ଭଗବାନ ସାହୁ, ଅଜାମ୍ବର ସାହୁ, ବ୍ରଜ ଲେଙ୍କା, ପ୍ରଫୁଲ୍ଲ ସେଠୀ, ପ୍ରମୋଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଡଃ. ସିଂଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଫଗୁଦାଶ ମଠ ଏବଂ ବନ୍ଧମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍



**କେନ୍ଦ୍ରାପଡ଼ା, ୨୮।୧୨ (ସଂଚାର ବ୍ୟୁରୋ) :** ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ମନ୍ଦିରରୁ ଲୁଟ୍ କରିଛନ୍ତି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଞ୍ଚାୟତ ରାମନଗର ପାଟଣାସ୍ଥିତ ବନ୍ଧମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଛି । ଆଜି ସଦର ଥାନାରେ ମନ୍ଦିର ବନ୍ଧମଙ୍ଗଳା କମିଟିର ସଭାପତି ବଟକୃଷ୍ଣ ମହାରଣା ଲିଖିତ ଅଭିଯୋଗ କରିଛନ୍ତି । ଶ୍ରୀ ମହାରଣା ଅଭିଯୋଗ ମୁତାବକ ଗତ ଶୁକ୍ରବାର ରାତିରେ ମା'ଙ୍କ ପୂଜା ବିଧି ସରିବା ପରେ କବାଟରେ ତାଲା ପକାଯାଇଥିଲା । ଶନିବାରଦିନ ସକାଳେ ଶ୍ରୀ ମହାରଣାଙ୍କ ଭଉଣୀ ଫୁଲ ରଖିବା ପାଇଁ ମନ୍ଦିରକୁ ଯିବାରୁ ସେ ଦେଖିଲେ ମନ୍ଦିରର ତାଲା ଭଙ୍ଗାଯାଇଛି । ଭିତରେ ଥିବା ଦାନବାକ୍ସର ତାଲା ମଧ୍ୟ ଭଙ୍ଗା ଯାଇ ସମସ୍ତ ଟଙ୍କା(୫୦ହଜାରରୁ ଊର୍ଦ୍ଧ୍ୱ) ଦୁର୍ବୃମାନେ ଲୁଟ୍ କରିବା ସହିତ ମନ୍ଦିରର ଗର୍ଭଗୃହ ତାଲା ଭଙ୍ଗାଯାଇ ମା' ମଙ୍ଗଳାଙ୍କର ରଖାଯାଇଥିବା ପେଟି ରୂପା ମୁକୁଟ, ହାର ଓ ଅନ୍ୟନ୍ୟା ଅଳଙ୍କାର ସାମଗ୍ରୀ ଲୁଟ୍ କରାଯାଇଛି ବୋଲି ସଦର ଥାନାରେ ଅଭିଯୋଗ କରାଯାଇଛି । ଏହାର ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି । ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ନୂଆବର୍ଷ ତୋରଣକୁ ନେଇ ବିବାଦ: ୧୬୩ ଧାରା ଜାରି

**କେନ୍ଦ୍ରାପଡା, ୨୮।୧୨ (ସଂଚାର ବ୍ୟୁରୋ) :** ଆଳି ବ୍ଲକ ନୂଆ ବଜାରରେ ନୂଆବର୍ଷ ତୋରଣ ନିର୍ମାଣକୁ ନେଇ ବିଜେପି-ବିଜେଡି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପ୍ରଶାସନ ପକ୍ଷରୁ ତୋରଣ ନିର୍ମାଣ ବନ୍ଦ କରାଯିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସର ଧାରା-୧୬୩ ଜାରି କରାଯାଇଛି। ଉକ୍ତ ଅଞ୍ଚଳରେ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି । ଆଳି ଥାନା ନୂଆବଜାରର କେନ୍ଦ୍ରସ୍ଥଳ ଦୁର୍ଗା ମଣ୍ଡପ ନିକଟରେ ୨ଟି ଦଳ ତୋରଣ ନିର୍ମାଣ କରିବାକୁ ଜିଦ୍ ଧରିବା ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଦଳର କର୍ମୀ ଓ ସମର୍ଥକ ମୁହାଁମୁହିଁ ହେବା ସହ ବିବାଦ ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିବା ଉକ୍ତ ସ୍ଥାନରେ ତୋରଣ ନିର୍ମାଣ ଉପରେ ନିଷେଧାଦେଶ ଜାରି କରିଥିଲା। ବିବାଦ ସମାଧାନ ପାଇଁ ଆଳି ତହସିଲଦାର, ଏସଡିପିଓ, ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ଆଲୋଚନା ଚଳାଇଛନ୍ତି।



# ସୁନା ଅଳଙ୍କାର ଚୋରି ଅଭିଯୋଗ

**ବ୍ରହ୍ମପୁର, ୨୮।୧୨ (ସଂଚାର ବ୍ୟୁରୋ) :** ସ୍ଥାନୀୟ ବ୍ରଜରାଜନଗର ଦ୍ୱିତୀୟ ଲାଇନର ପ୍ରଜ୍ଞାନନ୍ଦ ରଥଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳ ୭.୩୦ରେ ପ୍ରଜ୍ଞା ଓ ତାଙ୍କ ସ୍ତ୍ରୀ କୌଣସି କାର୍ଯ୍ୟରେ ଘର ତାଲା ପକାଇ ବାହାରକୁ ଯାଇଥିଲେ। ସକଳ ୯ଟାରେ ଆସି ଦେଖିବା ସମୟରେ ଘର ତାଲା ଖୋଲା ଥିଲା। ସମସ୍ତ ଆସବାବ ପତ୍ର ଏଣେତେଣେ ପଡ଼ିଥିଲା। ଆଲମାରୀରୁ ୨ଟି ସୁନା ଚେନ ଓ ମୁଦି କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏ ନେଇ ସେ ବଡ଼ବଜାର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ୧୪ରୁ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ-୨୦୨୫

**ନୟାଗଡ଼, ୨୮।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଖେଳପଡିଆରେ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ ୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧୪ରୁ ୧୯ ତାରିଖ ମଧ୍ୟରେ ନୟାଗଡ଼ କପ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବିଜେଡି ନେତ୍ରୀ ଇରାନୀ ରାୟ, ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ବ୍ଲକ ଅଧ୍ୟକ୍ଷ



କିଶୋର ଚନ୍ଦ୍ର ସାହୁ, ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକ, ସଭାପତି ଶେଖ୍ ୟୁସୁଫ ପ୍ରମୁଖ ଉପସ୍ଥିତ ରହିଥିଲେ। ଫୁଟବଲ ମ୍ୟାଚ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ୬ ଟିମ୍ ଚୟନ କରାଯାଇଥିବା ଆୟୋଜକ ସୂଚନା ଦେଇଥିଲେ। ୧୪ ତାରିଖରେ ସାଇହାଲ୍ ସୁନାବେଢ଼ା, ମଙ୍ଗଳା କ୍ଲବ କଟକ ମଧ୍ୟରୁ ବିଜୟୀ ଦଳ ୧୬ ତାରିଖରେ ଜେବିଏମ୍ ୟୁନାଇଟେଡ୍ ଏଫସି ମଣିପୁର ସହ ଖେଳିବ । ସେହିଭଳି ଭାବେ ୧୫ ତାରିଖରେ ସମ୍ବଲପୁର ଫୁଟବଲ ଏକାଡେମୀ ଓ ଭୁବନେଶ୍ୱର ୟୁନାଇଟେଡ୍ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇ ବିଜୟୀ ଦଳ ୧୭ ତାରିଖରେ କୋଲକାତା ଉତ୍ତର ପଲ୍ଲୀ ମିଳନ ସଂଘ ମଧ୍ୟରେ ମୁକାବିଲା ହେବ । ୧୬ ଓ ୧୭ ତାରିଖ ମ୍ୟାଚର ବିଜୟୀ ଦଳକୁ ନେଇ ୧୯ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ୧୮ ତାରିଖ ଚାରି ନିର୍ବାଚନ ମଣ୍ଡଳୀକୁ ନେଇ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ପୂର୍ବ ଭଳି ଆର୍କଷନୀୟ କରିବାକୁ ଆଲୋଚନା ହୋଇଥିଲା। ନୟାଗଡ଼ କପ୍ ରାଜ୍ୟରେ ସ୍ୱତନ୍ତ୍ର ବୋଲି ଅତିଥିମାନେ ମତ ରଖିଥିଲେ।

# ଅଷ୍ଟାଦଶ ଚଉଷଠୀ ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

**ବାଲିଅନ୍ତା, ୨୮।୧୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମ୍ୟ କମିଟି ଏବଂ ଟ୍ରଷ୍ଟବୋର୍ଡ଼ ମିଳିତ ସହଯୋଗରେ ଚାଲିଥିବା ଅଷ୍ଟାଦଶ ଚଉଷଠୀ ଯୋଗିନୀ ମହୋତ୍ସବର ଆଜି ଥିଲା ଉଦଯାପନ ସଂଧ୍ୟା । ଝଙ୍କଡ଼ ସାରଳାର କାଳିକା ତାଣ୍ଡବ ନୃତ୍ୟ ପରିଷଦ କଳାକାରମାନେ ଦଳଗତ ଘଣ୍ଟନୃତ୍ୟ ପରିବେଷଣ କରିଥିଲେ । ପୁରୀର ଫେଟ୍ ଫାଇଟର ଅନୁଷ୍ଠାନର ଶିଳ୍ପୀ ମାନେ ମାଲଖମ୍ବ ନୃତ୍ୟ ପରିବେଷଣ କରିଥିଲେ ତୃତୀୟ ପ୍ରସ୍ତୁତିରେ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।



ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗ ଦେଇ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ସାହୁ, ବିଜେଡ଼ି ସଭାପତି ପ୍ରଦୀପ୍ତ ଜେନାମଣି, ବାଲିପାଟଣା ସଭାପତି କିଶୋର ଜେନା, ବିଜୟ କୁମାର ମୁଦୁଲି,ଅଚ୍ୟୁତାନନ୍ଦ ପାତ୍ର,ସରପଞ୍ଚ ରୀନାରାଣୀ ବେହେରା, ସମାଜସେବୀ ପବିତ୍ର ମୋହନ ବେହେରା, ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅନୁପମା ମାର୍ଥା, ଦିଲ୍ଲୀପ ପାତ୍ର,ମାନସ କୁମାର ନାୟକ, ସମାଜସେବୀ ଦିଲ୍ଲୀପ କୁମାର ମାର୍ଥା, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ କମିଟି ରବିନ୍ଦ୍ର କୁମାର ନାୟକ ଏବଂ ସଂପାଦକ କାଳୁଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫ ବାବାଙ୍କୁ ଉଠାଇ ନେଲା ପୋଲିସ



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମୈତ୍ରିବିହାର ଥାନା ପୋଲିସ ରବିବାର ୫ଜଣ ବାବାଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ଅଟକ ୫ ବାବା ବାହାର ରାଜ୍ୟର ବୋଲି ଜଣାପଡିଛି। ଅନ୍ୟପକ୍ଷେ ପୋଲିସ ଅଟକ ୫ ବାବାଙ୍କ ଅପରାଧିକ ମାମଲା ରହିଛି କି ନାହିଁ ସେନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ମୈତ୍ରିବିହାର ଥାନା ଅଞ୍ଚଳରେ ୫ଜଣ ବାବା ବୁଲୁଥିଲେ। ପିସିଆର୍ ଭ୍ୟାନ୍ ପାଟ୍ରୋଲିଂ ବେଳେ ୫ଜଣ ବାବା ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବା ଦେଖି ପଚରାଉଚରା କରିଥିଲା। ପରେ ପୋଲିସ ୫ଜଣ ବାବାଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏହି ଘଟଣାରେ ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଛି।

## ଭାରତୀୟ କପା ନିଗମ ସିଏମଡି ଓ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଛନ୍ତି ଭାରତୀୟ କପା ନିଗମ ଲିମିଟେଡ୍‌ର ସିଏମଡି ଶ୍ରୀ ଲଳିତ ଗୁପ୍ତା। ସାକ୍ଷାତକାର ବେଳେ ରାଜ୍ୟରେ କପା ଉତ୍ପାଦନ, ବିକ୍ରୟ ବ୍ୟବସ୍ଥା ଓ ଏଥିରେ ଥିବା ସମସ୍ୟା ଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ପ୍ରତି ଓଡ଼ିଶାରେ ୨.୩୯ ଲକ୍ଷ ହେକ୍ଟର ଜମିରେ କପାଚାଷ କରାଯାଉଛି। ଚଳିତବର୍ଷ ୪୦ ଲକ୍ଷ କୁଇଣ୍ଟାଲ କପା ଉତ୍ପାଦନ ହେବା ଲକ୍ଷ୍ୟ ରହିଛି । ଓଡ଼ିଶାରେ ଉତ୍ପାଦିତ ହେଉଥିବା କପା ଗୁଣବତ୍ତା ଦୃଷ୍ଟିରୁ ସର୍ବୋତ୍ତମ ଅଟେ ଏବଂ ବଜାରରେ ଏହାର ଚାହିଦା ମଧ୍ୟ ରହିଛି । ସାକ୍ଷାତକାର ବେଳେ କପା ଚାଷ ଏବଂ ଏହାର ବିକ୍ରୟ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା । ଏଥିସହିତ ଭବିଷ୍ୟତରେ ଭାରତୀୟ କପା ନିଗମ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ନିଆ ଯିବାକୁ ଥିବା ପଦକ୍ଷେପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଆଲୋଚନାବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ସିସିଆଇ ରିଜିଓନାଲ ମ୍ୟାନେଜର ଶ୍ରୀ ଟି କେ ଦାସ, କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ କେ ସୂର୍ଯ୍ୟା ରାଓ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## କୋଟିଏ ହେଲା ଧନୁଯାତ୍ରା ଅନୁଦାନ ରାଶି



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଐତିହାସିକ ବରଗଡ଼ ଧନୁଯାତ୍ରା-୨୦୨୫ ହେବ ଆହୁରି ଲୋକପ୍ରିୟ। ଏହି ପାରମ୍ପରିକ ମହାକୁମ୍ଭର ପ୍ରଚାର ପ୍ରସାର, କଳାକାରମାନଙ୍କ ସମ୍ମାନ ସହ ଏହାକୁ ଆହୁରି ଭବ୍ୟ କରିବା ପାଇଁ ରାଜ୍ୟ ସରକାର ଅନୁଦାନ ରାଶି ବଢ଼ାଇଛନ୍ତି। ଏହି ରାଶି ୧୦ ଲକ୍ଷରୁ ବଢ଼ାଇ କୋଟିଏ କରିବା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ଧନୁଯାତ୍ରାରେ ଅଂଶ ଗ୍ରହଣ କରିଥିବା ୧୭୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ପ୍ରଦାନ କରାଯିବ। ଧନୁଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ବିଶେଷଜ୍ଞ କମିଟି ଗଠନ କରାଯିବ। ଧନୁଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ ପାଇଁ ସମର୍ପିତ ୱେବସାଇଟ୍ ନିର୍ମାଣ କରାଯିବ। ଏଲଇଡି ପରଦା ମାଧ୍ୟମରେ ପ୍ରଥମ ଥର ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବ। ପୂର୍ବ ବର୍ଷମାନଙ୍କରେ ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା କଳାକାର ଓ ସେମାନଙ୍କ ପରିବାର ବର୍ଗଙ୍କୁ ସମ୍ମାନ ଏବଂ ସମ୍ବର୍ଦ୍ଧନା କରାଯିବ।

# ଟ୍ୱିନ୍ ସିଟି କ୍ରାଇମ୍

## ଶାଶୂଙ୍କ ଅଭିଯୋଗ ପରେ ଜ୍ୱାଇଁ ଗିରଫ



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଅଭିଯୋଗକାରିଣୀ ଶ୍ରୀମତୀ ରଥ ଙ୍କର ଏତଲା ଆଧାରରେ ଇନ୍ଫୋସିଟି ଥାନା ପୁଲିସ ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତି ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୦୨୧ ମସିହା ରେ ଅଭିଯୋଗକାରିଣୀ ଙ୍କର ଝିଅ ମୃତଫା ତପୋଶ୍ୱିନି ଙ୍କର ଅଭିଯୁକ୍ତ ବିଶ୍ୱ ସମ୍ପଦ ଶତପଥୀ ଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ପରେ ଉଭୟେ ଭୁବନେଶ୍ୱର ଚାଲି ଆସିଥିଲେ ଓ ବେସରକାରୀ ଚାକିରି କରିବା ସହ କଳାରାହାଙ୍ଗ ସ୍ଥିତ ଏକ ଘରେ ଭଡା ରେ ରହି ଆସୁଥିଲେ । ଅଭିଯୁକ୍ତ ବିଶ୍ୱ ତାଙ୍କର ସ୍ତ୍ରୀ ଙ୍କୁ ଯୌତୁକ ଆଶା କରି ନିର୍ଯ୍ୟାତନା ଦେଇ ଆସୁଥିଲେ। ଗତ ତା ୨୫ରିଖି ରେ ମଧ୍ୟାନ ଭୋଜନ ସାରିବା ପରେ ଅଭିଯୁକ୍ତ ବିଶ୍ୱ ଫୋନ ପେ ଭରଚୁଆଲ ଗୋଲ୍ଡ ବଣ୍ଡ ରୁ ୧୦ ହଜାର ଟଙ୍କା ଉଠାଇଥିଲେ ଓ ତାଙ୍କର ପୋଷା କୁକୁର କୁ ଚିକିତ୍ସା ପାଇଁ ହସ୍ପିଟାଲ କୁ ନେଇ ଥିଲେ । ସେଠାରୁ ପ୍ରାୟ ୪ ଟାରେ ଘରକୁ ଫେରି ଆସିଥିଲେ ଓ ମୃତଫା ଙ୍କୁ ୨୩୦୦/- ଟଙ୍କା ଦେଇଥିଲେ । ଏହି ଘଟଣା ପରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା ଓ ବିଶ୍ୱ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ଏଥିରେ ରାଗିଯାଇ ତପୋଶ୍ୱିନି ଘରୁ ବାହାରି ଯାଇଥିଲେ ଓ କିଛି ସମୟ ପରେ ଅଭିଯୁକ୍ତ ବିଶ୍ୱ ମଧ୍ୟ ଘରୁ ବାହାରକୁ ଚାଲି ଯାଇଥିଲେ । କିଛି ସମୟ ପରେ ଅଭିଯୁକ୍ତ ବିଶ୍ୱ ଘରକୁ ଫେରିଥିଲେ ଓ ଛାତ ଉପରକୁ ଯାଇ ତାଙ୍କର ବନ୍ଧୁ ଙ୍କ ସହିତ କଥା ହୋଇଥିଲେ । ସମୟ ପ୍ରାୟ ରାତି ୮.୩୦ ରେ ଘରକୁ ଫେରିବା ପରେ ସେ ତପୋଶ୍ୱିନି ଙ୍କୁ ଓଢଣୀ ରେ ଝୁଲୁ ଥିବାର ଦେଖି୍ ଚିତ୍କାର କରିଥିଲେ । ଚିତ୍କାର ଶୁଣି ପଡୋଶୀ ମାନେ ସେଠାକୁ ଚାଲି ଆସିଥିଲେ ଓ ତପୋଶ୍ୱିନି ଙ୍କୁ ହସ୍ପିଟାଲ କୁ ନେଇ ଯାଇଥିଲେ । ହସ୍ପିଟାଲ ରେ ମେଡ଼ିକାଲ ଅଫିସର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ର ପରଦିନ ତପୋଶ୍ୱିନି ଙ୍କ ମା ଏନେଇ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରିବା ସହ ଅଭିଯୁକ୍ତ ଙ୍କୁ ଗିରଫ କରିଥିଲେ ।

## ଗାଡି ଧକାରୁ ଇଟାରେ ଆକ୍ରମଣ



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଅଭିଯୋଗକାରୀ ସଞ୍ଜୟ କୁମାର ବେହେରା ଙ୍କର ଏତଲା ଆଧାରରେ ନୟାପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତି ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା୨୪ ରିଖ ଅପରାହ୍ନ ରେ ଅଭିଯୋଗକାରୀଙ୍କର ସାନ ଭାଇ ଅଟୋ ଚଳାଉ ଥିବା ସମୟରେ ସିଆରପି ଛକ ନିକଟରେ ଅଭିଯୁକ୍ତ ଙ୍କର ମୋଟରସାଇକେଲ ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ । ଏହାକୁ ନେଇ ଘଟଣା ସ୍ଥଳ ରେ ଉଭୟ ଅଭିଯୁକ୍ତ ଓ ଆହତ ଙ୍କ ମଧ୍ୟରେ ଝଗଡା ହୋଇଥିଲା । ଅଭିଯୁକ୍ତ ସଞ୍ଜୟ ଓ ତାଙ୍କର କିଛି ସହଯୋଗୀମାନେ ଅଭିଯୋଗକାରୀଙ୍କର ଭାଇଙ୍କୁ ଏକ ଇଟାରେ ମରଣାନ୍ତକ କରି ତାଙ୍କ ପକେଟରୁ ଜବରଦସ୍ତ ୫୩୦/- ନେଇ ଘଟଣା ସ୍ଥଳରୁ ଚାଲି ଯାଇଥିଲେ । ଫୋନ ଯୋଗେ ଖବର ପାଇବା ପରେ ଅଭିଯୋଗକାରୀ ଘଟଣା ସ୍ଥଳ କୁ ଯାଇଥିଲେ ଓ ତାଙ୍କର ଭାଇ ଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ କୁ ନେଇ ଯାଇଥିଲେ । ପରେ ସେ ଏନେଇ ନୟାପଲ୍ଲୀ ଥାନା ରେ ଲିଖି୍ ଅଭିଯୋଗ କରିଥିଲେ । ନୟାପଲ୍ଲୀ ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢଉ ଜରିଆରେ ଅଭିଯୁକ୍ତ ଙ୍କୁ ତାଙ୍କ ଘରୁ ଗିରଫ କରି ଥାନା କୁ ଆଣିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ।

## ଚୋରା ଦେଶୀମଦ ବିକ୍ରିବେଳେ ଗିରଫ



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଖଣ୍ଡଗିରି ଥାନା ପୁଲିସ ବେଆଇନ ଦେଶୀମଦ ବିକ୍ରୟ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଖଣ୍ଡଗିରି ଥାନାଧ୍ୟାକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ସ୍ପେଶାଲ ଟିମ ଡୁମୁଡୁମା ଅନ୍ତର୍ଗତ ତ୍ରିନାଥ ମନ୍ଦିର ନିକଟରେ ଅତର୍କିତ ଚଢଉ କରିବା ସହିତ ବେଆଇନ ଦେଶୀମଦ ବିକ୍ରୟ ଅଭିଯୋଗରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତଲାସି ବେଳେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୨୧ଲିଟର ଦେଶୀମଦ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ଏହି ଦେଶୀମଦ ବିକ୍ରୟ କରିବା ନେଇ କୌଣସି ଅନୁମତି ପତ୍ର ଦେଖାଇ ପାରିନଥିବା ବେଳେ ନିଜର ଅପରାଧ ସ୍ୱୀକାର କରିଥିଲେ।

## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ୩ ଦିନିଆ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ଯୁବ ନେତୃତ୍ୱ ଶିବିର




ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ୩ - ଦିନିଆ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ଜାତୀୟ ସେବା ଯୋଜନା ଯୁବ ନେତୃତ୍ୱ ଶିବିର -୨୦୨୪ ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ୧୨୦ରୁ ଊର୍ଦ୍ଧ୍ୱ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ ଅଫିସର ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ୍ ଯୋଗ ଦେଇ କହିଥିଲେ ଯେ ଏହି ନେତୃତ୍ୱ ଶିବିରରେ ଯୋଗ ଦେଇଥିବା ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ବହୁତ କିଛି ଶିଖିବାକୁ ମିଳିବ। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା ପ୍ରତିପାଦନ କରିବା। ଏହା ମାଧ୍ୟମରେ ସେମାନେ କିପରି ସମାଜ ସେବା କରିପାରିବେ ଓ ତାଙ୍କ ମଧ୍ୟରେ ନେତୃତ୍ୱ ନେବାର ମନୋଭାବ ସୃଷ୍ଟି ହେବ ସେ ବିଷୟରେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ନିଜର କମ୍ୟୁନିକେସନ୍ ଦକ୍ଷତାକୁ ସୁଦୃଢ଼ କରିବା ନିତାନ୍ତ ଆବଶ୍ୟକ। ପୁସ୍ତକରୁ ମିଳୁଥିବା ଜ୍ଞାନ ଭିତରେ ନିଜ ଜ୍ଞାନକୁ ସୀମିତ ନ ରଖି ବାହ୍ୟ ଜ୍ଞାନ ବିଷୟରେ ଅବଗତ ହେବା ଜରୁରୀ। ନିଜେ ଶୃଙ୍ଖଳିତ ହେଲେ ହିଁ ସମାଜ ପାଇଁ ରୋଲ୍ ମଡେଲ ହୋଇପାରିବ ବୋଲି ସୁଶ୍ରୀ ପଟେଲ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଭାପତି ଭାବେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ନେତୃତ୍ୱ ନେବା ସହଜ ନୁହେଁ। ଗୋଟିଏ ନେତାକୁ ବହୁତ କିଛି ହରେଇବାକୁ ପଡ଼ିଥାଏ। ସେ ନିଜର ସ୍ୱାର୍ଥକୁ ପଛରେ ରଖି ନିଜ ଦଳ ଅବା ସମାଜ ପାଇଁ ନିଜକୁ ସଦାସର୍ବଦା ଉତ୍ସର୍ଗ କରିଥାଏ। ପ୍ରତିକୂଳ ପରିସ୍ଥିତିରେ ନିଜକୁ ଖାପ ଖୁଆଇବା ଏକ ନେତାର ଗୁଣ ବୋଲି ପ୍ରଫେସର ନନ୍ଦ କହିଥିଲେ। ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ନେତୃତ୍ୱ ଓ ନେତାର ଭୂମିକା କ'ଣ ହେବା ଉଚିତ୍ ସେ ବିଷୟରେ ସେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ।

## ୬୦ ହଜାରରେ ଶିଶୁପୁତ୍ରକୁ ବିକି ବାଇକ୍ କିଣିଲା ବାପା



ବସ୍ତା, ୨୮।୧୨ (ସଂଚାର ବ୍ୟୁରୋ): ବାପା ନାଁରେ ସାଂଘାତିକ ଅଭିଯୋଗ। କୁଆଡ଼େ ପିଲା ବିକି ନିଜ ସ୍ୱପ୍ନ ପୂରଣ କରିଛି । ସେହି ପଇସାରେ କିଣିଛି ମୋଟର ସାଇକେଲ । ସତରେ ବାପା ହେବ ତ ଏମିତି । ପିଲା ଜନ୍ମ କରିବ ଆଉ ତାକୁ ବିକି ଅଏସ୍ କରିବ । ଆଜ୍ଞା ହଁ, ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରେ। ଅଭିଯୋଗ ଅନୁସାରେ ନଟାକଟା ପଞ୍ଚାୟତର ହଦମଉଦ ଗାଁରେ ନିଜର ୧୦ ଦିନର ଶିଶୁପୁତ୍ରକୁ ବିକ୍ରି କରି ବାଇକ କିଣିଲା ସ୍ୱାର୍ଥପର ବାପା । ନିଜର ବାଇକ ଚଢିବାର ସଉକ ଗୋଟେ ବାପାକୁ କରି ଦେଇଛି ଅନ୍ଧ। ପିଲାଟିର ମାଆ ହେଉଛନ୍ତି ଶାନ୍ତି ପାତ୍ର । ୩ ବର୍ଷ ତଳେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ପୋଡାପଡା ଗାଁର ଧର୍ମୁ ବେହେରାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀ ହଦମଉଦ ଗାଁରେ ରହୁଥିଲେ । ପୂର୍ବରୁ ଶାନ୍ତିଙ୍କର ଗୋଟିଏ ପୁଅ ରହିଥିବା ବେଳେ ଧର୍ମୁଙ୍କୁ ବିବାହ କରିବା ପରେ ପୁଣି ଗୋଟିଏ ପୁଅକୁ ୧୦ ଦିନ ତଳେ ଜନ୍ମ ଦେଇଥିଲେ । ଗତ ୧୯ ତାରିଖ ଦିନ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଜନ୍ମ ଦେଇଥିଲେ ପିଲାକୁ । ୨୨ ତାରିଖ ଦିନ ଡାକ୍ତରଖାନାରୁ ଡିସଚାର୍ଜ ହୋଇଥିଲେ ଶାନ୍ତି । ତେବେ ଅଭିଯୋଗ ହୋଇଛି କି କିଛି ଲୋକଙ୍କ ସହାୟତାରେ ଧର୍ମୁ ପିଲାଟିକୁ ୬୦ ହଜାର ଟଙ୍କାରେ ବିକ୍ରି କରିଛି । ଉଦଳା ଥାନା ଅନ୍ତର୍ଗତ ସାଇଁକୁଳା ପଞ୍ଚାୟତ ମାଣିଚକ ଗାଁର ଜଣେ ନିଃସନ୍ତାନ ବ୍ୟକ୍ତିଙ୍କୁ ୬୦ ହଜାର ଟଙ୍କାରେ ବିକ୍ରି କରିଥିବା କୁହାଯାଉଛି । ଆଉ ସେହି ଟଙ୍କାରେ ଅମର୍ଦାରୋଡ ସ୍ଥିତ ଏକ ବାଇକ ସୋରୁମରୁ ମାସିକିଆ କିସ୍ତି ହିସାବରେ ଗୋଟିଏ ବାଇକ କିଣି ଗାଁରେ ବୁଲାବୁଲି କରିଥିଲେ ଧର୍ମୁ। ଧର୍ମୁ ଜଣେ ଗରିବ ପରିବାରର ହୋଇଥିବା ବେଳେ ନୂଆ ଗାଡି କେମିତି କିଣିଲା ପୁଣି ଡାକ୍ତରଖାନାରେ ଜନ୍ମ ହୋଇଥିବା ପୁଅ କୁଆଡ଼େ ଗଲା ବୋଲି ସମସ୍ତଙ୍କ ମନରେ ସନ୍ଦେହ ହୋଇଥିଲା । ପରେ ଜଣା ପଡିଥିଲା କି ତାଙ୍କର ଜନ୍ମ ହୋଇଥିବା ଶିଶୁପୁତ୍ରକୁ ସେ ବିକ୍ରି କରି ଗାଡି କିଣିଛନ୍ତି ବୋଲି । ଏହି ଘଟଣା ପ୍ରଘଟ ହେବା ପରେ ୨୭ ତାରିଖ ଦିନ ଜଣେ ନୋଟାରି ପାଖକୁ ଯାଇ ପୁଅକୁ ଦାନ କରିଥିବା ଆଫିଡେଭିଟ୍ କରିଛନ୍ତି । ଅଭାବ ଅନଟନ ଭିତରେ ପିଲାକୁ ପାଳି ପାରିବେ ନାହିଁ ବୋଲି ଏହାକୁ ଦାନ କରିଥିବା ସତ୍ୟପାଠରେ ଲେଖିଛନ୍ତି । ଆଉ ପୁଅ ବିକ୍ରି କରିଥିବା କଥାକୁ ମାନି ନାହାନ୍ତି ଉଭୟ ସ୍ୱାମୀ ସ୍ତ୍ରୀ।

## ପଦାର୍ଥ ରସାୟନ ବିଜ୍ଞାନରେ ଅଗ୍ରଗତି ଶୀର୍ଷକ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଓଡ଼ିଶା କେମିକାଲ ସୋସାଇଟି ପକ୍ଷରୁ ପଦାର୍ଥ ରସାୟନ ବିଜ୍ଞାନରେ ଅଗ୍ରଗତି ସମ୍ପର୍କିତ ତିନି ଦିନିଆ ଜାତୀୟ ସମ୍ମିଳନୀ ଆଜି ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ରେ ଅନୁଷ୍ଠିତ ହୋଇଯାଇଛି । ଏଥିସହ ସୋସାଇଟିର ୩୮ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଜ୍ଞାନ ଓ ବୈଷୟିକ ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ରସାୟନ ବିଜ୍ଞାନ ହେଉଛି ବିଜ୍ଞାନର ମୂଳଭିତ୍ତି । ରାଜ୍ୟରେ ଏକ ଉତ୍ସର୍ଗୀକୃତ ରସାୟନ ବିଜ୍ଞାନ ପ୍ରତିଷ୍ଠାନର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା କେମିକାଲ ସୋସାଇଟି (ଓସିଏସ୍)ର ସଭାପତି ପ୍ରଫେସର ଅଜୟ କୁମାର ବେହେରା ଓ ଓୟୁଟିଆର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଯୋଗଦେଇ ଥିଲେ । ଉକ୍ତ ସମ୍ମିଳନୀର ଆବଶ୍ୟକତା ଉପରେ ସେମାନେ ଆଲୋଚନା କରିଥିଲେ। କେବଳ ବୈଜ୍ଞାନିକ ଅନୁସନ୍ଧାନର ପରିସୀମାକୁ ଆଗେଇ ନେବା ପାଇଁ ନୁହେଁ ବରଂ ସମାଜର ପ୍ରଗତିରେ ଆବଶ୍ୟକୀୟ ଯୋଗଦାନ ଦେବା ଉଦ୍ଦେଶ୍ୟରେ ଆସନ୍ତା ଦୁଇ ଦିନ ଧରି ଏହି ସମ୍ମିଳନୀରେ ଏକାଧିକ ବୈଷୟିକ ଅଧିବେଶନ ଓ ପରେ ସମାପନୀ ସମାରୋହ ଅନୁଷ୍ଠିତ ହେବ।



## ଫସଲ କ୍ଷତିପୂରଣ ଦାବିରେ ସିପିଆଇର ବିକ୍ଷୋଭ




ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଲଗାତର ଭାବରେ ଅଦିନିଆ ବର୍ଷା ହେତୁ କୃଷକର ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଯାଇଥିବାରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଚାଷୀକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା ଦାବିରେ ଆଜି ଭୁବନେଶ୍ୱର ରାଜମହଲଠାରେ ବିକ୍ଷୋଭ ପ୍ରଦର୍ଶନ ଓ ରାସ୍ତାରୋକ ଆନ୍ଦୋଳନ କରାଯାଇଛି। ମୁଣ୍ଡରେ ନଷ୍ଟ ହୋଇଯାଇଥିବା ଗଜାଧାନ ଧରି ବିଭିନ୍ନ ସ୍ଲୋଗନମାନ ଦେଇ ଏକ ପଟୁଆରରେ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ବାହାରି ବିକ୍ଷୋଭକାରୀମାନେ ରାଜମହଲଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ସିପିଆଇ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା କହିଥିଲେଯେ ଅଦିନିଆ ବର୍ଷା ଯୋଗୁଁ ଧାନ, କପା ସାଙ୍ଗକୁ ଫୁଲ ଏବଂ ପନିପରିବା ଫସଲ ଇତ୍ୟାଦି ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ପୁରୀ, ଗଂଜାମ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ଫସଲ କ୍ଷତିହେତୁ କୃଷକମାନେ ଆତ୍ମହତ୍ୟାର ରାସ୍ତା ବାଛିନେଲେଣି। ଅନ୍ନଦାତା କୃଷକମାନେ ଫସଲ ନଷ୍ଟ ହେତୁ ହତାସ ହୋଇଥିବାବେଳେ ରାଜ୍ୟ ଯୋଗାଣମନ୍ତ୍ରୀ ନକଲି ଚାଷୀ ବୋଲି କହି କୃଷକମାନଙ୍କୁ ତଚ୍ଛଲ୍ୟ କରି ଅପମାନ ଦେବା ଅତ୍ୟନ୍ତ ଲଜ୍ଜାକର ଓ ପରିତାପର ବିଷୟ ବୋଲି ସେ ନିନ୍ଦା କରିଥିଲେ। ରାଜ୍ୟର ଡ଼ବଲ ଇଞ୍ଜିନ୍ ସରକାର ନଷ୍ଟ ହୋଇଥିବା ଫସଲ ପାଇଁ କୃଷକମାନଙ୍କୁ ତୁରନ୍ତ କ୍ଷତିପୂରଣ ଦେବାପାଇଁ ସେ ଦୃଢ଼ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତମୂଲିଆ ନେତା ଶଙ୍କର୍ଷଣ ବାରିକ, ଛେଡେମ୍ବର ଭୋଇ, ଉଗ୍ରସେନ ଦାସ, ଶରତ ସ୍ୱାଇଁ, ଶ୍ରମିକ ନେତା ପଞ୍ଚାନନ ସାହୁ, ରାଧାକାନ୍ତ ଶତପଥୀ ପ୍ରମୁଖ ପଟୁଆର ଏବଂ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଏଚ୍‌ଆଇଏଲ୍ ଉଦ୍‌ଘାଟିତ

ରାଉରକେଲା, ୨୮।୧୨ (ସଂଚାର ବ୍ୟୁରୋ): ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ସ୍ଥାନୀୟ ବୀର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ରାତି ପ୍ରାୟ ୮.୧୫ରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦିଲ୍ଲୀ ଏସ୍‌ଜି ପାଇପରସ୍ ଓ ଟିମ୍ ଗୋନାସିକ ପରସ୍ପରକୁ ଭେଟିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଉଭୟ ଟିମ୍ ୨-୨ରେ ବରାବର ଥିବା ବେଳେ ବୋନସ୍ ପଏଣ୍ଟରେ ଦିଲ୍ଲୀ ଏସ୍‌ଜି ପାଇପର୍‌ସ ବିଜୟ ହାସଲ କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଡ, ମନମୋହନ ସିଂହଙ୍କ ପରଲୋକ ଯୋଗୁ ଦେଶରେ ୭ ଦିନିଆ ଶୋକ ପାଳନ କରାଯାଉ ଥିବାରୁ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଆଡମ୍ବରପୂର୍ଣ୍ଣ କରାଯାଇନି।




## ରିଲ୍ସ କରି ଡଣ୍ଡ ଗଣିଲେ ଅମାନିଆ ଯୁବକ

ବାଲେଶ୍ୱର,୨୮।୧୨ (ସଂଚାର ବ୍ୟୁରୋ): ରିଲସ କରି ଡଣ୍ଡ ଗଣିଲେ ୨ ଜଣ ଅମାନିଆ ଯୁବକ। ବାଲେଶ୍ୱର ରାଜରାସ୍ତାରେ ବେପରୁଆ ଗାଡ଼ିଚାଳନା ଏବଂ ବିନା ହେଲମେଟରେ ଗାଡ଼ି ଚଳାଇବା ୨ ଜଣ ଯୁବକଙ୍କ ପାଇଁ ମହଙ୍ଗା ପଡିଛି। ସେମାନଙ୍କ ନାଁରେ ୧୧ ହଜାର ଟଙ୍କା ଚାଲାଣ କାଟିଛି ବାଲେଶ୍ୱର ଆରଟିଓ। ଜଣେ ଯୁବକ ବାଲେଶ୍ୱରର ଏବଂ ଆଉ ଜଣେ ନୀଳଗିରିର । ଦୁଇ ଯୁବକ ବାଲେଶ୍ୱର ସହରର ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ବେପରୁଆ ଭାବେ ଗାଡି ଚାଳନା କରି ରିଲସ କରିବା ସହିତ ଲୋକଙ୍କ ଜୀବନକୁ ବିପଦରେ ପକାଉଥିଲେ। ସେମାନଙ୍କୁ ଭିଡଜ୍ ନିଶା ଘାରିଥିବା ବେଳେ ପରିବହନ ବିଭାଗର ଛାଟ ପଡିଛି । ସେମାନେ ବ୍ୟବହାର କରୁଥିବା ଦୁଇଟି ବାଇକକୁ ଜବତ କରି ରଖିଛି ପରିବହନ ବିଭାଗ। ବାପା ମା ଆସି ଅଣ୍ଡରଟେକିଂ ଲେଖିବା ପରେ ଗାଡି ଫେରସ୍ତ ଦିଆଯିବ। ପୁନର୍ବାର ନିୟମ ନମାନିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ପରିବହନ ଇନ୍ସପେକ୍ଟର।

## ମାଗଣା ଯୋଜନା କୋଟିଏରୁ ଅଧିକ

ଭୁବନେଶ୍ୱର, ୨୮।୧୨: ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ମାଗଣା ଚାଉଳ ଲୁଟ୍ ସଂକ୍ରାନ୍ତରେ ନୂଆ ନୂଆ ତଥ୍ୟ ଉନ୍ମୋଚିତ ହେଉଛି। ଏହି ଯୋଜନାରେ ଆସୁଥିବା ଚାଉଳର ଅନ୍ୟୁନ ୨୪.୭ ପ୍ରତିଶତ ବାଟ ମାରଣା ହେଉଥିବା କଥା ଇତିମଧ୍ୟରେ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ରିଲେସନ୍ସର ଏକ ରିପୋର୍ଟରେ ପ୍ରକାଶ ପାଇବା ପରେ ପରେ ଏବେ ରାଜ୍ୟ ଯୋଗାଣ ମନ୍ତ୍ରୀ ପ୍ରକାଶ କରିଥିବା ତଥ୍ୟ ମୁତାବକ ଓଡ଼ିଶାରେ ଏଯାବତ୍ ୪୦ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହେଲେଣି। ପ୍ରକ୍ରିୟା ଜାରି ରହିଥିବାରୁ ଅଯୋଗ୍ୟ ଓ ମୃତ ହିତାଧିକାରୀଙ୍କ ସଂଖ୍ୟା ଢେର ବଢ଼ିପାରେ। ସରକାରୀ ତଥ୍ୟ ମୁତାବକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାରେ ୩୨୬ଲକ୍ଷ ୩୩ ହଜାର ଲୋକଙ୍କୁ ମାଗଣା ଚାଉଳ ଯୋଗାଯାଉଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୦ଲକ୍ଷରୁ ଅଧିକ ଲୋକଙ୍କୁ ମାଗଣା ଚାଉଳ ଦିଆଯାଉଛି। ପ୍ରତି ହିତାଧିକାରୀ ମାସିକ ମୁଣ୍ଡପିଛା ୫କିଲୋ କରି ଚାଉଳ ପାଉଥିବା ବେଳେ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀ ପରିବାର ମାସିକ ୩୫ କିଲୋ ଚାଉଳ ପାଉଛନ୍ତି। ଏହାଛଡ଼ା ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲ୍ ଓ ଅନ୍ୟ କେତେକ ସଂସ୍ଥାନକୁ ବି ଶସ୍ତାରେ କିମ୍ବା ମାଗଣାରେ ଚାଉଳ ଯୋଗା ଯାଉଛି। ବିଦ୍ୟାଳୟଗୁଡ଼ିକର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ବି ଚାଉଳ ଯୋଗାଣ ଅବ୍ୟାହତ ରହିଛି। ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ହିସାବ ମୁତାବକ ୪୦ଲକ୍ଷ ଭୂତ ହିତାଧିକାରୀ ଅଛନ୍ତି। ଏମାନଙ୍କ ପାଇଁ ବର୍ଷକୁ ମୁଣ୍ଡପିଛା ୬୦ କିଲୋ କରି ଚାଉଳ ଉଠାଯାଉଛି। ଏହି ଚାଉଳ ପାଇଁ ସରକାର କିଲୋ ପିଛା ହାରାହାରି ୪୦ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଣୁ ସିଧାସଳଖ ଭାବେ ଏହି ଭୂତ ହିତାଧିକାରୀଙ୍କ ନାମରେ ବର୍ଷକୁ ପ୍ରାୟ ୯୬୦ କୋଟି ଟଙ୍କା ମୂଲ୍ୟର ଚାଉଳ ହେରଫେର୍ ହେଉଛି। ଅନ୍ୟ ରିପୋର୍ଟ ମୁତାବକ ଓଡ଼ିଶାରେ ବର୍ଷକୁ ପ୍ରାୟ ୭ଲକ୍ଷ ମେଟ୍ରିକ ଟନ୍‌ଚାଉଳ ଦୁର୍ନୀତି ମାଗଣା ବଣ୍ଟନ ବ୍ୟବସ୍ଥାରେ ହେଉଛି। ଯାହାର ପରିମାଣ ପ୍ରାୟ ୨୮୦୦ କୋଟି ଟଙ୍କା ହେବ। ଏହି ଦୁର୍ନୀତିରେ କୋଟିଏରୁ ଅଧିକ ଲୋକ ସମ୍ପୃକ୍ତ ଥାଇପାରନ୍ତି। ବର୍ଷବର୍ଷ ଧରି ଏହି ଦୁର୍ନୀତିରେ ଯେଉଁ ଅଯୋଗ୍ୟ ହିତାଧିକାରୀ, ରାଜନେତା, ଡିଲର୍ ଓ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ସେମାନଙ୍କ ଠାରୁ ଏହା ଆଦାୟ କରିବା ପାଇଁ ଏବେ ବିଭିନ୍ନ ମହଲରେ ଦାବି ଜୋର ଧରିଛି। ପୂର୍ବରୁ କାଳିଆ ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ବଣ୍ଟା ଯାଇଥିଵା ବେଳେ ସେମାନଙ୍କ ଠାରୁ ଏହା ଫେରସ୍ତ ଅଣାଯିବ ନାହିଁ ବୋଲି ସରକାରୀ ଭାବେ ଘୋଷଣା କରାଯାଇଥିବା ପରିପ୍ରେକ୍ଷୀରେ ମାଗଣା ଚାଉଳ ଦୁର୍ନୀତିରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ତାହା ଉପରେ ସମସ୍ତଙ୍କ ନଜର। (ତଥ୍ୟ)




## ଫେବୃୟାରୀ ୨ରୁ ଶ୍ରୀଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ




ଭୁବନେଶ୍ୱର,୨୮।୧୨ (ସଂଚାର ବ୍ୟୁରୋ): ଯଜ୍ଞ ସମାଜର ମଙ୍ଗଳ ଓ ବାୟୁମଣ୍ଡଳର ଶୁଦ୍ଧିକରଣ ପାଇଁ ଏକ ମାର୍ଗ ଅଟେ। ମନକୁ ଶୁଦ୍ଧ ଓ ପବିତ୍ର କରିବା ସହ ଭଗବାନଙ୍କ ସହ ଯୋଡ଼ିହେବାରେ ଯଜ୍ଞ ମଧ୍ୟ ଏକ ଦିଗ ଅଟେ। ସମାଜ ତଥା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ସମାଜ କଲ୍ୟାଣ ଓ ସୁଖ, ଶାନ୍ତିର ପ୍ରାର୍ଥନା କରିବାର ଏକ ଅବସର। ଏହି ପରିପ୍ରେକ୍ଷୀରେ ଏକ ସୁସ୍ଥ, ସ୍ୱଚ୍ଛ ପରିବେଶ ଭିତରେ ହଜାର ହଜାର ଲୋକଙ୍କୁ ଏକାଠି କରି ରାଜ୍ୟର ଶାନ୍ତି, ସମୃଦ୍ଧି, ପରିବେଶ କଲ୍ୟାଣର୍ଥେ ତଥା ବାୟୁମଣ୍ଡଳ ଶୁଦ୍ଧିକରଣ ନିମନ୍ତେ ଏହି ଶ୍ରୀ ଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ ଆୟୋଜନ କରାଯାଉଅଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ବିଶାଳ ଯଜ୍ଞର ଆୟୋଜନ କରାଯାଉଛି। ପୂଜାନନା ଯଜ୍ଞ ଫାଉଣ୍ଡେସନ ଏଵଂ ପରିବର୍ତ୍ତନ ଓଡିଶା ତଥା ଶ୍ରୀ ଜଗନ୍ନାଥ ପ୍ରେମୀ ଭକ୍ତବୃନ୍ଦଙ୍କ ପକ୍ଷରୁ ଫେବୃୟାରୀ ୨ ତାରିଖ (ରବିବାର)ଶ୍ରୀ ପଞ୍ଚମୀଠାରୁ ୧୦ ତାରିଖ ସୋମବାର ମାଘ ଶୁକ୍ଳ ତ୍ରୟୋଦଶୀ ପର୍ଯ୍ୟନ୍ତ ଏହି ମହାଯଜ୍ଞ ପୁରୀ ବ୍ରହ୍ମଗିରି ରାସ୍ତା ଗିରଳ ଛକ ନିକଟସ୍ଥ ଶାମୁକା ପ୍ରକଳ୍ପ ପାଖରେ ଅନୁଷ୍ଠିତ ହେବ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୫୧ ଜଣ ବୈଦିକ ବ୍ରାହ୍ମଣ ଯୋଗଦେବେ। ବେଦଧ୍ୱନିର ପୁରି ଉଠିବ ସମଗ୍ର ପରିବେଶ। ପାଖାପାଖି ୧୬ ଏକର ସ୍ଥାନରେ ଏହି ମହାଯଜ୍ଞ ଆୟୋଜିତ ହେଉଛି। ସମୁଦ୍ର କୂଳର ସୁସ୍ଥ ବାତାବରଣ ସହ ଛୋଟ ଛୋଟ କୁଡ଼ିଆ, ଓଡ଼ିଶାର କଳା, ସଂସ୍କୃତିକୁ ରୁଦ୍ଧିମନ୍ତ କଳାଭଳି ପରିବେଶ ଭିତରେ ଏହି ବିଶାଳ ଯଜ୍ଞ ଅନୁଷ୍ଠିତ ହେବ। ଏହି ଯଜ୍ଞରେ ବିଭିନ୍ନ ସ୍ଥାନରୁ ପଣ୍ଡିତମାନେ ଯୋଡ଼ି ହେଉଥିବାରୁ ତାହା ସମଗ୍ର ବିଶ୍ୱକୁ ଏକ ନିଆରା ବାର୍ତ୍ତା ପ୍ରଦାନ କରିବ।

ଜୀବନ ଅମୃତ ଅନୁଚିନ୍ତା

ଭକ୍ତିର ଶକ୍ତି-ଈଶ୍ୱରଙ୍କ ପ୍ରତି ବିଶ୍ୱାସ ହିଁ ଭକ୍ତିର ଆଧାର। ଯାହାର ବିଶ୍ୱାସ ନାହିଁ, ତାହାର ଭକ୍ତି ଅସମ୍ଭବ। ଭକ୍ତି ଆଗରେ ଅନ୍ୟ ସମସ୍ତ ତପସ୍ୟା ତୁଚ୍ଛ। ବିନା ଭକ୍ତିରେ ଈଶ୍ୱର ପ୍ରାପ୍ତି ଅସମ୍ଭବ।

SANCHAR
ସଂଚାର

୪ ରବିବାର ୨୯ ଡିସେମ୍ବର ୨୦୨୪, ଭୁବନେଶ୍ୱର
Sunday 29 December 2024 Bhubaneswar

# ପରବର୍ତ୍ତୀ ପରୀକ୍ଷା ପାଇଁ ପ୍ରସ୍ତୁତି

ଆସନ୍ତା ଫେବୃଆରୀରେ ଦିଲ୍ଲୀ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଖୁବ ଶୀଘ୍ର ଏଥିପାଇଁ କାର୍ଯ୍ୟସୂଚୀ ଘୋଷଣା ହେବାକୁ ଯାଉଛି। ଏହା ପରେ ସମ୍ଭବତଃ ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବ। ଏଥିଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜାତୀୟ ରାଜନୀତିରେ ବିହାରର ଗୁରୁତ୍ୱ ବହୁ ଅଧିକ। ବିହାରରୁ ଲୋକନାୟକ ଜୟପ୍ରକାଶ ନାରାୟଣ ତାଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଆରମ୍ଭ କରଇଥିଲେ ଏବଂ ଦେଶରେ ପ୍ରଥମ ଥର ଲାଗି ଅଣକଂଗ୍ରେସ ସରକାର ଗଠିତ ହୋଇଥିଲା। ନିକଟରେ ଗୃହ ମନ୍ତ୍ରୀ ଅମିତ ଶାହା ରାଜ୍ୟସଭାରେ ସମ୍ବିଧାନ ଉପରେ ସ୍ୱତନ୍ତ୍ର ଆଲୋଚନା ବେଳେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରଶଂସକ ବା ଅନୁଗାମୀଙ୍କ ପ୍ରତି କିଛି ଅରୁଚିକର ମନ୍ତବ୍ୟ ଦେଇଥିଲେ ଯାହା ଉଚିତ ନଥିଲା। ଏହାକୁ ନେଇ ଏବେ ବିରୋଧୀ ତୁମ୍ବିତୁଫାନ ଚଳାଇଛନ୍ତି। ବିଜେପି ସମ୍ବିଧାନ ବିରୋଧୀ, ଦଳିତ ବିରୋଧୀ ଏବଂ ଆମ୍ବେଦକର ବିରୋଧୀ ବୋଲି ବୁଲୁଛନ୍ତି। ବିହାର ରାଜନୀତିରେ ଏହା ପ୍ରଭାବ ପକାଇପାରେ। ଏହାକୁ ଆକଳନ କରି ଏନଡିଏ ନେତୃବର୍ଗ ଏବେ ଏକାଠି ହୋଇ ମିଳିତ ରଣନୀତି ପ୍ରସ୍ତୁତ କରୁଛନ୍ତି। ଜିତନ ରାମ ମାନଝୀ, ଚିରାଗ ପାଶ୍ୱାନ, ଉପେନ୍ଦ୍ର କୁଶୱା ପ୍ରମୁଖ ଶାହାଙ୍କ ବୟାନ ଜନିତ କ୍ଷତି କିପରି ଭରଣା ହୋଇପାରିବ ଏବଂ କଂଗ୍ରେସ ଅପପ୍ରଚାରକୁ କିପରି ପ୍ରତିହତ କରାଯାଇପାରିବ ସେଥିଲାଗି ରଣନୀତି ପ୍ରସ୍ତୁତ କରୁଛନ୍ତି। ଏଥିଲାଗି ଏନଡିଏ ପକ୍ଷରୁ କଂଗ୍ରେସ ବିରୋଧରେ କାଉଣ୍ଟର ଆଟାକ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଲୋକସଭା ନିର୍ବାଚନ ପରେ ୪ଟି ରାଜ୍ୟ ବିଧାନସଭା ଏବଂ କେତେକ ଉପନିର୍ବାଚନ ହୋଇଛି। ଦୁଇଟି ରାଜ୍ୟରେ ବିଜେପି ଏବଂ ଏହାର ସହଯୋଗୀ ଦଳମାନେ ବିଜୟୀ ହୋଇଥିବା ବେଳେ ଅନ୍ୟ ଦୁଇଟି ରାଜ୍ୟରେ ଇଣ୍ଡିଆ ମେଣ୍ଟ ବିଜୟୀ ହୋଇଛି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସ୍କୋର ସମାନ। କିନ୍ତୁ ବାସ୍ତବତା ଦୃଷ୍ଟିରୁ ଦେଖିଲେ ୪ଟି ବିଧାନସଭା ନିର୍ବାଚନରେ ବିଜେପିର ସଫଳତା ହାର ଅଧିକ। ମହାରାଷ୍ଟ୍ର ଭଳି ଏକ ବଡ଼ ରାଜ୍ୟ ତଥା ହରିୟାନା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଜେପି ବିଜୟ ହାସଲ କରିଛି। ମହାରାଷ୍ଟ୍ରରେ ବିଜୟର ବ୍ୟବଧାନ ବେଶ ଅଧିକ ହୋଇଛି। ସେଠାରେ ବିଜେପି ଏକାକି ପାଖାପାଖି ସଂଖ୍ୟାଗରିଷ୍ଠତାର ନିକଟତର ହୋଇଛି। କିନ୍ତୁ ଝାଡ଼ଖଣ୍ଡରେ ବିଜେପି ପରାଜିତ ହୋଇଛି। ସେଠାରେ ହେମନ୍ତ ସୋରେନଙ୍କ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ଜିତିଛି। ଜେଏମଏମ ସହ କଂଗ୍ରେସ, ଆରଜେଡି ଏବଂ ସିପିଆଇ(ଏମଏଲ) ମେଣ୍ଟ କରିଥିଲେ। ସେଠାରେ କଂଗ୍ରେସର ବିଜୟ ଗୌଣ ଭାବେ ବିଚାର କରାଯାଉଛି। ଜାମ୍ମୁ-କାଶ୍ମୀରର ପୂର୍ଣ୍ଣ ରାଜ୍ୟମାନ୍ୟତା ପାଇନି। ଏହା ଏକ କେନ୍ଦ୍ର ଶାସିତ ଅଞ୍ଚଳ। ସେଠାରେ ଓମାର ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ ବିଜୟୀ ହୋଇ ସରକାର ଗଠନ କରିଛି। ବିଜେପି ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଛି। କଂଗ୍ରେସ ସେଠାରେ ନ୍ୟାସନାଲ କନଫରେନ୍ସ ସହ ମେଣ୍ଟ କରି କିଛିଟା ସଫଳତା ପାଇଛି। କିନ୍ତୁ ନ୍ୟାସନାଲ କନଫରେନ୍ସ ସରକାର ଗଠନରେ କଂଗ୍ରେସର ସହଯୋଗ ଆବଶ୍ୟକ କରୁନି। କାଶ୍ମୀର ଉପତ୍ୟକାରେ ନ୍ୟାସନାଲ କନଫରେନ୍ସ ବିଜୟୀ ହୋଇଥିବା ବେଳେ ଜାମ୍ମୁରେ ବିଜେପି ଅଧିକ ଆସନ ପାଇଛି। ଝାଡ଼ଖଣ୍ଡ ଓ ଜାମ୍ମୁ-କାଶ୍ମୀରରେ ଦୁଇଟି ଆଞ୍ଚଳିକ ଦଳ ବିଜୟୀ ହୋଇଥିବା ବେଳେ ବିଜେପି ଦୁଇ ନମ୍ବର ସ୍ଥାନରେ ରହି ନିଜ ସ୍ଥିତି ଜାହିର କରିଛି। ଏବେ ଫୋକସ ୨୦୨୫ ଉପରେ। ଆସନ୍ତା ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବ। ବର୍ଷ ଶେଷକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏବେ ଦିଲ୍ଲୀ ଦଖଲ ପାଇଁ ଶାସକ ଆପ ଏବଂ ବିଜେପି ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ। କଂଗ୍ରେସ ସେଠାରେ କେବଳ ନିଜ ସ୍ଥିତିରେ ଉନ୍ନତି ଲାଗି ବ୍ୟାକୁଳ। ଦିଲ୍ଲୀ ବିଧାନସଭାରେ କଂଗ୍ରେସ ସମ୍ପୂର୍ଣ୍ଣ ପ୍ରତିନିଧି ଶୂନ୍ୟ। ସେଠାରେ ଏକଦା କଂଗ୍ରେସ କ୍ରମାଗତ ୧୫ ବର୍ଷ ଧରି କ୍ଷମତାରେ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ ଶକ୍ତିହୀନ ହୋଇପଡ଼ିଛି। ୨୦୧୪ ଏବଂ ୨୦୧୯ରେ ଦିଲ୍ଲୀର ସମସ୍ତ ୭ଟି ଲେଣକସଭା ଆସନରେ ବିଜେପି ବିଜୟୀ ହୋଇଥିଲା। କିନ୍ତୁ ଅଳ୍ପ କିଛି ମାସ ପରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟୀ କ୍ଲିନ ସୁଇପ କରିଛି। ୨୦୨୪ରେ ମଧ୍ୟ ବିଜେପି ଦିଲ୍ଲୀର ସମସ୍ତ ୭ଟି ଲୋକସଭା ଆସନ ଦଖଲ କରିଛି। କିନ୍ତୁ ଏହା ସତ୍ତ୍ୱେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହା ବିଜୟ ସମ୍ଭାବନା ନେଇ ନିଶ୍ଚିତ ନୁହେଁ। ଅତୀତର ଅଭିଜ୍ଞତା ଏହା ପ୍ରମାଣିତ କରିଛି। ମହାରାଷ୍ଟ୍ର ଏବଂ ହରିୟାନାରେ ଲୋକସଭା ନିର୍ବାଚନରେ କଂଗ୍ରେସ ବା ଇଣ୍ଡିଆ ବ୍ଲକ ଅଧିକ ସଫଳତା ପାଇଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ ଫଳ ଓଲଟିଗଲା। କାରଣ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ପ୍ରସଙ୍ଗ ଭିନ୍ନ, ନେତୃତ୍ୱ ଭିନ୍ନ। ଦିଲ୍ଲୀରେ ବିଜେପିର କେହି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନାହାଁନ୍ତି। ଦଳ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାବମୂର୍ତ୍ତିଆ ଆଧାରରେ ଲଢ଼ିବ। କିନ୍ତୁ ଆପର ନେତା ହେଉଛନ୍ତି ଅରବିନ୍ଦ କେଜରିୱାଲ। କେଜରିୱାଲଙ୍କୁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ବିଗତ ଦୁଇଟି ନିର୍ବାଚନରେ ଦିଲ୍ଲୀବାସୀ ଆପକୁ ଭୋଟ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ବିଜେପି କେଜରିୱାଲଙ୍କୁ ଲଗାତର ଟାର୍ଗେଟ କରି ଆସୁଛି। ମଦ ଦୁର୍ନୀତି ମାମଲାରେ କେଜରିୱାଲ ଓ ତାଙ୍କ ସହଯୋଗୀ ମନିଷ ସିସୋଦିଆ ଗିରଫ ହୋଇ ଦୀର୍ଘ ଦିନ ଜେଲରେ ରହିଲେ। ଏବେ ଜାମିନରେ ଆସିଛନ୍ତି। କିନ୍ତୁ ତାଙ୍କୁ ପୁନର୍ବାର ଗିରଫ କରିବାକୁ ଇଡି ଯୋଜନା କରୁଛି। ତାଙ୍କୁ ଦଣ୍ଡିତ କରିବା ନିମନ୍ତେ ଦିଲ୍ଲୀର ଏଲଜି ଇଡିକୁ ଅନୁମତି ଦେଇଛନ୍ତି। ଯାହା ଜଣା ପଡୁଛି ଫେବୃଆରୀରେ ନିର୍ବାଚନ ପୂର୍ବରୁ କିଛି ଗୋଟେ ବଡ଼ ଖେଳ ହେବ। ଦିଲ୍ଲୀ ବିଧାନସଭା ନିର୍ବାଚନ ସେମିତି ଏକ ବଡ଼ ଶକ୍ତି ପରୀକ୍ଷା ନୁହେଁ। ଏହା ଏକ କେନ୍ଦ୍ର ଶାସିତ ଅଞ୍ଚଳ। କିନ୍ତୁ ଦିଲ୍ଲୀରେ ଆପ ଯେପରି ବିଜେପିକୁ ଦୀର୍ଘ ବର୍ଷ ହେବ ଚାଲେଞ୍ଜ କରିଆସୁଛି ଏବଂ ନିଜର ପ୍ରଭାବ ବିସ୍ତାର କରୁଛି, ତାହା ବିଜେପି ପାଇଁ ଅସହ୍ୟ ହେଉଛି। ଏହାକୁ ରୋକିବା ବିଜେପି ପାଇଁ ଏକ ବଡ଼ ରାଜନୈତିକ ଆବଶ୍ୟକତା। ଏଥିପାଇଁ ବିଜେପି ସବୁ କିଛି ବାଜିରେ ଲଗାଇବାକୁ ପ୍ରସ୍ତୁତ। ଆପର କିଛି ନେତା ଏବେ ବିଜେପିରେ ସାମିଲ ହୋଇଛନ୍ତି। ସମ୍ଭବତଃ ଆଗକୁ ଆଉ କିଛି ନେତା ଆପ ଛାଡ଼ି ବିଜେପିରେ ସାମିଲ ହୋଇପାରନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ଏମିତି ଅନେକ କିଛି ଡ୍ରାମା ଦେଖିବାକୁ ମିଳିବ। ଦିଲ୍ଲୀ ଓ ବିହାର ନିର୍ବାଚନରେ ଯଦି ବିଜେପି ସଫଳ ହେବ ତେବେ ଏହାର ପ୍ରଭାବ ୟୁପି ରାଜନୀତିରେ ପଡ଼ିବ। ଯଦି ବିହାରରେ ବିଜେପି ବିଫଳ ହେବ ତେବେ ୟୁପି ହାତରୁ ଖସିଯିବା ଅସମ୍ଭବ ନୁହେଁ।

## ସମ୍ପାଦକଙ୍କୁ ପତ୍ର

### ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଉନ୍ନତି

**ମହାଶୟ,**

ପୁରୀ ଭଳି ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଏବଂ ତୀର୍ଥ କ୍ଷେତ୍ରରେ ପର୍ଯ୍ୟଟନ ଶିଳ୍ପ ହେଉଛି ମୁଖ୍ୟ । ପୁରୀର ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଏଠାକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଆସନ୍ତି। କିନ୍ତୁ ଏଠାରେ ଭଲ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନାହିଁ। ପୁରୀ ଜିଲ୍ଲା ସଦର ହସ୍ପିଟାଲର ଅବସ୍ଥା ନକହିଲେ ଭଲ। ଅନେକ ବିଭାଗରେ ସ୍ପେଶିଆଲିଷ୍ଟ ଡାକ୍ତର ନାହାଁନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରାଗଲା ଯାହାର ନିହାତି ଆବଶ୍ୟକତା ଥିଲା। କିନ୍ତୁ ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ। ଯେଉଁ ବିଭାଗ ରହିଛି ସେଠାରେ ଯଥେଷ୍ଟ ସଂଖ୍ୟକ ଡାକ୍ତର ନାହାଁନ୍ତି। ରୋଗୀଙ୍କ ପାଇଁ ଯଥେଷ୍ଟ ବେଡ ନାହିଁ। ଅନେକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ନାହିଁ। ତେଣୁ ଗୁରୁତର ରୋଗୀଙ୍କୁ କଟକ ବଡ଼ ମେଡିକାଲକୁ ରିଫର କରାଯାଉଛି। ଦୁର୍ଘଟଣାରେ ଗୁରୁତର ବ୍ୟକ୍ତି, ହୃଦଘାତରେ ଆକ୍ରାନ୍ତ ବ୍ୟକ୍ତି ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଉ ନାହାଁନ୍ତି। ତେଣୁ ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ ହେବା ଉଚିତ।

ଶ୍ରୀକାନ୍ତ ଦାସ, ବାସେଳି ସାହି, ପୁରୀ

# ଦଳୀୟ ରାଜନୀତି ଉର୍ଦ୍ଧ୍ୱରେ ଭାରତରତ୍ନ



**କିଶୋର ଚନ୍ଦ୍ର ବେହେରା**

ଯିଏ ଜୀବନରେ ସଫଳ, ତା'ର ଜୀବନ ଯେ ସାର୍ଥକ, ଏ କଥା ସତ୍ୟ ନୁହେଁ, କାରଣ ସଫଳତା ଓ ସାର୍ଥକତା ଏକା କଥା ନୁହେଁ। ଯିଏ ଜୀବନକୁ ସାର୍ଥକ କରିବାକୁ ଚାହୁଁଛି, ତାକୁ ବି ବହୁ ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିପାରେ। ଏଠି ସକ୍ରେଟିସମାନଙ୍କୁ ବିଷପାନ କରିବାକୁ ପଡ଼େ, ଯିଶୁମାନଙ୍କୁ କ୍ରୁଶବିଦ୍ଧ ହେବାକୁ ହୁଏ, ଗାନ୍ଧୀ ମଣିଷମାନେ ଗୁଳିଚୋଟରେ ଶିକାର ହୋଇ ଢଳି ପଡନ୍ତି। ଏ ଭଳି ମଣିଷମାନେ ବାରମ୍ବାର ବିଫଳ ହୁଅନ୍ତି ସତ; ମାତ୍ର ସେହି ବିଫଳତା ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗାଇଥାଏ। ଏଣୁ ମନରେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ- ମଣିଷର ଏକ ସଫଳ ଜୀବନ ଲୋଡ଼ା ନା ସାର୍ଥକ ଜୀବନ ଲୋଡ଼ା ? ଏ କ୍ଷେତ୍ରରେ ଭାରତୀୟ ଦର୍ଶନ କହେ- ଜୀବନରେ ସଫଳତା ଓ ସାର୍ଥକତା ଉଭୟକୁ ପ୍ରାପ୍ତ କରାଯାଇପାରେ। ଜୀବନର ପ୍ରାଥମିକ ଲକ୍ଷ୍ୟ ସଫଳତା ଓ ପରମ ଲକ୍ଷ୍ୟ ସାର୍ଥକତା ହେଲେ ହିଁ ସଫଳତା ଓ ସାର୍ଥକତା ଭିତରେ ଏକ ସୁନ୍ଦର ସମନ୍ୱୟର ସେତୁ ନିର୍ମାଣ କରାଯାଇପାରେ। ପାଶ୍ଚାତ୍ୟ ଦର୍ଶନରେ ଇନ୍ଦ୍ରିୟ ଜଗତ ଯେତିକି ସତ୍ୟ ପ୍ରାଚ୍ୟ ଦର୍ଶନରେ ଆଧ୍ୟାତ୍ମିକ ଜଗତ ସେତିକି ସତ୍ୟ। ଧନଜନ ଗୋପଲକ୍ଷ୍ମୀ ଯଶକୀର୍ତ୍ତି ସଫଳତାର ପରିମାପକ ହେଲାବେଳେ, ମାନବିକତା ଓ ଆଧ୍ୟାତ୍ମିକତା ସାର୍ଥକତାର ମାପକାଠି। ଯିଏ ଭଲ ମଣିଷ, ସେ ଜୀବିତ ଥାଉ କି ମୃତ, ତା'ର କୌଣସି ଦୁର୍ଭାଗ୍ୟ ଆସେ ନାହିଁ ପ୍ରତିଟି କ୍ଷେତ୍ରରେ। ପ୍ରତ୍ୟେକ ବ୍ୟକି ନିଜ ଦକ୍ଷତା ବଳରେ ବ୍ୟକ୍ତିତ୍ୱର ବିକାଶ କରିବା ସହ ସମାଜର ପ୍ରଗତି ନିମନ୍ତେ ସଦାସର୍ବଦା ତତ୍ପର ହୋଇଥାଏ। ସେହି ବ୍ୟକ୍ତିର କର୍ମ ଦକ୍ଷତାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସରକାରୀ ସ୍ତରରେ କିମ୍ବା ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ସମ୍ମାନିତ କରିବା ସହ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥାଏ। ୧୯୫୪ ମସିହାରେ ଭାରତ ସରକାରଙ୍କ ଜାତୀୟ ସ୍ତରର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ, ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ଉପାଧି ସହ ଏହି ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ପ୍ରଦାନ ଆରମ୍ଭ ହୋଇଥିଲା। ଯେକୌଣସି ଜାତି, ବୃତ୍ତି ଜୀବନ ସହ ଜଡ଼ିତ ସବୁ କ୍ଷେତ୍ରରେ ମହାନ ଅବଦାନ, ପାହ୍ୟା କିମ୍ବା ଲିଙ୍ଗର ବ୍ୟକ୍ତି ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥାଆନ୍ତି। ଭାରତରତ୍ନ ନିମନ୍ତେ ପ୍ରଧାନ ମନ୍ତ୍ରୀ ରାଷ୍ଟ୍ରପତିଙ୍କ ନିକଟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ନାମ ସୁପାରିଶ କରିଥାନ୍ତି। ଉକ୍ତ ସମ୍ମାନକୁ ଭାରତୀୟ ନାଗରିକଙ୍କୁ ପ୍ରଦାନ କରାଯିବ ସହ ବିଦେଶୀ ନାଗରିକମାନଙ୍କୁ ମଧ୍ୟ ପ୍ରଦାନ କରା ଯାଇଥାଏ।



ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ର ରାଜନୈତିକ, ସାମାଜ ସେବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ ନିଜ ଦେଶର ବେସାମରିକ ସର୍ବୋଚ୍ଚ ନାଗରିକ ସମ୍ମାନ। ସର୍ବପ୍ରଥମେ ୧୩୪୮ ମସିହାରେ ଇଂଲଣ୍ଡ ସରକାର 'ଅର୍ଡର ଅଫ ଦି ଗାରଟେର' ନାମରେ ଏହି ସମ୍ମାନ ଘୋଷଣା କରିବା ସହ ପ୍ରଦାନ କରିଥିଲେ ବ୍ରିଟିଶ ନାଗରିକଙ୍କୁ। ଯୁକ୍ତରାଷ୍ଟ୍ର ଆମେରିକା ୧୭୭୬ ମସିହାରେ 'କଙ୍ଗ୍ରେସନାଲ ଗୋଲ୍ଡ ମେଡାଲ' ଏବଂ ୧୯୬୩ରେ 'ରାଷ୍ଟ୍ରପତୀୟ ସ୍ୱାଧୀନ ପଦବୀ' ଘୋଷଣା କରିବା ସହିତ ବିଜେତା ମାନଙ୍କୁ ପ୍ରଦାନ କରିଥିଲେ। ଫ୍ରାନ୍ସ ସରକାର ନିଜ ଦେଶର ନାଗରିକଙ୍କୁ ଉତ୍ସାହିତ କରିବା ନିମନ୍ତେ ୧୮୦୪ ମସିହାରେ 'ଲିଗେନ ଅଫ ଅନର' ନାମରେ ନାମିତ କରିଛନ୍ତି। 'ଅର୍ଡର ଅଫ କାନାଡ଼ା ' ନାମରେ ୧୯୬୭ ମସିହା ଠାରୁ କାନାଡ଼ା ସରକାର ଏହି ସମ୍ମାନସ୍ପଦ ଉପାଧି ଘୋଷଣା ସହ ପ୍ରଦାନ କରୁଛନ୍ତି। ଅଷ୍ଟ୍ରେଲିଆ ସରକାର ୧୯୭୫ ମସିହାରୁ 'ଅର୍ଡର ଅଫ୍ ଅଷ୍ଟ୍ରେଲିଆ' ନାମରେ ନାମକରଣ କରି ଅଦ୍ୟାବଧି ପ୍ରଦାନ କରୁଛନ୍ତି। ପଡୋଶୀ ରାଷ୍ଟ୍ର ବାଙ୍ଗଲାଦେଶ ୧୯୭୭ ମସିହାରୁ 'ସ୍ୱାଧୀନତା ସମ୍ମାନ ' ପ୍ରଦାନ କରିଆସୁଛନ୍ତି। ସେହିଭଳି ଭାବରେ ପଡୋଶୀ ରାଷ୍ଟ୍ର ଚୀନ ଦେଶର ସର୍ବୋଚ୍ଚ ସମ୍ମାନ ୨୦୧୮ ମସିହାରେ 'ଫ୍ରେଣ୍ଡସିପ ମେଡାଲ' ଆଜି ସୁଦ୍ଧା ୧୦ଜଣଙ୍କୁ ପ୍ରଦାନ କରିଥିଲାବେଳେ ୨୦୧୯ ମସିହାର ଠାରୁ 'ମେଡାଲ ଅଫ୍ ରିପବ୍ଲିକ' ନାମରେ ସର୍ବୋଚ୍ଚ ସମ୍ମାନ ୯ଜଣଙ୍କୁ ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ୧୯୫୪ ମସିହା ଠାରୁ ୨୦୨୪ ପର୍ଯ୍ୟନ୍ତ ୨୭ଟି ପର୍ଯ୍ୟାୟରେ ୫୩ଜଣଙ୍କୁ ପ୍ରଦାନ କରାଗଲାଣି। ଏଥିମଧ୍ୟରୁ ୨୫ଜଣ ବ୍ୟକ୍ତିବିଶେଷ ଦଳୀୟ ରାଜନୀତିରେ କୌଣସି ସଂପୃକ୍ତି ନଥିଲା ବେଳେ ଶିକ୍ଷା, ସଂସ୍କାରଧର୍ମୀ ବ୍ୟକ୍ତିବିଶେଷ, ସଂସ୍କୃତ ପଣ୍ଡିତ, ନୋବେଲ ପୁରସ୍କାର ବିଜେତା, ସ୍ୱାଧୀନତା ସଂଗ୍ରାମୀ, ବିଜ୍ଞାନ, ସମ୍ବିଧାନ ପ୍ରଣେତା, କଥାଚିତ୍ର ନିର୍ଦ୍ଦେଶକ, ନାରୀନେତ୍ରୀ, ଶାସ୍ତ୍ରୀୟ କଣ୍ଠଶିଳ୍ପୀ, ବିଶିଷ୍ଟ ସିତାର ବାଦକ, ସଙ୍ଗୀତ ଗାୟକ, କୃଷି ଓ କ୍ରିକେଟ ଖେଳାଳୀଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ସୂଚକ ଉପାଧିରେ ବିଭୂଷିତ କରାଯାଇଛି। ଭାରତ ସରକାରଙ୍କର ଏହି ସର୍ବୋଚ୍ଚ ସମ୍ମାନ କେବଳ ଭାରତୀୟଙ୍କୁ ପ୍ରଦାନ କରାଯିବାକୁ ଲିଖିତ ନିୟମ ନ ଥିବାରୁ ଖାନ ଅବଦୁଲ ଗଫର ଖାଁଙ୍କୁ ୧୯୮୭ ମସିହାରେ, ମଦର ଟେରେସାଙ୍କୁ ୧୯୮୦ ମସିହାରେ ଏବଂ ନେଲସନ ମଣ୍ଡେଲାଙ୍କୁ ୧୯୯୦ ମସିହାରେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଆରମ୍ଭ ହେବା ସମୟରେ ମରଣୋତ୍ତର ଭାବେ ଏହାକୁ ଦିଆ ନ ଯିବାକୁ ସ୍ଥିର କରାଯାଇଥିଲେ ହେଁ ପରେ ଏଥିରେ ସଂଶୋଧନ କରାଯାଇ ମରଣୋତ୍ତର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଆବୁଲ କାଲାମ ଆଜାଦଙ୍କ ମୃତ୍ୟୁ ପରେ ୧୯୯୨ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ଏକ ପ୍ରଶଂସାପତ୍ର ଏବଂ ପଦକ ଭାରତର ମହାମହିମ ରାଷ୍ଟ୍ରପତି ନିଜେ ଏହି ସମ୍ମାନ ପ୍ରଦାନ କରିଥାନ୍ତି।

ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରଦାନ କରାଯାଏ ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏତିକିବେଳେ ନବୀନଙ୍କ ଭାରତ ରତ୍ନ ପ୍ରଦାନ ନେଇ ପ୍ରସ୍ତାବ ପୁଣିଥରେ ବଡ଼ ବିତର୍କ ସୃଷ୍ଟି କରିଛି ଜାତୀୟ ରାଜନୀତିରେ। ବିଜୁ ପଟ୍ଟନାୟକ ଥିଲେ ଜାତୀୟ ସ୍ତରର ନେତା। ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଥିଲା ଅନନ୍ୟ। ଭାରତର ରାଜନୀତିରେ ସେ ଥିଲେ କିଙ୍ଗ୍ ମେକର। ଏହାସହ ସେ ସଫଳ ପ୍ରଶାସକ ମଧ୍ୟ ଥିଲେ। ଏଭଳି ଜଣେ ମହାନ୍ ନେତା ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପୁରସ୍କାର ପାଇବା ପାଇଁ ହକ୍‌ଦାର ବୋଲି କହିଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଜୁବାବୁଙ୍କ ସହଯୋଗୀ ଏଚ୍ ଡି ଦେବେଗୌଡ଼ା। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉଚିତ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶତବାର୍ଷିକୀ ଜନ୍ମଜୟନ୍ତୀ ଓ ସୁଶାସନ ଦିବସ ପାଳନ ଅବସରରେ ନିଜ ସଂସଦୀୟ କ୍ଷେତ୍ର ବିହାରର ବେଗୁସରାଇରେ ଏଭଳି ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଛନ୍ତି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ। ସେ କହିଥିଲେ, ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ନହେଲା ପର୍ଯ୍ୟନ୍ତ ବିହାର ଏହାର ଖରାପ ରାସ୍ତା, ଦୁର୍ବଳ ସ୍କୁଲ୍ କୋଠା ଆଦି ପାଇଁ ବେଶ୍ ଜଣାଶୁଣା ଥିଲା। କିନ୍ତୁ ନୀତୀଶ ରାଜ୍ୟକୁ ଏକ ନୂଆ ସ୍ତରକୁ ନେଇ ଯାଇଛନ୍ତି ବିହାର ରାଜ୍ୟକୁ। ସେହିପରି ନବୀନ ପଟ୍ଟନାୟକ ଓଡ଼ିଶାକୁ ବହୁ ବର୍ଷ ଧରି ଶାସନ କାଳରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବେଶ୍ ଆଗରେ ଥିଲେ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ତୁଳନାରେ। ସେମାନଙ୍କ ଭଳି ନେତାମାନେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇବାକୁ ହକଦାର। ଅଣ ରାଜନୈତିକ କ୍ଷେତ୍ରରେ ଶିଳ୍ପ ଜଗତର ଅମୂଲ୍ୟ ରତ୍ନ, ରତନ ଟାଟା ଏକାଧାରରେ ଥିଲେ ଜଣେ ଶିଳ୍ପପତି ଓ ବଦାନ୍ୟ ବ୍ୟକ୍ତି। ଭାରତୀୟ ଉଦ୍ୟୋଗକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠିତ ଓ ଉପସ୍ଥାପିତ କରିବାରେ ଟାଟାଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଳ୍ପ କ୍ଷେତ୍ର ଭଳି ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ୨୦୦୦ରେ ପଦ୍ମଭୂଷଣ ଓ ୨୦୦୮ ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନୀତ କରିଥିଲେ। କେବଳ ଭାରତ ନୁହେଁ ବିଶ୍ୱବ୍ୟାପୀ ସେ ଥିଲେ ଜଣେ ପରିଚିତ ଶିଳ୍ପପତି। ତାଙ୍କୁ ଅଷ୍ଟ୍ରେଲିଆ ସରକାର 'ଅର୍ଡର ଅଫ୍ ଅଷ୍ଟ୍ରେଲିଆ' ସମ୍ମାନରେ ସମ୍ମାନୀତ କରିଥିଲା ବେଳେ ବ୍ରିଟିଶ ସରକାର 'ନାଇଟ୍ ଗ୍ରାଣ୍ଡ କ୍ରସ୍' ଉପାଧି ପ୍ରଦାନ କରିଥିଲେ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଅଳିଆଗଦାରେ ତରକାରୀ ଆଇନ



**ଯୁଧିଷ୍ଠିର ମହାରଣା**

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ଼ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଘଂନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ। ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇ ପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକ ମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଶ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଅପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥି ମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥି ମାନଙ୍କୁ ଅପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ପାଞ୍ଚ ଟଙ୍କାରେ ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାଟିଏର ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆ ମାନେ ନିଜ ଆତ୍ମ ସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇଯାହା ରହିବ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍: ୯୪୩୭୧୬୩୫୨୮**

# ନିରନ୍ତର ଆଇନଶିକ୍ଷା ଓ ଆଡଭୋକେଟ୍ ଏକାଡେମୀ

**ବିଭୁପ୍ରସାଦ ତ୍ରିପାଠୀ**

ରାଜ୍ୟର ଆଇନଜୀବୀ ମାନଙ୍କ ସର୍ବବୃହତ୍ ଓ ସର୍ବ-ପୁରାତନ ସଂଗଠନ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ ତମବାର୍ଷିକ ଉତ୍ସବ ପାଳନ ଅବସରରରେ ନିରନ୍ତର ଆଇନ ଶିକ୍ଷା ପ୍ରସଙ୍ଗ ଓ ଆଡଭୋକେଟ୍ ଏକାଡେମୀର ଭୂମିକା ଗୋଟିଏ ଭିନ୍ନ ଧରଣର ଆହ୍ୱାନ ସୃଷ୍ଟି କରିଛି। ଆଇନଜୀବୀ ମାନେ ଜୀବନବ୍ୟାପୀ ଜଣେ ଛାତ୍ର, କାରଣ ଆଇନ ବିଷୟରେ ଅଧ୍ୟୟନ କେବଳ ଆଇନ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ପରେ ଶେଷ ହୁଏନାହିଁ। ଏଥିପାଇଁ ଜୀବନ ବ୍ୟାପୀ ସାଧନା କରିବାକୁ ହୁଏ। କାରଣ ଆଇନ ପେଷାରେ ପାଦଦେବା ପରେ ଜଣେ ଆଇନଜୀବୀ କେବଳ ଜଣେ ଆଇନର ଛାତ୍ର ନୁହେଁ, ନ୍ୟାୟାଳୟରେ ଆଇନର ବିକାଶ ଓ ପ୍ରଗତିଶୀଳ ବ୍ୟାଖାନ ପାଇଁ ଶିକ୍ଷକର ଭୂମିକାଟିଏ ମଧ୍ୟ ଗ୍ରହଣ କରିଥାଏ।

ଆଇନଶିକ୍ଷା ଓ ବୃତ୍ତିଗତ ତାଲିମ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଭାରତୀୟ ଆଇନ କମିଶନ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସତ୍ତ୍ୱେ ଏସମ୍ପର୍କରେ ସରକାରୀ ସ୍ତରରେ କୌଣସି ଉଦ୍ୟମ ନାହିଁ। ଏହାର ଫଳସ୍ୱରୂପ ଆମ ଦେଶରେ ଓ ରାଜ୍ୟରେ ଆଡଭୋକେଟ୍ ଏକାଡେମୀ ପ୍ରସଙ୍ଗରେ ଆଇନଜୀବୀ ମାନଙ୍କ ମଧ୍ୟରେ ବିଶେଷ ପ୍ରଭାବ ପକାଇ ପାରିନାହିଁ। ବିଶ୍ୱର ଅନେକ ଦେଶରେ ଆଇନଜୀବୀ ମାନଙ୍କ ପ୍ରଶିକ୍ଷଣ, ଆଇନ ଶିକ୍ଷା ଓ ବାର୍ ପରୀକ୍ଷାଜାରି ରଖିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏପରିକି କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁନଥିବା ଆଇନଜୀବୀଙ୍କ ଆଇନପେଷାର ଲାଇସେନ୍ସ ନବୀକରଣ ମଧ୍ୟ କରାଯାଉନାହିଁ।

ଆମେରିକା, କାନାଡା, ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ ଓ ଇଟାଲି ଭଳି ଦେଶ ଗୁଡ଼ିକରେ ଆଇନଜୀବୀମାନେ ଆଇନ ପେଷାରେଯୋଗଦେବା ପରେ ସେମାନଙ୍କର ନିରନ୍ତର ଆଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଇଛି। କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଏପରି ଢାଞ୍ଚାରେ କରାଯାଇଛିଯେ ଜଣେ ଆଇନଜୀବୀ ପ୍ରତ୍ୟେକ ବର୍ଷ କିଛି ନିର୍ଦ୍ଦିଷ୍ଟ ଘଣ୍ଟା ପାଇଁ ନିଜସ୍ୱ ଅର୍ଥରେ ଏହି ପୋଶାଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଧ୍ୟ। ସତୁରୀ ଦଶକପରଠାରୁ ଏହି ଦେଶ ଗୁଡ଼ିକରେ ଏଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଏହି ଦେଶ ଗୁଡ଼ିକରେ ପ୍ରଥମ ଅବସ୍ଥାରେ ଆଇନଜୀବୀ ମାନଙ୍କ ମଧ୍ୟରେ ଏଭଳି ବୃତ୍ତିଗତ ପ୍ରଶିକ୍ଷଣକୁ ନେଇ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇନଥିଲା ଏପରିକି କେତେକ ସ୍ଥଳରେ ବିରୋଧାଭାଷ ଦେଖା ଦେଇଥିଲା। ପରିବର୍ତ୍ତନର ଏହି ଧାରା କେବଳ ବାଧ୍ୟତାମୂଳକ ଲାଇସେନ୍ସ ନବୀକରଣ ମାଧ୍ୟମରେ ସମ୍ଭବପର ହୋଇଥିଲା।

ବୃତ୍ତିଗତ ବିକାଶ ଗୋଟିଏ ଆଜୀବନ ପ୍ରକ୍ରିୟା। ଯାହା ବୃତ୍ତିର ପରିବର୍ତ୍ତିତ ଆବଶ୍ୟକତା ବିଷୟରେ ନିଜକୁ ଅବଗତ କରାଇଥାଏ। ଯେକୌଣସି ଗୋଟିଏ ବିକାଶଶୀଳ ଅର୍ଥନୀତି ପାଇଁ ମାନବ ସମ୍ବଳର ବିକାଶ ହେଉଛି ସର୍ବୋଚ୍ଚ ପ୍ରାଥମିକ। ଠିକ୍ ସେହିପରି ଦେଶରେ ଆଇନର ଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ସେହି ଦେଶରେ ଆଇନପେଷାରେ ବ୍ୟକ୍ତିବିଶେଷଙ୍କୁ ବିଶ୍ୱସ୍ତରରେ ଆଇନ କାନୁନର ଯେଉଁ ଅଭିବୃଦ୍ଧି ଘଟିଛି ସେହି କ୍ଷେତ୍ର ଗୁଡ଼ିକରେ ନିରନ୍ତର ପ୍ରଶିକ୍ଷଣ ନଦେଲେ ନ୍ୟାୟିକ ଭିତ୍ତିଭୂମି ଗୁଡ଼ିକ ଦୁର୍ବଳ ହୋଇପଡ଼ିବ।

ଆମ ଦେଶରେ ୧୯୮୩ ମସିହାରେ ବିଚାରପତି ମାନଙ୍କୁ ନିରନ୍ତର ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ନ୍ୟାସନାଲ୍ ଜୁଡିସିଆଏଲ୍ ଏକାଡେମୀ, ଭୋପାଳ ଠାରେ ପ୍ରତିଷ୍ଠା କରାଯାଇଥିଲା। ସେଥିପାଇଁ ଜାତୀୟ ସ୍ତରରେ ମଧ୍ୟ ନ୍ୟାୟିକ ଶିକ୍ଷା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ସବୁ ସ୍ତରର ବିଚାର ବିଭାଗୀୟ ଅଫିସର ମାନଙ୍କ ପାଇଁ ଗୋଟିଏ ପାଠ୍ୟକ୍ରମର ଖସଡ଼ା



ମଧ୍ୟ ତିଆରି କରାଯାଇଛି। ଏହି ଅନୁଷ୍ଠାନ ଗଠନ ବେଳେ କେନ୍ଦ୍ର ସରକାର ଏକଥା ଉପଲବ୍ଧି କରିଥିଲେ ଯେ କେବଳ ଦେଶରେ ଅଧିକ ସଂଖ୍ୟାରେ କୋର୍ଟ ଖୋଲିଲେ କିମ୍ବା ବିଚାରପତି ନିଯୁକ୍ତ କଲେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିବନାହିଁ, ଏଥିପାଇଁ ବିଚାରପତି ମାନଙ୍କ ନ୍ୟାୟିକ ଦକ୍ଷତା ଓ ଜ୍ଞାନରେ ଅଭିବୃଦ୍ଧିର ଆବଶ୍ୟକତା ରହିଛି। କିନ୍ତୁ ଏହି ଦକ୍ଷତା ଓ ଜ୍ଞାନର ରୂପ-ଭେକ, ଚିତ୍ର-ଚରିତ୍ର ମଧ୍ୟ ଏପରି ହେବାର ଆବଶ୍ୟକତା ରହିଛି, ଯାହାର ଫଳସ୍ୱରୂପ ବିଚାରପତି ମାନେ ସେମାନଙ୍କରନ୍ୟାୟିକ ସ୍ୱାଧୀନତାକୁ ନ ହରାଇ, କାର୍ଯ୍ୟପାଳିକାର ଆଇନ ବର୍ହିଭୂତ କାର୍ଯ୍ୟର ସଠିକ୍ ନ୍ୟାୟିକ ସମୀକ୍ଷା କରିପାରିବା ପ୍ରସଙ୍ଗରେ ମଧ୍ୟ ଏହି ଏକାଡେମୀର ପ୍ରତିଷ୍ଠାବେଳେ ବିଚାର ବିମର୍ଷ ହୋଇଥିଲା।

ଚଳିତ ବର୍ଷର ଡିସେମ୍ବର ମାସର ପ୍ରଥମ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅର୍ଥନୈତିକ ପ୍ରଯୁକ୍ତି ବିଦ୍ୟା ଓ ଆଇନଗତ ବ୍ୟବସ୍ଥାକୁ ନେଇ ଭୁବନେଶ୍ୱର ଠାରେ ଏକ କର୍ମଶାଳାଆୟୋଜିତ ହୋଇଥିଲା। ସେହି କର୍ମଶାଳାରେଭାଗନେବା ଅବସରରେ ଚିନ୍ତାମଗ୍ନ ହୋଇଥିଲି ଯେ ଆଜି ଦେଶର ଅର୍ଥନୈତିକ ବ୍ୟବସ୍ତାରେ ଯେଉଁ ସଂସ୍କାର ଆସିଛି ଓ ନ୍ୟାୟିକ ବ୍ୟବସ୍ଥା ପାଇଁ ଯେଉଁ ଆହ୍ୱାନଆଣିଛି, ତାହାକୁ ସାମ୍ନା କରିବା ଲାଗି ଆଇନଜୀବୀ ମାନଙ୍କ ପାଇଁ ଏଭଳି ନୂଆ ବିଷୟବସ୍ତୁ ଗୁଡ଼ିକରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ଅଛି। କେବଳ ଅଧିକ ଅର୍ଥ ବ୍ୟୟ କରି ଜଣେ ଉଚ୍ଚ ବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କଲେ ଆଇନପେଷା କ୍ଷେତ୍ରରେ ଆସୁଥିବା ଆହ୍ୱାନ ଗୁଡ଼ିକୁ ସାମ୍ନା କରିବାର ଦକ୍ଷତା ହାସଲ କରିପାରିବନାହିଁ। ଆଇନ କଲେଜ ଗୁଡ଼ିକରେ ଆଜି ପଢ଼ାଯାଉଥିବା ପାଠ୍ୟକ୍ରମ, ବିଗତ ତିରିଶ ବର୍ଷ ତଳର ଆଇନ ପାଠ୍ୟକ୍ରକ ଠାରୁ ଭିନ୍ନ ନୁହେଁ।

ଆମ ଦେଶର ଆଇନ ପାଠ୍ୟକ୍ରମ ଗୁଡ଼ିକ ମଧ୍ୟ ଏଭଳି ଢାଞ୍ଚାରେ ତିଆରି କରାଯାଇ ନାହିଁ, ଯାହାର ଫଳସ୍ୱରୂପ ଜଣେ ଆଇନଛାତ୍ର ପାଠ ପଢ଼ିବା ସମୟରେ ମଧ୍ୟ ଆଇନକୁ କିଭଳି ନିଜର ପେଶାଗତ ଜୀବନରେ ବ୍ୟବହାର କରିପାରିବ ସେଥିପାଇଁ ପ୍ରଥମ ବର୍ଷରୁ କୌଣସି ପ୍ରଶିକ୍ଷଣ ଦିଆଯାଉ ନାହିଁ। ଇଣ୍ଟରନସିପ୍ ଅର୍ଥାତ ପ୍ରଶିକ୍ଷଣ ପାଇଁ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀ ମାନେ ଯୋଗଦେଉଥିବା ଅଧିକାଂଶ ଲ୍ ଫାର୍ମ ଗୁଡ଼ିକ ଓ ଆଇନଜୀବୀ ମାନଙ୍କ ଅଫିସରେ କିମ୍ବା ବିଚାରାଳୟ ଏହି ପ୍ରଶିକ୍ଷଣକୁ ଗୁରୁତ୍ୱର ସହ କେହି ଗ୍ରହଣ କରୁନାହାନ୍ତି। ଫଳସ୍ୱରୂପ ପ୍ରତ୍ୟେକ ବର୍ଷ ଦେଶରେ ଆଇନ ପାଠ୍ୟକ୍ରମର ଡିଗ୍ରୀ ହାସଲ କରୁଥିବା ଅନେକ ଆଇନ ଛାତ୍ରଛାତ୍ରୀ, ପରିବର୍ତ୍ତୀ ଅବସ୍ଥାରେ ଆଇନ ଜ୍ଞାନର ବ୍ୟବହାରକୁ ଛାଡ଼ି ଅନ୍ୟାନ୍ୟ ବୃତ୍ତିରେ ଯୋଗଦେଉଛନ୍ତି।

ଆଇନଜୀବୀ ମାନଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା ବୃଦ୍ଧି ଲାଗି ଭାରତୀୟ ବାର୍ କାଉନସିଲର ପକ୍ଷରୁ ଯେଉଁ ଉଦ୍ୟମ କରାଯାଇଥିଲା, ତାହାକୁ ସରକାରୀ ସ୍ତରରରେ ଅଧିକ ପ୍ରୋତ୍ସାହନ ଦିଆଯାଇନଥିବାରୁ କୌଣସି ରାଜ୍ୟରେ ଆଡଭୋକେଟ୍ ଏକାଡେମୀ ଗଠନ କରାଯାଇ ନାହିଁ। କେରଳ ରାଜ୍ୟରେ ଦେଶର ପ୍ରଥମ ଏସ୍.କେ. ନାମ୍ବିୟାର ଆଡଭୋକେଟ୍ ଏକାଡେମୀଟି ଏବେ ଅଚଳାବସ୍ଥାରେ ପଡ଼ିରହିଛି। ଠିକ୍ ସେହିପରି ଝାଡ଼ଖଣ୍ଡ ରାଜ୍ୟର ଆଡଭୋକେଟ୍ ଏକାଡେମୀ କେବଳ କାଗଜ କଲମରେ ସୀମିତ ରହିଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ହେଲେ ରାଜ୍ୟ ଜୁଡିସିଆଲ୍ ଏକାଡେମି ଭଳି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ରାଜ୍ୟ ବାର୍ କାଉନସିଲ ନେତୃତ୍ୱରେ ଆଡଭୋକେଟ୍ ଏକାଡେମୀ ପ୍ରତିଷ୍ଠା ହେବାର ଆବଶ୍ୟକତା ପରିଲକ୍ଷିତ ହେଉଛି। ତ୍ୱରିତ ନ୍ୟାୟ ଓ ଗୁଣାତ୍ମକ ନ୍ୟାୟ ପାଇଁ ଆଇନଜୀବୀ ମାନେ ନ୍ୟାୟିକ ପ୍ରଶାସନିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ ବୋଲି ରାଜ୍ୟର ନୂତନ ସରକାର ଉପଲବ୍ଧି କଲେ, ଆମ ରାଜ୍ୟର ଶାସନ ବ୍ୟବସ୍ଥାରେ ଆଡଭୋକେଟ୍ ଏକାଡେମୀ ଏକ ନୂଆ ଫର୍ଦ୍ଦ ଭାବେ ଯୋଡ଼ି ହେବ।

**ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ**
**ମୋବାଇଲ୍: ୯୪୩୭୦୧୨୪୬୦**

## ମନମୋହନଙ୍କୁ ଅଶ୍ରୁଳ ବିଦାୟ

# ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ



## ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେଲା ଶେଷକୃତ୍ୟ

**ନୂଆଦିଲ୍ଲୀ, ୨୮।୧୨:** ପଞ୍ଚଭୂତରେ ଲୀନ ହେଲେ ଦିବଙ୍ଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହ। ସରିଲା ଅନ୍ତିମ ସଂସ୍କାର। ନୂଆଦିଲ୍ଲୀ ନିଗମବୋଧ ଘାଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାର ସମ୍ପୂର୍ଣ୍ଣ ହୋଇଛି। ପୂର୍ଣ୍ଣ ସେନା ସମ୍ମାନ ସହ ଶେଷକୃତ୍ୟ କରାଯାଇଛି। ସ୍ଥଳସେନା, ବାୟୁସେନା ଓ ନୌସେନା ତରଫରୁ ମନମୋହନ ସିଂହଙ୍କୁ ସଲାମି ଦିଆଯାଇଛି। ଶିଖ ରୀତିନୀତି ଅନୁସାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠ କନ୍ୟା ଉପିନ୍ଦର୍ ସିଂ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏଥିସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହା, ଜେପି ନଡ୍ଡା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧି, ସୋନିଆ ଗାନ୍ଧି ସମେତ ବହୁ ବଡ଼ ବଡ଼ ନେତା ଏଥିରେ ଯୋଗ ଦେଇଥିଲେ। ସକାଳୁ ମନମୋହନଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ କଂଗ୍ରେସ ମୁଖ୍ୟାଳୟକୁ ନିଆଯିବା ସହ ସେଠାରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏହାପରେ ଶୋଭାଯାତ୍ରାରେ ନିଗମବୋଧ ଘାଟକୁ ପାର୍ଥିବ ଶରୀର ନିଆଯାଇଥିଲା। ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ହୋଇଛି। ଗୁରୁବାର ରାତିରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ୯୨ ବର୍ଷ ବୟସରେ ଆଖି ବୁଜିଥିଲେ ମନମୋହନ ସିଂହ।




## କଂଗ୍ରେସ ମୁଖ୍ୟାଳୟରେ ପାର୍ଥିବ ଶରୀର

**ନୂଆଦିଲ୍ଲୀ, ୨୮।୧୨:** ଆଜି ହେବ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଶେଷକୃତ୍ୟ। ଦିନ ୧୧ଟା ୪୫ରେ ନୂଆଦିଲ୍ଲୀ ନିଗମବୋଧ ଘାଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର କରାଯିବ। ତେବେ ଏହା ପୂର୍ବରୁ କଂଗ୍ରେସ ମୁଖ୍ୟାଳୟରେ ଶେଷ ଦର୍ଶନ ପାଇଁ ମନମୋହନଙ୍କ ପାର୍ଥିବ ଶରୀର ରଖାଯାଇଛି। ସାରା ଦେଶର ବଡ଼ ବଡ଼ ନେତାଙ୍କ ତାଙ୍କ ଅନ୍ତିମ ଦର୍ଶନ ପାଇଁ ଦିଲ୍ଲୀରେ ପହଞ୍ଚିଛନ୍ତି। କଂଗ୍ରେସ ମୁଖ୍ୟାଳୟରେ ତାଙ୍କ ପତ୍ନୀ ଏବଂ ଝିଅ ମଧ୍ୟ ମୃତଦେହ ସହ ପହଞ୍ଚିଛନ୍ତି। ରାହୁଲ ଗାନ୍ଧିଙ୍କ ସମେତ କଂଗ୍ରେସ ମୁଖ୍ୟାଳୟରେ ପ୍ରିୟଙ୍କା ଗାନ୍ଧି, ସୋନିଆ ଗାନ୍ଧି, ପଓ୍ୱନ ବନସଲ, ମଲ୍ଲିକାର୍ଜୁନ ଖଡ଼ଗେ, ପି ଚିଦାମ୍ବରମଙ୍କ ସମେତ ବଡ ମଧ୍ୟ ନେତାମାନେ ଉପସ୍ଥିତ ଅଛନ୍ତି। ପୂର୍ଣ୍ଣ ସେନା ସମ୍ମାନ ସହ ଶେଷକୃତ୍ୟ ସଂପନ୍ନ ହେବାକୁ ଥିବାବେଳେ ପ୍ରତିରକ୍ଷା ମନ୍ତ୍ରାଳୟକୁ ଆବଶ୍ୟକ ବନ୍ଦୋବସ୍ତ କରିବାକୁ କୁହାଯାଇଛି। ଗୁରୁବାର ରାତିରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ୯୨ ବର୍ଷ ବୟସରେ ଆଖି ବୁଜିଥିଲେ ମନମୋହନ ସିଂହ। ଦିଲ୍ଲୀ ସ୍ଥିତ ବାସଭବନକୁ ମର ଶରୀର ଅଣାଯିବା ପରେ ତାଙ୍କର ଶେଷ ଦର୍ଶନ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି। ମନମୋହନଙ୍କ ବିୟୋଗରେ ଭାରତରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା ହୋଇଛି। ଏପଟେ ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଗଙ୍ଗା ଆଳତି କରାଯାଇଛି। ବାରାଣସୀ ଦଶାଶ୍ୱମେଧ ଘାଟରେ ଦୈନିକ ଗଙ୍ଗା ଆଳତି ପୂର୍ବରୁ ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ହଜାର ହଜାର ଲୋକେ ଦଶାଶ୍ୱମେଧ ଘାଟରେ ଏକାଠି ହୋଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ମନମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ଗଙ୍ଗା ସେବା ନିଧି ତରଫରୁ ୧ ହଜାର ୧ ଦୀପ ଦାନ କରାଯାଇଛି।

## ବାର୍ଥଡେ' ପାର୍ଟିରେ ବଟି ମାଗି ବିଫଳ ହେବାରୁ ଫାୟାରିଂ

**ପାଟନା, ୨୮।୧୨:** ଚାଲିଥିଲା ବାର୍ଥଡେ' ପାର୍ଟି। ନାଚ ଗୀତରେ ମସଗୁଲ ଥିଲେ ଲୋକେ। ମଦ ମାଂସର ଆସର ବି ଜମିଥିଲା। ଏତିକି ବେଳେ ପାର୍ଟିରେ ହଠାତ୍ ପହଞ୍ଚିଗଲେ ଟ୍ରାଫିକ୍ ଡିଏସ୍‌ପି। ଆଉ ମାଗିଲେ ବଟି। ତେବେ ଲୋକେ ଟଙ୍କା ନଦେବାରୁ ରାଗି ଯାଇ ସେ ଫୁଟାଇଥିଲେ ଗୁଳି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦୁଇ ଜଣ ଆହତ ହୋଇଛନ୍ତି। ବିହାରରେ ଘଟିଛି ଏଭଳି କିଛି ଗୁଳିକାଣ୍ଡ ଘଟଣା। ବିହାରରେ ବ୍ୟାନ୍ ସତ୍ତ୍ୱେ ବହୁ ସଂଖ୍ୟକ ଲୋକ ଏଠାରେ ମଦ୍ୟପାନ କରୁଛନ୍ତି। ବେଆଇନ ମଦ ଏଠାରେ ବହୁ ପରିମାଣରେ ଉତ୍ପାଦିତ ହେଉଛି। ପଡୋଶୀ ରାଜ୍ୟରୁ ମଧ୍ୟ ମଦ କାରବାର କରାଯାଉଛି। ସମୟ ସମୟରେ ମଦ କାରବାରରେ ପୁଲିସ୍ ସମ୍ପୃକ୍ତ ଥିବା ଖବର ଆସୁଛି। ଏଭଳି ସ୍ଥିତି ଏକ ନୂଆ ଘଟଣା ସାମ୍ନାକୁ ଆସିଛି ରୋହତସରୁ। ଏଠାରେ ଶୁକ୍ରବାର ରାତିରେ ଏକ ବାର୍ଥଡେ' ପାର୍ଟି ଚାଲିଥିବା ବେଳେ ଲୋକେ ମଦ ପିଉଥିଲେ। ଏନେଇ ଟ୍ରାଫିକ୍ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ଟ୍ରାଫିକ୍ ଡିସଏସ୍‌ପି ତିନି ଚାରି ଜଣଙ୍କ ସହ ମିଶି ସେଠାରେ ପହଞ୍ଚିଥିଲେ। ତେବେ ପୁଲିସକର୍ମୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ବଟି ଆଦାୟ କରିବାକୁ ସେଠାକୁ ଯାଇଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଜନ୍ମଦିନ ଉତ୍ସବ ପାଳନ କରୁଥିବା ଲୋକେ ଟ୍ରାଫିକ୍ ପୁଲିସକୁ ଟଙ୍କା ଦେବାକୁ ମନା କରିଥିଲେ। ବାସ୍ ଏତିକିରେ ରାଗି ଯାଇ ଟ୍ରାଫିକ୍ ଡିଏସ୍‌ପି ନିଜ ସର୍ଭିସ ବନ୍ଧୁକରୁ ଫାୟରିଂ କରିଥିବା ଅଭିଯୋଗ ହୋଇଛି।

## ଅଡୁଆରେ କେସିଆର୍‌ଙ୍କ ପୁଅ ସମନ ଜାରି କଲା ଇଡି

**ହାଇଦ୍ରାବାଦ, ୨୮।୧୨:** ବଢ଼ିଲା ତେଲଙ୍ଗାନର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କ ଅଡୁଆ। ସମନ ଜାରି କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ମନି ଲଣ୍ଡରିଂ ମାମଲାରେ ଇଡି ବିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ କେଟି ରାମା ରାଓଙ୍କୁ ସମନ ଜାରି କରିଛି। ୨୦୨୩ରେ ହାଇଦ୍ରାବାଦରେ ଆୟୋଜିତ ଫର୍ମୁଲା-ଇ-ରେସ୍ ସହ ଜଡିତ ମନି ଲଣ୍ଡରିଂ ମାମଲାରେ କେଟି ରାମା ରାଓଙ୍କୁ ପଚରାଉଚରା କରାଯିବ। ପ୍ରାୟ ୫୫ କୋଟି ଟଙ୍କାର ହେରଫେର ଅଭିଯୋଗରେ ଇଡି ତାଙ୍କୁ ଜାନୁଆରୀ ୭ ତାରିଖରେ ହାଜର ହେବାକୁ କହିଛି। ତାଙ୍କ ବ୍ୟତୀତ ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ କୁମାର ଓ ମେଟ୍ରୋପଲିଟାନ୍ ଡେଭଲପମେଣ୍ଟ ଅଥରିଟିର ପୂର୍ବତନ ମୁଖ୍ୟ ବିଏଲ୍‌ଏନ୍ ରେଡ୍ଡୀଙ୍କୁ ମଧ୍ୟ ସମନ ହୋଇଛି। ଉଭୟଙ୍କୁ ଜାନୁଆରୀ ୨ ଓ ୩ରେ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ୍ ଜାରି ହୋଇଛି।

## ଦିଲ୍ଲୀରେ ୧୦୧ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

### ବାୟୁ ମାନରେ ଆସିଲା ଉନ୍ନତି

**ନୂଆଦିଲ୍ଲୀ, ୨୮।୧୨:** ଡିସେମ୍ବର ମାସରେ ଅଦିନିଆ ବର୍ଷା ଦିଲ୍ଲୀରେ ୧୦୧ ବର୍ଷର ରେକର୍ଡ ଭାଙ୍ଗିଛି। ସର୍ବଶେଷ ତଥ୍ୟ ଅନୁଯାୟୀ, ସଫଦରଜଙ୍ଗରେ ଶନିବାର ସକାଳ ସାଢ଼େ ୮ଟା ସୁଦ୍ଧା ଗତ ୨୪ ଘଣ୍ଟାରେ ୪୧. ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଦିଲ୍ଲୀ ଇତିହାସରେ ଡିସେମ୍ବର ମାସରେ ଗୋଟିଏ ଦିନରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ବର୍ଷା। ଏହାପୂର୍ବରୁ, ୩ ଡିସେମ୍ବର ୧୯୨୩ରେ ଗୋଟିଏ ଦିନରେ ସର୍ବକାଳୀନ ରେକର୍ଡ ୭୫.୭ ମିମି ବର୍ଷା ହେଇଥିଲା। ତେବେ ଆଜି ରେକର୍ଡ ହୋଇଥିବା ବର୍ଷା ୧୦୧ ବର୍ଷରେ ଏକ ରେକର୍ଡ। ଏହାପୂର୍ବରୁ ଦିଲ୍ଲୀରେ ଶୁକ୍ରବାର ପର୍ଯ୍ୟନ୍ତ ୧୫ ବର୍ଷ ମଧ୍ୟରେ ସର୍ବାଧିକ ବୃଷ୍ଟିପାତ ରେକର୍ଡ କରାଯାଇଛି। ଏହି କାରଣରୁ ଗତକାଲି ସହରର ସର୍ବାଧିକ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ହ୍ରାସ ପାଇ ୧୪.୬ ଡିଗ୍ରୀ ସେଲସିୟସକୁ ଖସି ଆସିଥିଲା। ଏହି କାରଣରୁ, ଗତ ୫ ବର୍ଷ ମଧ୍ୟରେ ଏହା ସବୁଠାରୁ ଥଣ୍ଡା ଦିନ ରେକର୍ଡ ହୋଇଥିଲା। ଆଜି(ଶନିବାର) ମଧ୍ୟ ଦିଲ୍ଲୀରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଫଳରେ ଦିନର ସର୍ବାଧିକ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସକୁ ଖସିଛି। ତେବେ ଏହି ଲଗାଣ ବର୍ଷା ମଧ୍ୟରେ ଭଲ ଖବର ହେଉଛି ଯେ ବର୍ଷା କାରଣରୁ ବାୟୁ ଗୁଣବତ୍ତାରେ ଉନ୍ନତି ଘଟିଛି ଏବଂ ବର୍ତ୍ତମାନ ସହରରୁ ଗ୍ରାପ-୩ର ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି। କେନ୍ଦ୍ର ପ୍ରଦୂଷଣ ସୂଚକାଙ୍କ ବୋର୍ଡ ଅନୁଯାୟୀ ଆଜି ଦିଲ୍ଲୀର ବାୟୁ ଗୁଣବତ୍ତା 'ମଧ୍ୟମ' ବର୍ଗକୁ ଆସିଛି।

## ଆପ୍ ସ୍କିମ ବିରୋଧରେ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୮।୧୨:** ଦିଲ୍ଲୀରେ ଆପ ସରକାରଙ୍କ ସ୍କିମ ବିରୋଧରେ ତଦନ୍ତ ଲାଗି ଦିଲ୍ଲୀ ଉପରାଜ୍ୟପାଳ ଭି କେ ସାକ୍ସେନାନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତଙ୍କ ଅଭିଯୋଗ ଆଧାରରେ ଏଲଜି ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ କମିଶନରଙ୍କୁ ଏଲଜି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଆପ ନେତା ଅରବିନ୍ଦ କେଜରିୱାଲ ସମାଲୋଚନା କରି କହିଛନ୍ତି ଯେ, ଦିଲ୍ଲୀରେ ଆପକୁ ହରାଇବା ପାଇଁ କଂଗ୍ରେସ ଓ ବିଜେପି ପରସ୍ପର ସହ ହାତ ମିଳାଇଛନ୍ତି। ଉଭୟଙ୍କ ସ୍ୱର ସମାନ। କଂଗ୍ରେସର ଅଭିଯୋଗ ମିଥ୍ୟା, ନିରାଧର ଏବଂ ମନଗଢ଼ା ବୋଲି କହି ଏହାର ତଦନ୍ତ ନିର୍ଦ୍ଦେଶ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ କହିଛନ୍ତ। ବିଧାନସଭା ନିର୍ବାଚନ ପୂର୍ବରୁ ଆପକୁ ବଦନାମ କରିବା ଏବଂ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ନିକଟରେ ଆପ ସରକାରଙ୍କ ପକ୍ଷରୁ ମହିଳା ସମ୍ମାନ ଯୋଜନା ଆରମ୍ଭ କରାଯାଇଛି। ଏଥିରେ ଯୋଗ୍ୟ ମହିଳାଙ୍କୁ ମାସିକ ୨୧ଶହ ଟଙ୍କାର ସହାୟତା ମିଳିବ। ଏଥିରେ ମହିଳାଙ୍କ ବ୍ୟକ୍ତିଗତ ସୂଚନା ସଂଗ୍ରହ କରାଯାଉଛି। ଏହା ଦ୍ୱାରା ବିଧାନସଭା ନିର୍ବାଚନରେ ମହିଳା ଭୋଟରଙ୍କୁ ପ୍ରଭାବିତ କରିବା ଉଦ୍ୟମ କରାଯାଇପାରେ ବୋଲି ସନ୍ଦିପ ଦୀକ୍ଷିତ ଅଭିଯୋଗ କରିଛନ୍ତି। ସେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀକୁ ପଞ୍ଜାବରୁ ଅର୍ଥ ଆସୁଛି। ଏହାକୁ ଆପ ଦୃଢ଼ ଭାବେ ଖଣ୍ଡନ କରିଛି। ଆସନ୍ତା ୨୦୨୫ ଫେବୃଆରୀରେ ସମ୍ଭବତଃ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଆପ୍ ସରକାର ଆରମ୍ଭ କରିଥିବା ଏହି 'ମହିଳା ସମ୍ମାନ ଯୋଜନା'ରେ ଏପର୍ଯ୍ୟନ୍ତ ୨୨ ଲକ୍ଷରୁ ଅଧିକ ମହିଳା ପଞ୍ଜୀକୃତ ହୋଇସାରିଲେଣି। ନିର୍ବାଚନରେ ମହିଳା ଭୋଟବ୍ୟାଙ୍କ ରାଜନୀତି ପାଇଁ ଆପ୍ ଏହି ଯୋଜନା ଆଣିଥିବା ବିରୋଧୀ ବିଜେପି ଓ କଂଗ୍ରେସ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଭାବିତ





କରିବାକୁ ପଞ୍ଜାବ ସରକାର ଦିଲ୍ଲୀ ସରକାରଙ୍କୁ ଟଙ୍କା ପଠାଉଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ତଥା ନୂଆଦିଲ୍ଲୀ ଆସନରୁ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତିଦ୍ୱନ୍ଦ୍ୱୀ ସନ୍ଦୀପ ଦୀକ୍ଷିତ। ଯାହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହା ଏକ ବଡ ପ୍ରସଙ୍ଗ ହୋଇପାରେ। ଅଭିଯୋଗ ହୋଇଛି ଯେ 'ମହିଳା ସମ୍ମାନ ଯୋଜନା' ଆଳରେ ଆପ୍ ଭୋଟରମାନଙ୍କର ବ୍ୟକ୍ତିଗତ ସୂଚନା ସଂଗ୍ରହ କରିବାକୁ ଚାହୁଁଛି। କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ଅଭିଯୋଗ କରିଛନ୍ତି ଯେ ତାଙ୍କ ଘର ପାଖରେ ପଞ୍ଜାବର ଗୁଇନ୍ଦା ଅଧିକାରୀମାନେ ବୁଲୁଛନ୍ତି। ଏପରିକି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ପଞ୍ଜାବ ସରକାର ଦିଲ୍ଲୀ ସରକାରଙ୍କୁ ଟଙ୍କା ପଠାଉଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏନେଇ ଦିଲ୍ଲୀ ଉପରାଜ୍ୟପାଳ ପୁଲିସ କମିଶନରଙ୍କୁ ଚିଠି ଲେଖି ସତର୍କ କରାଇଛନ୍ତି। ମାମଲାକୁ ଗୁରୁତ୍ୱର ସହ ନେଇ ପଞ୍ଜାବରୁ ଦିଲ୍ଲୀ ଆସୁଥିବା ଗାଡ଼ି ଗୁଡ଼ିକୁ ଭଲ ଭାବରେ ଯାଞ୍ଚ କରିବା ପାଇଁ ଦିଲ୍ଲୀ ପୁଲିସକୁ ଚିଠି ଲେଖିଛନ୍ତି ଉପରାଜ୍ୟପାଳ ଭି.କେ ସକ୍ସେନା।

ସେପଟେ ଏହି ପ୍ରସଙ୍ଗରେ ବିଜେପିକୁ ଟାର୍ଗେଟ କରିଛନ୍ତି ଅରବିନ୍ଦ କେଜ୍ରିୱାଲ। ଉପରାଜ୍ୟପାଳଙ୍କ ମାଧ୍ୟମରେ ବିଜେପି ଏହି ଯୋଜନାକୁ ବନ୍ଦ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି କେଜ୍ରିୱାଲ କହିଛନ୍ତି ଯେ ବିଜେପି ଆପଣଙ୍କ ସଂଜୀବନୀ ଯୋଜନା ଓ ମହିଳା ସମ୍ମାନ ଯୋଜନା ବନ୍ଦ କରିବାକୁ ଚାହୁଁଛି। ମାଗଣା ଶିକ୍ଷା, ବିଜୁଳି, ସ୍ୱାସ୍ଥ୍ୟସେବା ଓ ସ୍କୁଲ ଆଦି ବନ୍ଦ କରିବାକୁ ବିଜେପି ଦିଲ୍ଲୀ ନିର୍ବାଚନ ଲଢୁଛି। ମହିଳାଙ୍କର ଉନ୍ନତି ବିଜେପି ଚାହେଁନି। ସେଥିପାଇଁ ମହିଳା ସମ୍ମାନ ଯୋଜନା ବନ୍ଦ କରିଦେବାକୁ ବିଜେପି ଚାହୁଁଥିବା କେଜ୍ରିୱାଲ ଅଭିଯୋଗ କରିଛନ୍ତି। ତେଣୁ ଏହି ତଦନ୍ତ ନିର୍ଦ୍ଦେଶ ଦିଲ୍ଲୀ ଉପରାଜ୍ୟପାଳ ନୁହେଁ, ବରଂ ଅମିତ ଶାହଙ୍କ କାର୍ଯ୍ୟାଳୟରୁ ଆସିଛି ବୋଲି କହି କଟାକ୍ଷ କରିଛନ୍ତି କେଜ୍ରିୱାଲ।

## ଅଟଳ ଟନେଲରେ ଫସିଛନ୍ତି ଶହ ଶହ ପର୍ଯ୍ୟଟକ

**ସିମଲା, ୨୮।୧୨:** ହିମାଚଳ ପ୍ରଦେଶରେ ଆରମ୍ଭ ହୋଇଛି ତୁଷାରପାତ। ବରଫ ଚାଦର ତଳେ ଢ଼ାଙ୍କି ହୋଇଛି ପାହାଡ। ଏହାର ମଜା ନେବା ପାଇଁ ଶହ ଶହ ପର୍ଯ୍ୟଟକ ଛୁଟି ଆସୁଛନ୍ତି। ନୂଆବର୍ଷ ପାଳନ ପାଇଁ ମଧ୍ୟ ଏଠାରେ ଭିଡ଼ ଜମିଛି। ତେବେ ପ୍ରଶାସନ ପାଇଁ ଏହି ତୁଷାରପାତ ସମସ୍ୟା ସୃଷ୍ଟି କରିଛି। ବରଫ ପାତ ଯୋଗୁ ଶହଶହ ପର୍ଯ୍ୟଟକ ଅଟଳ ଟନେଲରେ ଫସି ରହିଛନ୍ତି। ଏହାରି ଭିତରେ ପ୍ରବଳ ଗାଡ଼ି ମଧ୍ୟ ଜାମ ଲାଗିଛି। ଅଟଳ ଟନେଲ ଓ ସୋଲାଙ୍ଗ ଘାଟି ମଧ୍ୟରେ ପ୍ରାୟ ୧୨୦୦ ଗାଡି ଫସି ରହିଛି। ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପୁଲିସ ଓ ପ୍ରଶାସନ ଲାଗି ପଡିଛନ୍ତି। ସେପଟେ ଚୀନ୍ ଅଧିକୃତ ତିବ୍ବତ ସୀମା ନିକଟସ୍ଥ ମଲିଙ୍ଗ ଡ୍ରେନ୍‌ରେ ୧୫୦ ପର୍ଯଟକ ଫସି ରହିଛନ୍ତି। ଲାହଲ୍ ସ୍ପିତିର କାଜା ବୁଲିବାକୁ ଯାଇଥିବା ପ୍ରାୟ ୧୫୦ ପର୍ଯ୍ୟଟକ ଲାହେଲ ସ୍ପିତି ସୀମାରେ ଅଟକି ଯାଇଥିଲେ ଯେତେବେଳେ ଉଭୟ ପାର୍ଶ୍ୱରେ ପର୍ବତ ଉପରେ ପ୍ରବଳ ତୁଷାରପାତ ହୋଇଥିଲା। ହିମାଚଳ ପ୍ରଦେଶ ପୁଲିସ ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ୟାଙ୍ଗଥାଙ୍ଗ, ନାକୋ ଏବଂ ଚାଙ୍ଗୋ ଗାଁରେ ଥିବା ଲୋକଙ୍କ ଘର ଏବଂ ହୋଟେଲରେ ସେମାନଙ୍କୁ ରଖାଯାଇଛି। ଉପତ୍ୟକାରେ ତୁଷାରପାତ ଲଗାତାର ଜାରି ରହିଛି। ସେପଟେ ହିମାଚଳ ପ୍ରଦେଶରେ ଲଗାତର ବରଫପାତ ଯୋଗୁ ଯାତାୟତ ପାଇଁ ୧୩୪ଟି ରାସ୍ତା ବନ୍ଦ କରି ରହିଛି। ପାଗ ଭଲ ହେବା ପରେ ହିଁ ଏହି ରାସ୍ତାରେ ଯାତାୟାତ ଆରମ୍ଭ ହେବ।

### ଦିଲ୍ଲୀ ବିଧାନସଭା ନିର୍ବାଚନ

## ୧୧ ଆସନରେ ପ୍ରାର୍ଥୀ ଦେଲା ଏନ୍‌ସିପି

**ନୂଆଦିଲ୍ଲୀ, ୨୮।୧୨:** ଅଜିତ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏନସିପି ୧୧ ଜଣ ପ୍ରାର୍ଥୀଙ୍କୁ ଟିକେଟ୍ ଦେଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଦଳ ବିଜେପି ସହ ମିଳିତ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା, କିନ୍ତୁ ଦିଲ୍ଲୀରେ ଦଳ ୧୧ଟି ଆସନରେ ନିଜର ପ୍ରାର୍ଥୀ ଦେଇଛି। ଏନସିପି ସଂସଦୀୟ ବୋର୍ଡର ଅନୁମୋଦନ ପରେ ପ୍ରଥମ ପର୍ଯ୍ୟାୟରେ ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏନସିପି ବୁରାରୀ, ବାଦଲି, ମଙ୍ଗୋଲପୁରୀ, ଚାନ୍ଦନୀ ଚୌକ, ବାଲି ମାରାନ, ଛତରପୁର, ସଙ୍ଗମ ବିହାର, ଓଖଲା, ଲକ୍ଷ୍ମୀ ନଗର, ସୀମା ପୁରୀ ଏବଂ ଗୋକୁଲ ପୁରୀରୁ ପ୍ରାର୍ଥୀ ଘୋଷଣା କରିଛି। ନିକଟରେ ଏନସିପି ନେତା ପ୍ରଫୁଲ୍ଲ ପଟେଲ କହିଥିଲେ ଯେ ତାଙ୍କ ଦଳ ପୂର୍ବରୁ ବି ଦିଲ୍ଲୀରେ ନିର୍ବାଚନ ଲଢ଼ିଆସୁଛି ଏବଂ ଏଥର ମଧ୍ୟ ନିର୍ବାଚନ ଲଢ଼ିବ । ମିଳିତ ମଞ୍ଚ ପାଇଁ ଏନଡିଏ ସହ ଆଲୋଚନା ମଧ୍ୟ କରାଯିବ ବୋଲି ସେ କହିଥିଲେ । ତେବେ ଏନସିପି ଯେଉଁଭଳି ଭାବରେ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି, ଏହା ସ୍ପଷ୍ଟ ହୋଇଛି ଯେ ଏହା ବିଜେପି ସହ ମିଳିତ ଭାବେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁନାହିଁ। ସୂଚନା ଥାଉ କି ଯେ ଦିଲ୍ଲୀରେ ମୋଟ ୭୦ଟି ବିଧାନସଭା ଆସନ ଅଛି, ଯେଉଁଥିରେ ଆମ୍ ଆଦମୀ ପାର୍ଟି ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। କଂଗ୍ରେସ ଏପର୍ଯ୍ୟନ୍ତ ଏହାର ଦୁଇଟି ପ୍ରାର୍ଥୀ ତାଲିକାରେ ୪୭ ଜଣ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଅବଶିଷ୍ଟ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ଅନ୍ୟପଟେ ଏଆଇଏମଆଇଏମ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ତାହିର ହୁସେନ୍‌ଙ୍କୁ ମୁସ୍ତାଫାବାଦରୁ ଫିଲ୍ଡିଂ କରିଥିବାବେଳେ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଶାହାରୁଖ ପଠାନଙ୍କୁ ମଧ୍ୟ ସେଲାମପୁରରୁ ପ୍ରାର୍ଥୀ କରାଯାଇପାରେ ।

## ଅଭିନେତ୍ରୀଙ୍କ କାର ଧକ୍କାରେ ଶ୍ରମିକ ମୃତ





**ମୁମ୍ବାଇ, ୨୮।୧୨:** ଅଭିନେତ୍ରୀଙ୍କ କାର ଧକ୍କାରେ ଚାଲିଗଲା ଶ୍ରମିକଙ୍କ ଜୀବନ। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ମୁମ୍ବାଇର କାଣ୍ଡିଭଲିରେ। ଲୋକପ୍ରିୟ ମରାଠି ଅଭିନେତ୍ରୀ ଉର୍ମିଳା କୋଠାରେ ଏକ ଶୁଟିଂ ସାରି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। କାର ଧକ୍କାରେ ଅନ୍ୟଜଣେ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିବାବେଳେ ଅଭିନେତ୍ରୀ ଓ ତାଙ୍କ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ଅଭିନେତ୍ରୀ ଉର୍ମିଳା ଏକ ଶୁଟିଂ ସାରି ଶୁକ୍ରବାର ରାତିରେ ଫେରୁଥିଲେ। ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ତାଙ୍କ କାର ଡ୍ରାଇଭର ହଠାତ ନିୟନ୍ତ୍ରଣ ହରାଇ ପୋଇଜର ମେଟ୍ରୋ ଷ୍ଟେସନ ନିକଟରେ କାର୍ଯ୍ୟରତ ଦୁଇ ଶ୍ରମିକଙ୍କୁ ଧକ୍କା ଦେଇଥିଲା। ଦୁଇ ଶ୍ରମିକଙ୍କ ଉପରେ ଗାଡ଼ି ଚଢ଼ି ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିନେତ୍ରୀ ଜଣକ ସାମାନ୍ୟ ଆହତ ହୋଇଥିବାବେଳେ ତାଙ୍କ ଡ୍ରାଇଭର କିନ୍ତୁ ଗୁରୁତର ଭାବେ ଆହତ ହୋଇଛନ୍ତି। କାରରେ ଥିବା ଏୟାର ବ୍ୟାଗ୍ ସଠିକ ସମୟରେ ଖୋଲିଯିବାରୁ ଅଭିନେତ୍ରୀଙ୍କ ଜୀବନ ବଞ୍ଚିଯାଇଥିବା କୁହାଯାଉଛି। ଏହି ଘଟଣାରେ ଦାୟିତ୍ୱହୀନ ଗାଡି ଚାଳନା ଓ ଅବହେଳା ପାଇଁ ଅନ୍ୟମାନଙ୍କର ଜୀବନ ହାନି ଘଟିଥିବାରୁ ଅଭିନେତ୍ରୀଙ୍କ ଡ୍ରାଇଭର ବିରୋଧରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ପୁଲିସ କହିଛି।

## ତେଜିଲା 'ସ୍ମାରକସ୍ଥଳ' ରାଜନୀତି

### ଜାଗା ଯୋଗାଇ ଦେବାକୁ କେନ୍ଦ୍ର ରାଜି

**ନୂଆଦିଲ୍ଲୀ, ୨୮।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପାଇଁ ସ୍ଥାୟୀ ସ୍ମାରକ ସ୍ଥଳ ନିର୍ମାଣକୁ ନେଇ କଂଗ୍ରେସ ଦାବି କରିଛି। ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ଏହାରି ଭିତରେ ମୋଦି ସରକାରଙ୍କ ତରଫରୁ ହୋଇଛି ବଡ଼ ଘୋଷଣା। ମନମୋହନ ସିଂହଙ୍କ ପାଇଁ ଦିଲ୍ଲୀରେ ସ୍ମାରକ ସ୍ଥଳ ନିର୍ମାଣ କରାଯିବା ବୋଲି ଗୃହ ମନ୍ତ୍ରଣାଳୟ ସୂଚନା ଦେଇଛି। ନିଗମବୋଧ ଘାଟରେ ମନମୋହନଙ୍କ ଅନ୍ତିମସଂସ୍କାର ହେବ। ଏହାପରେ ମନମୋହନଙ୍କ ପାଇଁ ଦିଲ୍ଲୀରେ ସ୍ମାରକସ୍ଥଳ ନିର୍ମାଣ କରାଯିବ। ଏଥିପାଇଁ ଜାଗା ଯୋଗାଇ ଦେବା ନେଇ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛନ୍ତି। ଟ୍ରଷ୍ଟ ଗଠନ ଓ ସ୍ଥାନ ନିରୂପଣ ପାଇଁ ସମୟ ଆବଶ୍ୟକ ଥିବାରୁ ଶେଷକୃତ୍ୟ ପରେ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ସରକାର। ମନମୋହନ ସିଂହଙ୍କ ସ୍ମାରକସ୍ଥଳୀ ନିର୍ମାଣ ପାଇଁ ଆଗାମୀ ୩ରୁ ୪ ଦିନ ମଧ୍ୟରେ ସ୍ଥାନ ନିର୍ଦ୍ଧାରଣ ହେବା ନେଇ ସୂଚନା ମିଳିଛି। ସେପଟେ ତୁରନ୍ତ ସ୍ଥାନ ନିରୁପଣ ସହ ସେଠାରେ ସଂସ୍କାର ପାଇଁ ଦାବି କରିଛି କଂଗ୍ରେସ। ଯାହାକୁ ନେଇ ଜୋର ଧରିଛି ରାଜନୀତି। କଂଗ୍ରେସ କହିଛି ଅନ୍ତିମ ସଂସ୍କାର ସ୍ଥାନରେ ସ୍ମାରକସ୍ଥଳ ନିର୍ମାଣ ହୋଇଥାଏ। କେନ୍ଦ୍ର କାହିଁକି ସ୍ଥାନ ଖୋଜି ପାଇଲା ନାହିଁ। ଏହା ଦେଶର ପ୍ରଥମ ଶିଖ୍ ପ୍ରଧାନମନ୍ତ୍ରୀଙ୍କୁ ଅପମାନ ବୋଲି କଂଗ୍ରେସ ଅଭିଯୋଗ କରିଛି। ଯାହାର କଡ଼ା ଜବାବ ରଖିଛି ବିଜେପି। ମନମୋହନଙ୍କ ଦେହାନ୍ତକୁ ନେଇ ହୀନ ରାଜନୀତି ବନ୍ଦ କରିବାକୁ କଂଗ୍ରେସକୁ ଆହ୍ୱାନ ଦେଇଛି ବିଜେପି। ଏହାସହ କଡ଼ା ସମାଲୋଚନା କରି କହିଛି, ଦେହାନ୍ତ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓଙ୍କୁ କିପରି ବ୍ୟବହାର କରାଯାଇଥିଲା ତାହା ଭୁଲି ନଯାଉ କଂଗ୍ରେସ।

୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସରକାରରେ ଥାଇ ମଧ୍ୟ ନରସିଂହ ରାଓଙ୍କ ପାଇଁ କଂଗ୍ରେସ ଏକ ସ୍ମାରକସ୍ଥଳ ନିର୍ମାଣ କରିପାରିଲା ନାହିଁ। ଦିଲ୍ଲୀରେ ତାଙ୍କ ଅନ୍ତିମସଂସ୍କାର ପାଇଁ ମଧ୍ୟ କଂଗ୍ରେସ ଚାହୁଁନଥିବା ବିଜେପି ଅଭିଯୋଗ କରିଛି। ଏହା ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ଖଡଗେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ମନମୋହନ ସିଂହଙ୍କ ସ୍ମୃତିରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇ ସେଠାରେ ସ୍ମାରକସ୍ଥଳୀ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ତାଙ୍କ ରାଜନୈତିକ ମର୍ଯ୍ୟାଦା ଅନୁସାରେ ତାଙ୍କ ସ୍ମାରକୀ ନିର୍ମାଣ କରାଯାଇପାରୁଥିବା ସ୍ଥାନରେ ଅନ୍ତିମ ସଂସ୍କାର କରାଯାଉ ବୋଲି ଚିଠିରେ ଉଲ୍ଲେଖ କରିଥିଲେ ଖଡ଼ଗେ।

### କଂଗ୍ରେସକୁ ଶର୍ମିଷ୍ଠା ମୁଖାର୍ଜୀଙ୍କ ସମାଲୋଚନା

## ପ୍ରଣବଙ୍କୁ ଅଣଦେଖା କରାଯାଇଥିଲା



**ନୂଆଦିଲ୍ଲୀ, ୨୮।୧୨:** ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜୀ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ, ତାଙ୍କ ପିତା ସ୍ୱର୍ଗତ ମୁଖାର୍ଜୀଙ୍କ ପ୍ରତି ଦଳ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ପାଇଁ ସ୍ୱତନ୍ତ୍ର ସ୍ମୃତିପୀଠ ପ୍ରତିଷ୍ଠା ଲାଗି କଂଗ୍ରେସ ସଭାପତି ମଲ୍ଲାକାର୍ଜୁନ ଖାର୍ଗେଙ୍କ ଦାବି ଉପରେ ସେ କହିଛନ୍ତି ଯେ, ପ୍ରଣବ ମୁଖାର୍ଜୀଙ୍କ ବିୟୋଗ ପରେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ କୌଣସି ଶୋକ ପ୍ରସ୍ତାବ ଗୃହୀତ ହୋଇନଥିଲା। ପ୍ରଣବଙ୍କ ଡାଇରୀରୁ ସେ ପଢ଼ିଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି କେ ଆର ନାରାୟଣନଙ୍କ ବିୟୋଗରେ ସିଡବ୍ଲ୍ୟୁସିରେ ଏକ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। କିନ୍ତୁ ପ୍ରଣବଙ୍କ ପାଇଁ ସ୍ୱତନ୍ତ୍ର ସ୍ମୃତିପୀଠ ଦୂରର କଥା ତାଙ୍କୁ ଦଳ ପକ୍ଷରୁ ଉପଯୁକ୍ତ ସମ୍ମାନ ମଧ୍ୟ ପ୍ରଦାନ କରାଯାଇନଥିଲା। ଗାନ୍ଧି ପରିବାର ବ୍ୟତିତ କଂଗ୍ରେସ ଅନ୍ୟ କୌଣସି ନେତାଙ୍କୁ ସମ୍ମାନ ଦେଇନି କିମ୍ବା ସ୍ୱୀକୃତି ପ୍ରଦାନ କରିନି। ମନମୋହନଙ୍କ ଜୀବନୀ ପୁସ୍ତକ ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟରର ଲେଖକ ସଞ୍ଜୟ ବାରୁ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ, ୨୦୦୪ରେ ଯେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓଙ୍କ ଦେହାନ୍ତ ହେଲେ ସେତେବେଳେ କଂଗ୍ରେସ ଦିଲ୍ଲୀରେ ତାଙ୍କର ଅନ୍ତିମ ସଂସ୍କାର ହେଉବୋଲି ଚାହୁଁନଥିଲା। ବରଂ ହାଇଦ୍ରାବାଦରେ ଏହା କରାଯାଉ ବୋଲି କଂଗ୍ରେସ ଦାବି କରିଥିଲା। ନରସିଂହ ରାଓଙ୍କୁ କଂଗ୍ରେସ ପକ୍ଷରୁ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ହିସାବରେ କେବେ ସମ୍ମାନ ବା ସ୍ୱୀକୃତି ପ୍ରଦାନ କରାଯାଇନାହିଁ ବୋଲି ସଞ୍ଜୟ ତାଙ୍କ ବହିଲେ ଲେଖିଛନ୍ତି।

ଶର୍ମିଷ୍ଠା କହିଛନ୍ତି ଯେ, ଯେତେବେଳେ ତାଙ୍କ ବାପା ପ୍ରଣବ ମୁଖାର୍ଜୀଙ୍କ ୨୦୨୦ରେ ଦେହାନ୍ତ ହୋଇଥିଲା ସେତେବେଳେ କଂଗ୍ରେସ କୌଣସି ଶୋକସଭା ଆୟୋଜନ କରିନଥିଲା। କଂଗ୍ରେସ କାର୍ଯ୍ୟକାରୀ କମିଟି ତରଫରୁ ବୈଠକ ମଧ୍ୟ ଡ଼କା ଯାଇନଥିଲା। ଜଣେ ବରିଷ୍ଠ କଂଗ୍ରେସ ନେତା କହିଥିଲେ ଯେ, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଶୋଭ ସଭା ଆୟୋଜିତ ହୁଏ ନାହିଁ। ତେବେ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ନିରାଧାର ବୋଲି କହିଛନ୍ତି ପ୍ରଣବଙ୍କ ଝିଅ। ସେ ଆହୁରି କହିଛନ୍ତ ଯେ, 'ମୁଁ ମୋ ବାପାଙ୍କ ହାତ ଲେଖା ଡାଏରୀ ପଢ଼ିଛି। ଏଥିରେ ଯେତେବେଳେ ଭାରତର ପୂର୍ବତନ ରାଷ୍ଟ୍ରପତି କେ ଆର୍ ନାରାୟଣଙ୍କ ଦେହାନ୍ତ ହୋଇଥିଲା ସେତେବେଳେ ସିଡବ୍ଲୁସି ତରଫରୁ ବୈଠକ ବସିଥିଲା। ଖୋଦ୍ ବାପା ପ୍ରଣବ ମୁଖାର୍ଜୀ ଶୋକ ସନ୍ଦେଶ ପ୍ରସ୍ତୁତ କରିଥିଲେ।' ଏହାବ୍ୟତୀତ ସିଆର୍ କେସବନଙ୍କ ଏକ ପୋଷ୍ଟକୁ ଦର୍ଶାଇ କଂଗ୍ରେସ ଦଳର ସଦସ୍ୟଙ୍କୁ କେବଳ ଏଥିପାଇଁ ଅଣଦେଖା କରିଥିଲା କାରଣ ସେମାନେ ଗାନ୍ଧି ପରିବାରର ସଦସ୍ୟ ନଥିଲେ ବୋଲି ଶର୍ମିଷ୍ଠା କହିଛନ୍ତି।

# ନୀତୀଶଙ୍କ ଶତକ ବଳରେ ଭାରତ ଫଲୋଅନ୍ ଏଡ଼ାଇଲା





**ମେଲବର୍ଣ୍ଣ, ୨୮।୧୨:** ଐତିହାସିକ ମେଲବର୍ଣ୍ଣରେ ନିଜ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଟିମ ଇଣ୍ଡିଆର ରାଇଜିଂ ଷ୍ଟାର ନୀତୀଶ କୁମାର ରେଡ୍ଡୀ। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ବକ୍ସିଂ ଡେ ଟେଷ୍ଟର ତୃତୀୟ ଦିନରେ ନୀତୀଶ କୁମାରଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ଶତକ। ସେ ଶତକ ହାସଲ କରିବାରୁ ଅଷ୍ଟ୍ରେଲିଆ ଚ୍ୟାଲେଞ୍ଜକୁ ବେଶ ଚମତ୍କାର ଢଙ୍ଗରେ ମୁକାବିଲା କରିଛି ଟିମ ଇଣ୍ଡିଆ। ଅଷ୍ଟ୍ରେଲିଆ ବିପକ୍ଷରେ, ଐତିହାସିକ ମେଲବର୍ଣ୍ଣରେ ତା' ପୁଣି ୮ ନଂରେ ବ୍ୟାଟିଂ କରି ନୀତୀଶ କୁମାର ପ୍ରଥମ ଶତକ ହାସଲ କରିବା ବେଶ ସ୍ୱତନ୍ତ୍ର। ଏହି ଶତକ ଟିମ ଇଣ୍ଡିଆ ଓ ବ୍ୟକ୍ତିଗତ ନୀତୀଶ କୁମାରଙ୍କ ପାଇଁ ଗୋଟିଏ ବଡ଼ ଉପଲବ୍ଧି। କାରଣ ଭାରତକୁ ଜରୁରୀ ଥିବା ବେଳେ ନୀତୀଶ କୁମାରଙ୍କ ବ୍ୟାଟରୁ ଶତକ ବାହାରିଛି। ଭାରତ ୧୯୧ ରନରେ ୬ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ବେଳେ ନୀତୀଶ କୁମାର ବ୍ୟାଟିଂ କରିବାକୁ ଆସିଥିଲେ। ସେ ଆରମ୍ଭରୁ ଭଲ ବଲକୁ ସମ୍ମାନ ଦେବା ସହ ମୌକା ଦେଖି ଚୌକା ମଧ୍ୟ ମାରିଥିଲେ। ପ୍ରଥମେ ରବୀନ୍ଦ୍ର ଜାଡେଜାଙ୍କ ସହ ମିଶି ସେ ଦଳୀୟ ସ୍କୋରକୁ ୨୨୧ରେ ପହଞ୍ଚାଇଥିଲେ। ଏହାପରେ ୱାଶିଂଟନ ସୁନ୍ଦରଙ୍କ ସହ ମିଶି ଶତକୀୟ ଭାଗିଦାରୀ କରିଥିଲେ।

ସୁନ୍ଦର ମଧ୍ୟ ୫୦ ରନର ଇନିଂସ ଖେଳିଛନ୍ତି। ଆଜି ତୃତୀୟ ଦିବସ ବର୍ଷା ଯୋଗୁ ଆଗୁଆ ବନ୍ଦ ହେବା ବେଳକୁ ଭାରତ ୯ ୱିକେଟ ହରାଇ ୩୫୮ ରନ କରି ନେଇଛି। ନୀତୀଶ କୁମାର ୧୦୫ ରନ ଓ ମହମ୍ମଦ ସିରାଜ ୨ ରନ କରି ଅପରାଜିତ ରହିଛନ୍ତି। ଏବେ ଭାରତ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୧୧୬ ରନ ପଛରେ ରହିଛି। ଦ୍ୱିତୀୟ ଖେଳ ଶେଷ ବେଳକୁ ଭାରତ ୫ ୱିକେଟ ହରାଇ ୧୬୪ ରନ କରିଥିଲା। ଆଜି ଆଉ କିଛି ରନ ଯୋଡ଼ିବା ପରେ ପ୍ରଥମ ବ୍ୟାଟର ଭାବେ ଋଷଭ ପନ୍ତ ୨୮ ରନ କରି ସ୍କଟ ବୋଲାଣ୍ଡଙ୍କ ବଲରେ ଆଉଟ ହୋଇଯାଇଥିଲେ। ଜାଡେଜା ମଧ୍ୟ କେବଳ ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ଫଲୋଅନ ଏଡ଼ାଇବାକୁ ଭାରତକୁ ୨୭୪ ରନ ଦରକାର ଥିବା ବେଳେ ଦଳ ୨୨୧ ରନରେ ୭ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏତିକି ବେଳେ ନୀତୀଶ ଓ ସୁନ୍ଦରଙ୍କ ଯୋଡ଼ି ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଅଷ୍ଟ୍ରେଲିଆ ବୋଲିଂ ଆଟାକକୁ ଉଭୟ ଦମଦାର ଢଙ୍ଗରେ ମୁକାବିଲା କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ପ୍ରଥମେ ନୀତୀଶ କୁମାର ଅର୍ଦ୍ଧଶତକ ହାସଲ କରି ନିଜ ଶତକ ଆଡ଼କୁ ଅଗ୍ରସର ହୋଇଥିଲେ। ଅର୍ଦ୍ଧଶତକ ହାସଲ କରିବା ପରେ ସେ ପୁଷ୍ପା ଷ୍ଟାଇଲରେ ନିଜ ମୁହଁ ପାଖକୁ ବ୍ୟାଟ ନେଇ ସେଲିବ୍ରେଟ କରିଥିଲେ। ସୁନ୍ଦର ତାଙ୍କୁ ସାଥ ଦେବା ସହ ନିଜର ଅର୍ଦ୍ଧଶତକ ବି ପୂରଣ କରିଥିଲେ। ହେଲେ ସେ ୫୦ ରନ କରିଥିବା ବେଳେ ତାଙ୍କୁ ନାଥନ ଲାୟନ ଆଉଟ କରିଦେଇଥିଲେ। ଯଶପ୍ରୀତ ବୁମ୍ରା କେବଳ ୩ଟି ବଲର ସମ୍ମୁଖୀନ ହୋଇ ଖାତା ଖୋଲି ପାରି ନଥିଲେ। ୩୫୦ ରନରେ ଭାରତ ୯ମ ୱିକେଟ ହରାଇବା ବେଳେ ନୀତୀଶ ନିଜର ଶତକ ଠାରୁ ମାତ୍ର ଗୋଟିଏ ରନ ଦୂରରେ ରହିଥିଲେ।

## ୱାଶିଂଟନ ସୁନ୍ଦରଙ୍କ ଅର୍ଦ୍ଧଶତକ

ମହମ୍ମଦ ସିରାଜଙ୍କ ଉପରେ ସବୁ କିଛି ନିର୍ଭର କରୁଥିବା ବେଳେ ସେ ମଧ୍ୟ ଅଷ୍ଟ୍ରେଲିଆ ଅଧିନାୟକ ପାଟ କମିନ୍ସଙ୍କ ଚ୍ୟାଲେଞ୍ଜକୁ ମୁକାବିଲା କରିଥିଲେ। ପରବର୍ତ୍ତୀ ଓଭରରେ ନୀତୀଶ କୁମାର ବୋଲାଣ୍ଡଙ୍କୁ ଚୌକା ମାରି ନିଜ ଟେଷ୍ଟ ତଥା ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଶତକ ହାସଲ ପରେ ସେ ମେଲବର୍ଣ୍ଣ ଷ୍ଟାଡିୟମରେ ଆଣ୍ଠୁ ପକାଇ ବ୍ୟାଟର ହ୍ୟାଣ୍ଡେଲରେ ହେଲମେଟକୁ ରଖି ନିଆରା ଢଙ୍ଗରେ ସେଲିବ୍ରେଟ କରିଥିଲେ। ନୀତୀଶ ଆଜି ୧୭୬ ବଲରେ ୧୦୫ ରନର ଅପରାଜିତ ଇନିଂସ ଖେଳିଛନ୍ତି। ଏହି ଇନିଂସରେ ସେ ୧୦ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ତେବେ ଭାରତର ସ୍କୋର ୩୫୮/୯ ଥିବା ବେଳେ ହଠାତ୍ କଳା ବାଦଲ ଘୋଟି ଆସିଥିଲା। ତେଣୁ ଧାର୍ଯ୍ୟ ସମୟ ଆଗରୁ ଦୁଇ ଅମ୍ପାୟାର ତୃତୀୟ ଦିନର ଖେଳକୁ ଆଗୁଆ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ।

# ୨୦୨୪ରେ ସନ୍ୟାସ ନେଇଥିବା କ୍ରିକେଟ



**ନୂଆଦିଲ୍ଲୀ ୨୭।୧୨:** କ୍ରୀଡାପ୍ରେମୀଙ୍କ ହୃଦୟ ଭାଙ୍ଗିଲେ। କ୍ୟାରିୟରକୁ କହିଲେ ଅଲ୍‌ବିଦା। ଦୀର୍ଘ ଦିନର ଯାତ୍ରାରେ ପକାଇଲେ ପୂର୍ଣ୍ଣଚ୍ଛେଦ। ୨୦୨୪ ଥିଲା ବିଶ୍ୱ କ୍ରିକେଟରଙ୍କ କ୍ୟାରିୟରର ଶେଷ ବର୍ଷ। ଦୀର୍ଘ ବର୍ଷ ଧରି ଫ୍ୟାନ୍ସଙ୍କ ହୃଦୟରେ ରାଜ କରୁଥିବା ପ୍ଲେୟର ପଡିଆରେ ଆଉ ଦେଖିବାକୁ ମିଳିବେନି। ଏମାନଙ୍କ ମଧ୍ୟରୁ ଏପରି କିଛି ପ୍ଲେୟର ଅଛନ୍ତି ଯାହାଙ୍କ ସନ୍ୟାସ ରହିଥିଲା ବେଶ ବିବାଦୀୟ।

ଲିଷ୍ଟର ପ୍ରଥମରେ ଅଛନ୍ତି ଟିମ୍ ଇଣ୍ଡିଆର ୩ ଷ୍ଟାର ପ୍ଲେୟର। ୨୦୨୪ ଟି-ଟ୍ୱେଣ୍ଟି ଓ୍ୱାର୍ଲ୍ଡକପ୍ ଜିତିବା ପରେ ଟି-୨୦ରୁ ନେଇଛନ୍ତି ସନ୍ୟାସ। ଏହି ପ୍ଲେୟର ହେଉଛନ୍ତି ବିରାଟ କୋହଲି, ରୋହିତ ଶର୍ମା ଓ ରବିନ୍ଦ୍ର ଜାଡେଜା। ଭାରତ ଦ୍ୱିତୀୟ ଥର ପାଇଁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବା ମାତ୍ରେ ବିରାଟ ଗ୍ରାଉଣ୍ଡ୍ ଭିତରେ ଅବସର ଘୋଷଣା କରି ଚକିତ କରିଦେଇଥିଲେ। ପରେ ପରେ ରୋହିତ ଓ ଜାଡେଜା ଅବସର ନେଇଥିଲେ। ଏମାନଙ୍କ ବ୍ୟାକ୍-ଟୁ-ବ୍ୟାକ୍ ଅବସର ନେବା ପାଲଟିଥିଲା ଚର୍ଚ୍ଚାର ବିଷୟ।

ଏହାପଛକୁ ରହିଛନ୍ତି ଟିମ୍ ଇଣ୍ଡିଆର ଲୋକପ୍ରିୟ ପ୍ଲେୟର ଶିଖର ଧାୱନ। ତାଙ୍କ ଅବସର ସମସ୍ତଙ୍କୁ ବ୍ୟଥିତ କରିଥିଲା। ଯୁବ ତାରକାଙ୍କ ଆବିର୍ଭାବ ପରେ ଧାୱନଙ୍କୁ ଅଣଦେଖା କରାଯାଇଥିଲା। ବେଶ୍ କିଛି ଦିନ ଅପେକ୍ଷା କରିବା ପରେ ଅଗଷ୍ଟ ୨୪ରେ ସେ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଧାୱନ ଶେଷ ଥର ପାଇଁ ୨୦୨୨ ଡିସେମ୍ବରରେ ବାଂଲାଦେଶ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଭାରତ ପାଇଁ ଖେଳିଥିଲେ ଏବଂ ଶୁଭମନ ଗିଲଙ୍କ ଆବିର୍ଭାବ ପରେ ତାଙ୍କୁ ଆଉ ଟିମ୍‌ରେ ସ୍ଥାନ ମିଳି ନଥିଲା। ସେହିପରି ଟିମ୍ ଇଣ୍ଡିଆର ପୂର୍ବତନ ୱିକେଟ୍ କିପର ଦିନେଶ କାର୍ତ୍ତିକ ଆଇପିଏଲ୍ ସହ ସବୁ ଫର୍ମାଟରୁ ଅବସର ନେଇଥିଲେ। ନିଜର ୩୯ତମ ଜନ୍ମଦିନରେ ସେ ସୋସିଆଲ ମିଡିଆରେ ଏନେଇ ଘୋଷଣା କରିଥିଲେ। ତେବେ ଏମାନଙ୍କ ବ୍ୟତୀତ ନିକଟରେ ଅବସର ଘୋଷଣା କରିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ସେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଶେଷରେ ହିଁ ବିଶ୍ୱ ପ୍ରସିଦ୍ଧ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଛନ୍ତି। ଅଶ୍ୱିନଙ୍କ ବିଦାୟ ସହ ଏକ ପାରମ୍ପରିକ ଅଫ ସ୍ପିନ୍ ବୋଲିଂର ଯୁଗ ଶେଷ ହୋଇଯାଇଛି।

ଏମାନଙ୍କ ବ୍ୟତୀତ ୨୦୨୪ରେ ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ଟିମ୍ ସାଉଦି ଟେଷ୍ଟରୁ ଅବସର ଘୋଷଣା କରିଛନ୍ତି। ସାଉଦି ଟେଷ୍ଟ କ୍ରିକେଟ୍‌ରେ ୩୯୧ଟି ୱିକେଟ୍ ନେଇଛନ୍ତି। ସେହିପରି ନ୍ୟୁଜିଲାଣ୍ଡର ଅନ୍ୟତମ ପେସ୍ ବୋଲର ନିଲ ୱାଗନର ମଧ୍ୟ ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘାଷଣା କରିଛନ୍ତି । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଭାରତକୁ ହରାଇ ଟାଇଟଲ ଜିତିବା ପଛରେ ୱାଗନରଙ୍କ ରହିଥିଲା ପ୍ରମୁଖ ଭୂମିକା। ତେବେ ଏମାନଙ୍କ ବ୍ୟତୀତ ପ୍ରସିଦ୍ଧ ଇଂଲଣ୍ଡ ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କ ବିଦାୟ ସାମାନ୍ୟ ବିବାଦୀୟ ରହିଥିଲା। ତାଙ୍କୁ ଅବସର ନେବା ପାଇଁ ଏକ ପ୍ରକାର ବାଧ୍ୟ କରାଯାଇଥିଲା। ତାଙ୍କ ଯୋଗୁଁ ଯୁବ ତାରକାଙ୍କୁ ସୁଯୋଗ ମିଳିପାରୁନଥିବା ଟିମ ମ୍ୟାନେଜମେଣ୍ଟ ଜଣାଇଥିଲା। ଶେଷରେ ଜୁଲାଇ ୧୨ରେ ଅନୁଷ୍ଠିତ ୱେଷ୍ଟ ଇଣ୍ଡିଜ ବିପକ୍ଷ ଲର୍ଡସ ଟେଷ୍ଟ ଖେଳି ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବିଦାୟ ନେଇଥିଲେ।



## ଏମ୍‌ସିସି ସଦସ୍ୟତା ସ୍ୱୀକାର କଲେ ସଚିନ

**ମେଲ୍‌ବର୍ଣ୍ଣ, ୨୭।୧୨:** ଭାରତୀୟ କିଂବଦନ୍ତି ସଚିନ ତେନ୍ଦୁଲକର ଶୁକ୍ରବାର ସମ୍ମାନଜନକ ମେଲ୍‌ବର୍ଣ୍ଣ କ୍ରିକେଟ୍ କ୍ଲବ୍ (ଏମ୍‌ସିସି)ର ସଦସ୍ୟତା ସ୍ୱୀକାର କରିଛନ୍ତି। ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି) ବିଶ୍ୱର ଶ୍ରେଷ୍ଠ ଷ୍ଟାଡିୟମ୍ ଭାବେ ପରିଚିତ। ଏହାର ଦେଖାଶୁଣା ୧୮୩୮ରେ ପ୍ରତିଷ୍ଠିତ ଅଷ୍ଟ୍ରେଲିଆର ସବୁଠୁ ପୁରୁଣା କ୍ରୀଡ଼ା କ୍ଲବ୍ ଏମ୍‌ସିସି କରୁଛି। ଏମ୍‌ସିସି 'ଏକ୍ସ' ପୋଷ୍ଟ୍ କରିଛି ''ଏହା ଏକ ବଡ଼ ସମ୍ମାନ। କ୍ରୀଡ଼ାପ୍ରତି ଯୋଗଦାନ ଲାଗି ଆମେ ପୂର୍ବତନ ଭାରତୀୟ ଅଧିନାୟକ ସଚିନ ତେନ୍ଦୁଲକରଙ୍କୁ କ୍ରିକେଟ୍ ସଦସ୍ୟତା ପ୍ରଦାନ କରିଛୁ। ସେ ଏହା ସ୍ୱୀକାର କରିଥିବାରୁ ଆମେ ବହୁତ ଖୁସି''। ଏମ୍‌ସିଜିରେ ସଚିନ ୫ ଟେଷ୍ଟ୍ ମ୍ୟାଚ୍ ଖେଳି ୪୪.୯୦ ହାର, ୫୯.୬୯ ଷ୍ଟ୍ରାଇକ୍‌ରେଟ୍ ଓ ୩ ଅର୍ଦ୍ଧଶତକ ସହାୟତାରେ ୪୪୯ ରନ୍ କରିଛନ୍ତି। ଏମ୍‌ସିଜିରେ ସଚିନଙ୍କ ନାମରେ ଏବେବି ସର୍ବାଧିକ ରନ୍‌ର ରେକର୍ଡ ରହିଛି। ସଚିନଙ୍କୁ ୨୦୧୨ରେ ଅଷ୍ଟ୍ରେଲିଆର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ଅଷ୍ଟ୍ରେଲିଆ' ମିଳିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେନ୍ଦ୍ର ବିରୋଧରେ...

ସେମାନଙ୍କୁ ବୁଝାଇଲା ବେଳକୁ ଖୋରଧାର ଦୁଇ ପାଇକ ରଣହୁଙ୍କାର ଦେଇ ପରିବେଶକୁ ସରଗରମ କରିଥିଲେ । ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଓ ଜଟଣୀର ବର୍ତ୍ତମାନର ବିଧାୟକ ବିଭୂତି ବଳବନ୍ତରାୟ ନିର୍ବାଚନ ଫଳାଫଳକୁ ନେଇ ରେ ରେ କାର ଡାକରା ଦେଇଥିଲେ। ଏ ଦୁଇଜଣଙ୍କୁ ବୁଝାଇବାକୁ ଢେର ସମୟ ଲାଗିଥିଲା । ଅସଲ ପ୍ରସଙ୍ଗକୁ ଆସିଲା ବେଳକୁ ବିଜେପି ଛାଡି ବିଜେଡି ହାତ ଧରିଥିବା ଲେଖାଶ୍ରୀ ସାମନ୍ତ ସିଂହାର ପୂରା ଅଧ୍ୟାପିକା ଠାଣିରେ ପଚାରିଥିଲେ, ବିରୋଧ ହେବ ନା ଉପରୁ ଫୋନ୍ ଆସିଲେ ବନ୍ଦ ହୋଇଯିବ? ଲେଖାଙ୍କର ଏଭଳି ରୋକଠୋକ୍ କଥା କିଛି ସମୟ ପାଇଁ ପରିବେଶକୁ ଗୁରୁଗମ୍ଭୀର କରିଥିବାବେଳେ ଜଣେ ବରିଷ୍ଠ କିନ୍ତୁ ପରିବେଶକୁ ହାଲକା କରିବାକୁ ଯାଇ ନିଶ୍ଚିତ ବିରୋଧ ହେବ ବୋଲି ଦୃଢ କଣ୍ଠରେ କହିଥିଲେ । ଏହାପରେ ଉଠିଥିଲା ଲୋକ ଆଣି ବିରୋଧ କରିବାର କଥା । କିଏ କେତେ ଲୋକ ଆଣିବେ ସେଥିପାଇଁ ପରସ୍ପର ମୁହଁକୁ ଚାହିଁଥିଲେ । ଏତିକିବେଳେ ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲି କହିଥିଲେ ବିନା ଟଙ୍କାରେ ଲୋକ ଆସିବା କଷ୍ଟକର । ଟଙ୍କା ଦେଲେ ଲୋକ ଆସିବେ । ସମସ୍ତେ ବି କଥାଟାକୁ ମୌନେ ସମ୍ମତି ଜଣାଇଥିଲେ। ହେଲେ ଟଙ୍କା କଥା ଶୁଣିବା ମାତ୍ରେ କ୍ରୀତଦାସ ସେଠାରୁ ବାହାନା ଦେଖାଇ ଛୁ ମାରିଥିଲେ । ଏହାକୁ ନେଇ ନେଇ କିଛି ସମୟପାଇଁ ନିରବ ଆଲୋଚନା ଚାଲିଥିଲେ ବି କେହି କିଛି ମୁହଁ ଖୋଲି କହିନଥିଲେ ।

ଏବେ ଦଳୀୟ କର୍ମୀମାନେ କହୁଛନ୍ତି ନେତାମାନେ ଏଭଳି ସ୍ଥିତିରେ ଥିବାବେଳେ ଗୋଟିଏ ଜାତୀୟ ଦଳକୁ ବିରୋଧ କରାଯିବ କିପରି । ଦରଦାମ ବଢିଛି ସତ, ହେଲେ ଏଥିରେ ବି ବିଜେଡିର କିଛି ଅବଦାନ ରହିଛି । କାରଣ ରାଜ୍ୟରେ ୨୫ବର୍ଷ ଶାସନରେ ଥିବା ଦଳ ପନିପରିବା ଠାରୁ ତୈଳବୀଜ ପର୍ଯ୍ୟନ୍ତ ସବୁ କିଛିରେ ପଛରେ ପଡିଛି । ଖାଲି ଯାହା ଧାନରେ ଆତ୍ମନିର୍ଭରଶୀଳ। ତେଣୁ କେନ୍ଦ୍ର ସରକାର ଉପରକୁ ଦୋଷ ଠେଲିବା ପୂର୍ବରୁ ଟିକେ ରିହଲସଲ କରିବା ଆବଶ୍ୟକ । ଏଥିପାଇଁ ପୂର୍ଣ୍ଣ ପ୍ରସ୍ତୁତି ସହିତ ହାତଖୋଲା ଖର୍ଚ୍ଚ ଦରକାର ହେଉଥିବାବେଳେ ନେତାମାନଙ୍କ ତୁ ତୁ ମେଁ ମେଁ ଓ ଟଙ୍କା କଥା ଶୁଣି ପଳାୟନ ଏବେ ଦଳର କ୍ଷେତ୍ର ପ୍ରଦର୍ଶନ ଉପରେ ପ୍ରଶ୍ନବାଚୀ ଲଗାଇ ଦେଲାଣି ।

## ସ୍ନାତକମାନେ...

ବୈଜ୍ଞାନିକ ପରାମର୍ଶଦାତା, ପ୍ରଫେସର ଅଜୟ କୁମାର ସୁଦ, ପରମାଣୁ ଶକ୍ତି ଆୟୋଗ ଅଧ୍ୟକ୍ଷ ଡ. ଅଜିତ କୁମାର ମହାନ୍ତି, ସଚିବ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ପ୍ରଫେସର ଅଭୟ କରଣ୍ଡିକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର ସମାବର୍ତ୍ତନ ରିପୋର୍ଟ ଉପସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ପ୍ରଫେସର ଅଜୟ କୁମାର ସୁଦ ସର୍ବଭାରତୀୟ ସ୍ତରରେ ପ୍ରତିଯୋଗୀ ହେବା ପାଇଁ ଅନୁସନ୍ଧାନ ଏବଂ ନବସୃଜନ ମାଧ୍ୟମରେ ଜ୍ଞାନ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏକାଡେମୀ ଓ ଶିଳ୍ପ ମଧ୍ୟରେ ସହଭାଗିତା, ବହୁ-ବିଭାଗୀୟ ଆଭିମୁଖ୍ୟ, ଭୂମିପୂଜନ ଅନୁସନ୍ଧାନ, ଅତ୍ୟାଧୁନିକ ଭିତ୍ତିଭୂମିରେ ପାଣ୍ଠି ବିନିଯୋଗ ଏବଂ ଅନୁସନ୍ଧାନ ଇକୋସିଷ୍ଟମର ବିକାଶ ପାଇଁ ଏକ ଦକ୍ଷ ଓ ବିବିଧ କର୍ମଜୀବୀ ଏକାନ୍ତ ଆବଶ୍ୟକ। ଡ. ଅଜିତ କୁମାର ମହାନ୍ତି କହିଛନ୍ତି, କୃତ୍ରିମ ବୁଦ୍ଧିମତା ଯୁଗରେ ମଧ୍ୟ ମାନବ ଜ୍ଞାନ ଏବଂ ମାନବ ଦକ୍ଷତା ଅପୂରଣୀୟ। ଦେଶର ଯୁବକମାନେ ନିଜ ଶକ୍ତିକୁ ଦେଶର ବିକାଶ ଦିଗରେ ବ୍ୟବହାର କରିବା ଉଚିତ। ପ୍ରଫେସର ଅଭୟ କରାଣ୍ଡିକର ଆଇଆଇଟି ଭୁବନେଶ୍ୱରକୁ ଅତ୍ୟାଧୁନିକ ଗବେଷଣା ଏବଂ ନବସୃଜନର କେନ୍ଦ୍ର ପାଲଟିଥିବାରୁ ପ୍ରଶଂସା କରିଥିଲେ। ସେ କହିଛନ୍ତି, ଷ୍ଟାର୍ଟ ଅପ୍ ଇକୋସିଷ୍ଟମ୍ ଦୃଷ୍ଟିରୁ ଭାରତ ତୃତୀୟ ବୃହତ୍ତମ ହୋଇପାରିଛି ଯାହା ଦେଶର ଅଭିନବତା ଏବଂ ଉଦ୍ୟୋଗୀ ଶକ୍ତି ପ୍ରଦର୍ଶନ କରେ। ଯୁବକମାନେ ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ଭାରତକୁ ଅଗ୍ରଣୀ କରାଇବାରେ ସହଯୋଗ କରିବା ଦିଗରେ କାର୍ଯ୍ୟ କରିବା ଦରକାର।

ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ବିଭିନ୍ନ ପ୍ରୟାସ ଏବଂ ସଫଳତା ଉପରେ ନିର୍ଦ୍ଦେଶକ ଶ୍ରୀପଦ୍ କରମଲକର କହିଛନ୍ତି, ୨୦୦୮ ମସିହାରୁ ଏକ ଦୀର୍ଘ ରାସ୍ତା ଅତିକ୍ରମ କରିଛି। ଏହା ବିକଶିତ ଭାରତ @୨୦୪୭ ଦର୍ଶନ ଆଧାରରେ ନିଜକୁ ସମତୁଲ କରିଛି । ମୌଳିକ ହୋଇ ମତାମତ ଓ ସମାଲୋଚନା ପାଇଁ ଖୋଲା ରୁହନ୍ତୁ। ସଫଳତାରେ ଅନ୍ୟମାନଙ୍କ ଅବଦାନକୁ ଯଥାର୍ଥ ଭାବରେ ସ୍ୱୀକାର କରନ୍ତୁ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ସିଲିକନ୍ କାର୍ବାଇଡ୍ ଉପରେ ମହତ୍ତ୍ୱପୂର୍ଣ୍ଣ ଇଣ୍ଡଷ୍ଟ୍ରି-ଏକାଡେମୀ ରିସର୍ଚ୍ଚ ଓ ଇନୋଭେସନ୍ ସେଣ୍ଟର ପରିଦର୍ଶନ କରି ସେମିକଣ୍ଡକ୍ଟର ଅନୁସନ୍ଧାନକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହିତ ପ୍ରତିଷ୍ଠାନର ଗବେଷଣା ଓ ଉଦ୍ୟୋଗୀ ପାର୍କ ପରିଦର୍ଶନ କରି ଷ୍ଟାର୍ଟ ଅପ୍ ସହିତ ମଧ୍ୟ ଆଲୋଚନା କରିଥିଲେ।

୨୦୨୨-୨୩ ବର୍ଷ ପାଇଁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂର ହର୍ଷ ସିଂ ଯାଦୋନ ଏବଂ ୨୦୨୩-୨୪ ବର୍ଷ ପାଇଁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂର ଅର୍ଣ୍ଣବ କୁମାର ବେହେରାଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସମାବର୍ତ୍ତନ ସମାରୋହରେ ୨୦୨୨-୨୩ ଏବଂ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ୧୩୮୮ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରେ ୮% ହେଉଛନ୍ତି ପିଏଚଡି, ୧୯% ଏମ.ଟେକ, ୧୪% ଏମଏସସି, ୧୪% ଡୁଆଲ ଡିଗ୍ରୀ (ବି.ଟେକ ଓ ଏମ.ଟେକ) ଏବଂ ୪୫% ବି.ଟେକ ଛାତ୍ରଛାତ୍ରୀ।

## ସନ୍ଦେହରେ...

ଦେଲା। ବିଭାଗର ବାବୁମାନେ ରାତି ଅନିଦ୍ରା ହୋଇ ବିଲ୍ ତିଆରି କରି କରି ହାଲିଆ ହେଲେ। ପଇସାଟିଏର ଲାଭ ନପାଇ ଏବେ ଅପବାଦ ମୁଣ୍ଡାଇ ବୁଲୁଛନ୍ତି।

ତେବେ ଏଭଳି କୋଟି କୋଟି ଟଙ୍କା ଖର୍ଚ୍ଚ ପାଇଁ ନିର୍ଦ୍ଦେଶ ଦେଇଥିବା ବାବୁମାନେ କେତେ କମିଶନ ହାତେଇଛନ୍ତି ତାହାକୁ ନେଇ ଏବେ ଚର୍ଚ୍ଚା। ଓଡିଶା ବାହାରୁ ଯେଉଁ ସଂସ୍ଥାମାନଙ୍କୁ ଡାକି ଆଣିଥିଲେ ତାହା ପଛରେ କାହାର ପ୍ରୋତ୍ସାହନ ଥିଲା ଓ ଏଥିରେ କେଉଁ କେଉଁମାନେ ସାମିଲ ଥିଲେ ତାହାର ସାର୍ବଜନୀନ ପାଇଁ ବି ଦାବି ଉଠିଲାଣି।

ସେହିଭଳି ନିର୍ବାଚନ ହାରିବାକୁ ନେଇ ସୋସିଆଲ ମିଡିଆକୁ ଖୋଦ ନବୀନ ଦାୟୀ କରିଥିବାବେଳେ ତାଙ୍କରି ସରକାରର ସୋସିଆଲ ମିଡିଆ ଚଳାଇବାପାଇଁ କିଭଳି ପାଣିଭଳି ଟଙ୍କା ଖର୍ଚ୍ଚ ହେଉଥିଲା ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଦଳୀୟ କର୍ମୀମାନେ କହୁଛନ୍ତି। ଯେଉଁ ସଂସ୍ଥାମାନେ ମୋଟା ଅଙ୍କର ଟଙ୍କା ନେଇ ଟୁଇଟର, ଫେସ୍‌ବୁକ୍, ଇନଷ୍ଟାଗ୍ରାମ ଦାୟିତ୍ୱରେ ଥିଲେ ସେମାନେ କାହିଁକି ବିଜେପି ସୋସିଆଲ ମିଡିଆକୁ ମୁକାବିଲା କରିପାରିଲେ ତାହାର ଉତ୍ତର ସମ୍ପୃକ୍ତ ସଂସ୍ଥା ଓ ସେମାନଙ୍କୁ କାମ ବାଣ୍ଟିଥିବା ମାମଲତକାରମାନେ ଦେବା ଆବଶ୍ୟକ। କେବଳ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ନୁହେଁ, ପ୍ରତ୍ୟେକ ମନ୍ତ୍ରୀ ସରକାରୀ ପଇସାରେ ନିଜ ନିଜର ସୋସିଆଲ ମିଡିଆ ଟିମ୍ ଗଠନକରି ପ୍ରଚାର ପ୍ରସାର ଚଳାଇଥିଲେ। ତେଣୁ ସେମାନଙ୍କୁ ତଦନ୍ତ ପରିସରକୁ ଆଣି କେଉଁ ସଂସ୍ଥା କେତେ ଟଙ୍କା ନେଇ ସୋସିଆଲ ମିଡିଆ ଦାୟିତ୍ୱରେ ଥିଲେ ତାହା ସାର୍ବଜନୀନ କରାଯିବା ପାଇଁ ଦାବି ଉଠିଲାଣି। ନୂଆ ସରକାର ଏହା ଉପରେ କି ନିଷ୍ପତ୍ତି ନେବେ ତାହାକୁ ସମସ୍ତଙ୍କର ଅପେକ୍ଷା।

## ବଢ଼ିବ...

୪୩ ପଞ୍ଚାୟତ ରହିଛି। ବାଲେଶ୍ୱରର ଭୋଗରାଇ, କୋରାପୁଟର ବୋରିଗୁମ୍ମା ଓ ଦଶମନ୍ତପୁର, ଗଜପତିର ମୋହନା ବ୍ଲକରେ ରହିଛି ୩୯ଟି ପଞ୍ଚାୟତ। ଝାରସୁଗୁଡାର ଲଖନପୁରରେ ୩୩ଟି ପଞ୍ଚାୟତ ରହିଛି । ଏହି ବ୍ଲକ ଅଫିସ ସବୁର ଦୂରତା ଗାଁଠାରୁ ୪୦ରୁ ୫୦ କିଲୋମିଟର। ଯେଉଁଠି ଲୋକଙ୍କୁ ପହଞ୍ଚିବାକୁ ଅନେକ ଅସୁବିଧା ହେଉଛି। ପ୍ରଶାସନ ମଧ୍ୟ ବେଳେ ବେଳେ ପହଞ୍ଚିପାରୁନି।

୨୦୧୭ରେ ବିଜେଡି ସରକାର ସମୟରେ ୫୦୦ ନୂଆ ପଞ୍ଚାୟତ ଗଠନ କରାଯାଇଥିଲା । ହେଲେ ୨୪ ବର୍ଷ ଶାସନ କାଳରେ ନୂଆ ବ୍ଲକ ନେଇ କୌଣସି ନିଷ୍ପତ୍ତି ନେଇପାରି ନ ଥିଲେ । ୧୯୫୮ ମସିହାରେ ରାଜ୍ୟରେ ୧୨୪ଟି ବ୍ଲକ ରହିଥିଲାବେଳେ ୧୯୬୧କୁ ଏହି ସଂଖ୍ୟା ୨୧୪ ଛୁଇଁଥିଲା। ପରେ ୧୯୮୪ରେ ରାଜ୍ୟର ବ୍ଲକ ସଂଖ୍ୟା ୩୧୪ ହୋଇଥିଲା । ଲୋକସଂଖ୍ୟା ଅନୁପାତରେ ବ୍ଲକ ସଂଖ୍ୟା ବୃଦ୍ଧି କରାଯାଇନାହିଁ।

## ଚାଷୀଙ୍କୁ...

ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିଲମ୍ବିତକୁ...

ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡ଼ା ଓ ଯାଜପୁର ଏବଂ ବୟନମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଖୋର୍ଦ୍ଧା ଜିଲ୍ଲା ବୁଲିବେ। କ୍ଷୟକ୍ଷତି ଅନୁଧ୍ୟାନ କରି ଫେରିବା ପରେ କ୍ଷତିପୂରଣ ପ୍ରଦାନ ନିମିତ୍ତ ପଦକ୍ଷେପ ଗ୍ରହଣ କରାଯିବ।

## ଆରେଷ୍ଟ...

ଏକାଧିକ ଜାଲ କମ୍ପାନୀ କରି ଲୋକଙ୍କୁ ସାଇବର ଆରେଷ୍ଟ କରି ଲୁଟ୍ କରୁଥିଲେ। ଗତ ମେ ୨୨ ତାରିଖରେ ଭୁବନେଶ୍ୱର ଜଣେ ବରିଷ୍ଠ ନାଗରିକ ଦୁଇଟି ଫେକ କଲ ପାଇଥିଲେ। ଗୋଟିଏ କଲ ନିଜକୁ ଫେଡେକ୍ସ କୋରିୟର ଅଫିସ ଓ ଅନ୍ୟ ଏକ କଲ ମୁମ୍ବାଇ କ୍ରାଇମବ୍ରାଞ୍ଚ ଅଫିସରୁ ଆସିଥିବା ଏହି ସାଇବର ଅପରାଧୀମାନେ ପରିଚୟ ଦେଇଥିଲେ। ଫୋନ କଲ କରିଥିବା ଅପରାଧୀମାନେ ଏହି ବୟସ୍କ ନାଗରିକଙ୍କୁ କହିଥିଲେ ଯେ, ତାଙ୍କ ଆଧାରକାର୍ଡ କିଛି ଦୁର୍ବୃତ୍ତ ହ୍ୟାକ କରି ବେଆଇନ ଟଙ୍କା ନେଣଦେଣ କରାଯାଇଛି। ଏହି ଅପରାଧରେ ତାଙ୍କୁ ତିନିରୁ ସାତ ବର୍ଷ ଜେଲ ଦଣ୍ଡ ହେବ। ଏଥିରୁ ବଂଚିବା ପାଇଁ ସେମାନେ ଏକ କୋଟି ୩୭ ଲକ୍ଷ ୯୦ ହଜାର ଟଙ୍କା ତାଙ୍କର ଓ ତାଙ୍କ ପତ୍ନୀଙ୍କ ଆକାଉଣ୍ଟରୁ କିଛି ନିର୍ଦ୍ଦିଷ୍ଟ ଆକାଉଣ୍ଟଙ୍କୁ ଟ୍ରାନ୍ସଫର କରିବାକୁ ବାଧ୍ୟ କରିଥିଲେ। କ୍ରାଇମବ୍ରାଞ୍ଚ ଯାଞ୍ଚରୁ ଜଣାପଡିଲା ଯେ ବୟସ୍କ ବ୍ୟକ୍ତି ଜଣକ ଟ୍ରାନ୍ସଫର କରିଥିବା କୋଟିଏ ୩୮ ଲକ୍ଷ ମଧ୍ୟରୁ ଏକ କୋଟି ୧୨ ଲକ୍ଷ ଟଙ୍କା ବଂଶିଲ ସଫ୍ଟୱେର ପ୍ରାଇଭେଟ ଲିମିଟେଡ ଆକାଉଣ୍ଟରେ ଜମା ହୋଇଛି। ଆଉ କମ୍ପାନୀର ମାଲିକ ହେଉଛନ୍ତି ନୀଲମ ଓ ବଂଶ। ଏହି ଦୁଇଜଣଙ୍କୁ କ୍ରାଇମବ୍ରାଞ୍ଚ ଗାଜିଆବାଦରୁ ଗିରଫ କରିଥିବା ବେଳେ ସେମାନେ ଏହିଭଳି ଆହୁରି ୧୫ଟି ମାମଲାରେ ସଂପୃକ୍ତ ଥିବା ଜଣାପଡିଛି।

## ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବ୍ରହ୍ମପୁର,୨୮।୧୨(ସଂଚାର ବ୍ୟୁରୋ) :ଗତ ୨୫ ତାରିଖରେ ବ୍ରହ୍ମପୁର ଉପକଣ୍ଠ ଯୋଗୀଆପଲ୍ଲୀ ଚଣ୍ଡୀ ମନ୍ଦିର ଠାରେ ଏକ ବାଇକ ଧକ୍କାରେ ଗେଟବଜାର ଅଞ୍ଚଳର ଦମ୍ପତି ଅନୀତା ନାହାକ(୬୪), କାଳୀଚରଣ ନାହାକ(୭୪) ଗୁରୁତର ହୋଇଥିଲେ। ଶନିବାର ପୂର୍ବାହ୍ନରେ ଗୁରୁତର ଅନୀତା ନାହାକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ ଯେ,ଗତ ୨୫ ତାରିଖରେ କାଳୀଚରଣ ଓ ଅନୀତା ଯୋଗୀଆପଲ୍ଲୀ ନିକଟରେ ଏକ ଭୋଜିକୁ ଯୋଗ ଦେବାକୁ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଅନ୍ୟ ଏକ ବାଇକ ସହ ତାଙ୍କର ଗାଡ଼ି ସହ ଧକ୍କା ହୋଇଥିଲା। ଏଥିରେ ଦମ୍ପତି ରାସ୍ତାକଡରେ ଛିଟିକି ପଡିବା ସହ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିଲେ। ଏଠାରେ ଅନୀତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଥିଲା। ଏଠାରେ ଆଜି ଅନିତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ମୃତକଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ସୂଚନା ମିଳିଛି ।

# ଚାଷୀଙ୍କ ପାଇଁ ବିଜେଡିର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

## ରାଜ୍ୟ ସରକାରଙ୍କ ଅପାରଗତା ଫସଲ ନଷ୍ଟର ମୁଖ୍ୟ କାରଣ: ଅରୁଣ

**ନୟାଗଡ଼, ୨୮।୧୨ (ସଂଚାର ବ୍ୟୁରୋ) :** ଅଦିନିଆ ଲଗାଣ ବର୍ଷାରେ ନୟାଗଡ଼ ଜିଲ୍ଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ତାହାର ସଠିକ ଆକଳନ ଓ କ୍ଷତି ପୂରଣ ଦାବିରେ ଆଜି ବିଜୁ ଜନତା ଦଳ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବିଜେଡି ନେତ୍ରୀ ଇରାନୀ ରାୟ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଓ ଦାବିପତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ ପଡିଆରେ ବିକ୍ଷୋଭ ସମାବେଶ ହୋଇଥିଲା। ନବୀନ ସରକାର ସମୟରେ ଚାଷୀଙ୍କ ପାଇଁ ପ୍ରଶାସନ ତତ୍ପର ରହୁଥିଲା। ମୋହନ ସରକାର ଚାଷୀଙ୍କୁ ହତାଦର କରୁଛି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ। ଏଫକ୍ୟୁମାନ ନାଁରେ ସରକାର ଚାଷୀଙ୍କ ସହ ଛଳନା କରାଯାଉଛି। ଚାଷୀକୁଳ ପ୍ରତି ଭାରତୀୟ ଜନତା ପାର୍ଟିର ବୈମାତୃକ ମନୋଭାବ ବିରୁଦ୍ଧରେ ଜୋରଦାର ଲଢ଼େଇ ହେବ ବୋଲି ଭାପୁର ବ୍ଲକ ଉପାଧ୍ୟକ୍ଷ କହିଥିଲେ। ଇରାନୀ ରାୟ ତାଙ୍କ ବକ୍ତବ୍ୟରେ ଭୀମ ବଳ କୁନ୍ତିଙ୍କୁ ଜଣା ବୋଲି କହିଥିଲେ। ରଣପୁର ପୂର୍ବତନ ବିଧାୟକ ଚାଷୀଙ୍କ ପାଇଁ ଲଢ଼େଇ ବଜାୟ ରହିବ ବୋଲି କହିଥିଲେ। ଅମଳ ହୋଇଥିବା ଧାନ ମଣ୍ଡିକୁ ଚାଷୀ ଧାନ ଆଣି ପାରୁ ନଥିବା ବେଳେ



### ଏ ସରକାର କଟନି ଛଟନି ସରକାର
### ଅଦିନିଆ ଲଗାଣ ବର୍ଷାରେ ବ୍ୟାପକ ଫସଲ ନଷ୍ଟ
### କ୍ଷୟକ୍ଷତି ସଠିକ ଆକଳନ ଓ କ୍ଷତିପୂରଣ ଦାବି

ବିଲରେ ପଡ଼ିଥିବା ଧାନ ଗଜା ହେଲାଣି ବୋଲି ଦଶପଲ୍ଲା ବିଧାୟକ କହିଥିଲେ।

ଏ ସରକାର କଟନି ଛଟନି ସରକାର। ସବୁ ଯୋଜନାରେ ସେ କଟନି ଛଟନି ଆରମ୍ଭ କରିଛନ୍ତି। ଯାହା ପ୍ରତିଶ୍ରୁତି ଦେଇଥିଲେ, ସବୁଥିରେ କଟନି ଛଟନି କରିଛନ୍ତି ବୋଲି ବିଧାୟକ କହିଥିଲେ। ମନ୍ତ୍ରୀ ବାଇଗଣ ୪ ଟଙ୍କାରେ ମିଳୁଛି କହି ଓଡ଼ିଶା ବାସୀଙ୍କୁ ତାଚ୍ଛଲ୍ୟ କରୁଛନ୍ତି। ଗଞ୍ଜେଇ ଗାଡ଼ି ଧରା ହେଲେ ଏ ସରକାର ପଲିଟିକାଲ ପ୍ରେସର ପକାଇ ଛଡ଼ାଇ ଦେଉଛନ୍ତି, କିନ୍ତୁ ବର୍ଷାକୁ ପଲିଟିକାଲ ପ୍ରେସର ପକାଇ ପାରିବେ ନାହିଁ। ନଭେମ୍ବର ଓ ଡିସେମ୍ବର ମାସରେ ବର୍ଷା ହେବା ଅସ୍ୱାଭାବିକ। ରାଜ୍ୟକୁ ଅମଙ୍ଗଳ ପଡ଼ିଲେ, ଏଭଳି ହେବ ବୋଲି ନୟାଗଡ଼ ବିଧାୟକ କହିଥିଲେ। ଦଲାଲମାନେ ଚାଷୀଙ୍କଠାରୁ ୧୯ ଶହ ଟଙ୍କାରେ ଧାନ କିଣି ନେଲେଣି। ଜିଲ୍ଲାର ଏଯାଏଁ ମଣ୍ଡି ଆରମ୍ଭ ହୋଇନି ବୋଲି ନୟାଗଡ଼ ବିଧାୟକ କହିଥିଲେ। ଆଜିଠାରୁ ଆନ୍ଦୋଳନ ଆରମ୍ଭ। ତୁରନ୍ତ ସର୍ଭେ କରି କ୍ଷତି ପୂରଣ ଦିଅ। ଯଦି ଖେଳିବ, ତେବେ ଚାଷୀକୁଳ ରାଜ ରାସ୍ତାରେ ଖେଳ କରିବେ। ୨୦୨୫ ବର୍ଷ ହେଉଛି ଲଢ଼େଇର ବର୍ଷ ବୋଲି ବିଧାୟକ କହିଥିଲେ। ଡବଲ ଇଞ୍ଜିନ, ଡବଲ ଶୋଷଣ, ଡବଲ କଷଣ ବୋଲି ବିଧାୟକ କହିଥିଲେ।

ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖେଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନି, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲ୍ଲା ପରିଷଦ ସଦସ୍ୟ ବିରଜାଲକ୍ଷ୍ମୀ ସାହୁ, ସୁବାସ ଚନ୍ଦ୍ର କହଁର, ହରିଶ୍ଚନ୍ଦ୍ର ଜାନୀ, ବସନ୍ତ କୁମାର ପ୍ରଧାନ, ସଂଯୁକ୍ତା ପଢ଼ିଆରୀ, କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂହ, ସତ୍ୟଭାମା ନାୟକ, ନୟାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ଜିଲ୍ଲା ଯୁବ ବିଜେଡ଼ି ସଭାପତି ଦୁର୍ଯ୍ୟୋଧନ ବେହେରା, ବିଜେଡି ଛାତ୍ର ସଭାପତି ନୀଳମାଧବ ପଣ୍ଡା, ନୟାଗଡ଼ ବ୍ଲକ ସଭାପତି ଅଜିତ ପ୍ରସାଦ ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଶହ ଶହ କର୍ମୀ ଓ ଚାଷୀ ସାମିଲ ହୋଇଥିଲେ। ପଠାଣି ସାମନ୍ତ ଅଡିଟୋରିୟମଠାରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



# ମଦ ବିକ୍ରିକୁ ବିରୋଧ ମହିଳାଙ୍କ ପକ୍ଷରୁ ଥାନାରେ ଏତଲା

**ବୋରିଗୁମ୍ମା, ୨୮।୧୨ (ସଂଚାର ବ୍ୟୁରୋ) :** ଗାଁରେ ମଦ ବିକ୍ରିକୁ ବିରୋଧ କରି ଶହ ଶହ ମହିଳା ଏ ନେଇ ବୋରିଗୁମ୍ମା ଅବକାରୀ ଥାନାରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ମହିଳା ଏବଂ ପୁରୁଷ ଏକଜୁଟ ହୋଇ ମଦକୁ ବିରୋଧ କରି ନାରା ଦେଇ ଗାଁ ପରିକ୍ରମା କରିଥିଲେ। ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କେରକେଣ୍ଡା ଗାଁରେ ଦିନକୁ ଦିନ ଦେଶୀ ମଦ ଓ ପୁଡ଼ି ମଦ ବିପୁଳ ପରିମାଣରେ ବିକ୍ରି ହେଉଛି ଫଳରେ ଯୁବକମାନେ ମଦ ପିଇ ନାନା କୁକର୍ମରେ ଲିପ୍ତ ରହୁଛନ୍ତି। ମହିଳାମାନେ ଦିନ ମଜୁରିଆ ଭାବେ କାଜୁ ମିଲରେ କାମ କରି ଦୁଇ ପଇସା ରୋଜଗାର କରି ଆଣିଲେ ପୁରୁଷମାନେ ସ୍ତ୍ରୀକୁ ମାରଧାର କରି ଟଙ୍କା ଛଡାଇ ନେଇ ମଦ ପିଉଛନ୍ତି। ଏମିତିକି ସରକାରଙ୍କ ପକ୍ଷରୁ ମିଳୁଥିବା ଚାଉଳକୁ ବିକ୍ରି କରି ମଦ ପିଉଛନ୍ତି। ଅଳ୍ପ ବୟସରେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି ଆଉ ମୃତ୍ୟୁମୁଖରେ ପଡୁଛନ୍ତି। ଫଳରେ ଅନେକ ମହିଳା ଅଳ୍ପ ବୟସରୁ ବିଧବା ସାଜୁଛନ୍ତି। ଗାଁରେ ସବୁବେଳେ ଘରେ ଘରେ ମଦକୁ ନେଇ ଅଶାନ୍ତି ବଢୁଛି। କେରକେଣ୍ଡା ଗାଁରେ ଯେଉଁମାନେ ମଦ ବିକ୍ରି କରୁଛନ୍ତି ସେମାନଙ୍କୁ ପ୍ରଥମେ ଗାଁର ମହିଳା ଓ ପୁରୁଷମାନେ ତାଗିଦ କରିଥିଲେ କିନ୍ତୁ ମଦ ବିକ୍ରି କରୁଥିବା ବେପାରୀ ଗାଁ ଲୋକଙ୍କୁ ଧମକ ଚମକ ଦେଉଛନ୍ତି ସେଥିପାଇଁ ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ମହିଳା ଏକଜୁଟ ହୋଇ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ଚନ୍ଦ୍ର ବିଡ଼ିକାଙ୍କ ଉପସ୍ଥିତିରେ ବୋରିଗୁମ୍ମା ଅବକାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ର ଦେବା ସମୟରେ ଥାନା ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀ ଅନୁପସ୍ଥିତ ଥିବାରୁ ଏଏସଆଇ ସନୁ ସେଠିଆଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଗାଁରେ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି।

# ରାସ୍ତା ତଳକୁ ଓଲଟିଲା ବାଲି ବୋଝେଇ ହାଇୱା



**ନାଉଗାଁ, ୨୮।୧୨ (ସଂଚାର ବ୍ୟୁରୋ):** ନାଉଗାଁ ଗାଁ ନିକଟରେ ଭାରସ୍ୟାମ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଲା ବାଲି ବୋଝେଇ ହାଇୱା ଅଳ୍ପକେ ବର୍ତ୍ତିଲେ ଚାଳକ । ସୂଚନା ମୁତାବକ ଆଜି ସକାଳ ସମୟରେ ବାଲିଭଉଁରୀ ଶିଖର ମୁଖ୍ୟ ରାସ୍ତା ନାଉଗାଁ ଗାଁ ନିକଟରେ ଏକ ବାଲି ବୋଝେଇ ହାଇୱା ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବସକୁ ସାଇଡ ଦେବା ସମୟରେ ଭାରସ୍ୟାମ ହରାଇ ରାସ୍ତା ପାର୍ଶ୍ୱକୁ ହାଇୱାଟି ଓଲଟି ପଡିଥିଲା । ତେବେ ହାଇୱା ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଥିବାର ଦେଖା ଯାଇଛି । ଅନ୍ୟପଟେ ରାତ୍ର ସମୟରେ ପ୍ରତେକ ଦିନ ନାଉଗାଁ ତହସିଲ୍ ଅଧୀନରେ ଥିବା ମଞ୍ଜୁରୀ ପ୍ରାପ୍ତ ବାଲିଘାଟ ଗୁଡିକରୁ ବାଲି ଜଗତସିଂହପୁର ଜିଲ୍ଲା ସମେତ ପୁରୀ ଓ କଟକ ଜିଲ୍ଲାକୁ ରପ୍ତାନୀ କରାଯାଇଛି । କିନ୍ତୁ ଡ୍ରାଇଭର ମାନଙ୍କର ଅସାବଧାନତା ପାଇଁ ଏହିପରି ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି । ତେବେ ଏହି ଏକମାସ ଭିତରେ ଏହିପରି ଚାରୋଟି ଛୋଟ ମୋଟ ଘଟଣା ଘଟିଥିବା ଦେଖାଯାଇଛି। ତେଣୁ ଡ୍ରାଇଭମାନେ ସୁରକ୍ଷା ସହିତ ଗାଡ଼ି ଚଳାଇଲେ ନିଜେ ସୁରକ୍ଷିତ ରହିବା ସହିତ ଧନ ଜୀବନ ମଧ୍ୟ ସୁରକ୍ଷିତ ରହିବ । ଏଥିପାଇଁ ଗାଡିର ମାଲିକ ମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ନିମିଢ଼ି ବ୍ରିଗେଡ୍ ସୈନିକ ସ୍କୁଲରେ ବିଜ୍ଞାନ ମେଳା ଓ ମିନା ବଜାର



**କୁଜଙ୍ଗ, ୨୮।୧୨ (ସଂଚାର ବ୍ୟୁରୋ):** ପାରାଦୀପ ଗଡ ପଞ୍ଚାୟତ ନିମିଢ଼ି ସ୍ଥିତ ବିଗ୍ରେଡ୍ ସୈନିକ ସ୍କୁଲ ପରିସରରେ ଆଜି ବିଜ୍ଞାନ ମେଳା ଓ ମୀନା ବଜାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଜ୍ଞାନ ମେଳା ଓ ମୀନା ବଜାର କୁ ମୁଖ୍ୟ ଅତିଥି ଭାବେ ବରିଷ୍ଟ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଗ୍ଲୋବାଲ ୱାର୍ମିଂ, ଔଷଧୀୟ ବୃକ୍ଷ ର ଉପକାରିତା, ରାସାୟନିକ ଗ୍ୟାସ ର ଉପକାରିତା ଓ ଅପକାରିତା, ବାୟୁ ପ୍ରଦୂଷଣ, ବିଜୁଳି ସଂରକ୍ଷଣ ଆଦି ଉପରେ ଆଧାରିତ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ୩୫ ଜଣ ଛାତ୍ରଛାତ୍ରୀ ସେମାନେ ତିଆରି କରିଥିବା ଅତି ଉଚ୍ଚ ମାନର ପ୍ରକଳ୍ପକୁ ମେଳାରେ ପ୍ରଦର୍ଶନ କରିଥିଲେ । ଉକ୍ତ ବିଦ୍ୟାଳୟର ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଜ୍ଞାନ ମେଳା ଓ ମୀନା ବଜାରକୁ ଉପଭୋଗ କରିଥିଲେ । ଉକ୍ତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ସାହୁ, ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମନୋରମା ରଥ, ସହକାରୀ ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା କର, ଶିକ୍ଷୟତ୍ରୀ ବେବିନା ସ୍ୱାଇଁ, ସସ୍ମିତା ମହାପାତ୍ର, ଝିଲିପ୍ରଭା ମହାପାତ୍ର, ମନୋଜ ଦାସ, ଭବାନୀ କାନ୍ତ ନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସରକାରୀ ଅନୁଦାନ ଦାବିରେ ଦସ୍ତଖତ ଅଭିଯାନ

**ଟାଙ୍ଗୀ-ଚୌଦ୍ୱାର, ୨୮।୧୨ (ସଂଚାର ବ୍ୟୁରୋ):** କଲେଜ ପରିଚାଳନା ସମିତି ଦ୍ୱାରା ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତି ଦିଆଯାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ ଦାବିରେ ଜନସାଧାରଣଙ୍କ ଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଓଡ଼ିଶା ରାଜ୍ୟ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଏହି ଅଭିଯାନ ପରିପ୍ରେକ୍ଷୀରେ ସ୍ଥାନୀୟ ଚୌଦ୍ୱାର ମହାବିଦ୍ୟାଳୟର ପରିଚାଳନା ସମିତି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଶନିବାର ଦି ଏକ




ଶୋଭାଯାତ୍ରାରେ କଲେଜ ପରିକ୍ରମା କରିବା ସହିତ ଚୌଦ୍ୱାର ଅଞ୍ଚଳର ସାଧାରଣ ନାଗରିକ ମାନଙ୍କ ଦସ୍ତଖତ ସଂଗ୍ରହ କରିଥିଲେ। ଏହି ଦସ୍ତଖତ ସମ୍ବଳିତ ଦାବିପତ୍ର ରାଜ୍ୟ ଅଧ୍ୟାପକ ଓ କର୍ମଚାରୀ ସଂଘ ମାଧ୍ୟମରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି କଲେଜ କର୍ମଚାରୀମାନେ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟଯେ ୧୯୬୯ ଶିକ୍ଷାନୀତି ପ୍ରଣୟନ ଠାରୁ ପ୍ରତି ୫ବର୍ଷରେ ଥରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ବର୍ଦ୍ଧିତ ହାରରେ ଅନୁଦାନ ପ୍ରଦାନ କରାଯାଇଥାଏ। ହେଲେ ୨୦୧୪ ଠାରୁ ଏହି ନିୟମ କାର୍ଯ୍ୟକାରୀ କରାଯାଉନଥିବା କର୍ମଚାରୀ ମାନେ ଅଭିଯୋଗ କରିଛନ୍ତି। କଲେଜ ଅଧ୍ୟାପିକା ଝୁନୁରାଣୀ ଦାସ, କର୍ମଚାରୀ ପରେଶ ବେଉରା, ଲୋପାମୁଦ୍ରା ସାମନ୍ତରାୟ, ଅଶୋକ କୁମାର ଦାସ, ରଶ୍ମିରଞ୍ଜନ ମଙ୍ଗରାଜ, ସସ୍ମିତା ଆଚାର୍ଯ୍ୟ, ପ୍ରଭାଷିନୀ ଜେନା, ସୂର୍ଯ୍ୟକାନ୍ତ ସାହୁ, ଶ୍ରୀକାନ୍ତ ନାୟକ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ।

# କୋଣାର୍କ ଏନ୍ଏସିର ନାହିଁ ସ୍ଥାୟୀ ପାର୍କିଂସ୍ଥଳ

## ନୂଆବର୍ଷରେ ସୃଷ୍ଟି ହୋଇପାରେ ଟ୍ରାଫିକ ସମସ୍ୟା

**କୋଣାର୍କ, ୨୮।୧୨ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ସ୍ଥାୟୀ ପାର୍କିଂ ସ୍ଥାନ ନ ଥିବାରୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡି ରଖିବା ଯୋଗୁଁ କୋଣାର୍କରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖବରରୁ ପ୍ରକାଶ ଯେ କୋଣାର୍କ ଏନଏସି ପ୍ରଶାସନର ନିଜସ୍ୱ ପାର୍କିଂ ସ୍ଥାନ ନ ଥିବା ବେଳେ ଚାରି ଚକିଆ ଓ ଦୁଇ ଚକିଆ ଯାନ ପାର୍କିଂ ନିମନ୍ତେ ପାର୍କିଂ ଟେଣ୍ଡର କରିବା କେତେଦୂର ସମୀଚୀନ ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାର୍କିଂ ସ୍ଥାନ ନ ଥିବା ବେଳେ କେଉଁ ନିୟମ ଅଧାରରେ ପାର୍କିଂ ନିଲାମ ହେଉଛି ତାହା ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କରେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ପାଲଟିଛି ବୋଲି ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।



କୋଣାର୍କ ଏନଏସି ପ୍ରଶାସନ ପାର୍କିଂ ସ୍ଥାନ ନ ଥାଇ ବେଆଇନ ଭାବେ ଟେଣ୍ଡର ଆହ୍ୱାନ କରି ଠିକାଦାରଙ୍କ ଠାରୁ ଲକ୍ଷାଧିକ ଟଙ୍କା ପାର୍କିଂ ଫି ଆଦାୟ କରି ନିଜର ଦାୟିତ୍ୱ ଶେଷ କରି ଦେଉଥିବା ବେଳେ କୋଣାର୍କର ବିଭିନ୍ନ ସ୍ଥାନ ଓ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ପର୍ଯ୍ୟଟକମାନେ ଗାଡି ରଖିବା ଯୋଗୁଁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ସ୍ଥାୟୀ ପାର୍କିଂ ବ୍ୟବସ୍ଥା କରି ପାର୍କିଂ ଟେଣ୍ଡର ଆହ୍ୱାନ କଲେ କୋଣାର୍କରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ହ୍ରାସ ପାଇବ ବୋଲି କୋଣାର୍କ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ, ବୁଦ୍ଧିଜୀବୀ ଓ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

ଆଗକୁ ନୂଆବର୍ଷ ଥିବା ବେଳେ କୋଣାର୍କର ଜାତୀୟ ରାଜପଥ ଓ ବିଭିନ୍ନ ରାସ୍ତାର ଉଭୟ ପର୍ଯ୍ୟଟକ ମାନଙ୍କ ଗାଡି ପାର୍କିଂ କରାଯିବା ଘଟଣାରେ କୋଣାର୍କ ପୋଲିସ ଓ ଜିଲ୍ଲା ପ୍ରଶାସନ କୌଣସି ଠୋସ ପଦକ୍ଷେପ ଗ୍ରହଣ ନ କରିବା ଗୁରୁତର ଟ୍ରାଫିକ ସମସ୍ୟା ଓ ଟ୍ରାଫିକ ସମସ୍ୟା ଜନିତ ଦୁର୍ଘଟଣା ବୃଦ୍ଧି ପାଇବ ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବେଆଇନ ଭାବେ ଜାତୀୟ ରାଜପଥ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ପାର୍କିଂ ହଟା ନ ଗଲେ ନୂଆବର୍ଷ ପାଇଁ କୋଣାର୍କ ପୋଲିସ ପାଇଁ ଟ୍ରାଫିକ ସମସ୍ୟା ଏକ ବଡ ଚାଲେଞ୍ଜ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୯ ଦଫା ଦାବି ନେଇ ଟିପର ସଂଘର ଅନଶନ



**ବାଲିଆପାଳ, ୨୮।୧୨ (ସଂଚାର ବ୍ୟୁରୋ) :** ବାଲିଆପାଳ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବାଲିଆପାଳ ଥାନା ସମ୍ମୁଖରେ ରାଜ୍ୟ ସରକାରଙ୍କ ନୂତନ ଖଣି ନିତି ପ୍ରତ୍ୟାହାର, ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କୋହଳ, ସୋରାଡ ସୋର୍ସ ପରିଚାଳନା ନକରାଇ ମାଇନ ମିନେରାଲ ଉପରେ ଅହେତୁକ ଶୁଳ୍କ ପ୍ରତ୍ୟାହାର, ବାଲେଶ୍ୱର ଜିଲ୍ଲାରେ ଖଣି ଖାଦାନ ଗୁଡିକ ଚଳାଇବାର ସୁବ୍ୟବସ୍ଥା, ସରକାରଙ୍କ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟରେ କଟକଣା ପାଇଁ ବାଧାପ୍ରାପ୍ତ ହୋଉଥିବାରୁ ପରିବହନ ବ୍ୟବସ୍ଥା କୋହଳ ପ୍ରମୁଖ ୯ ଦଫା ଦାବି ନେଇ ସୁବର୍ଣ୍ଣରେଖା ଟିପର ମାଲିକ ସଙ୍ଘ ପକ୍ଷରୁ ଆମରଣ ଅନଶନ କରାଯାଇଛି। ସୂଚନା ଅନୁସାରେ ପୋଲିସ ବିଭିନ୍ନ କୋଠର ଦଫା ଲଗାଇ ଟ୍ରାକ୍ଟର ମାଲିକ ଏବଂ ଟ୍ରାଇଭରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଗାଡ଼ି ମାଲିକ ଓ ଗାଡ଼ି ଚାଳକ ବହୁ କ୍ଷତି ସହୁଛନ୍ତି ଯାହା ଫଳରେ ପରିବାର ପ୍ରତିପୋଷଣରେ ପାଇଁ ନାକେଦମ ହେଉଛନ୍ତି ଟ୍ରାକ୍ଟର ମାଲିକ ଏବଂ ଡ୍ରାଇଭର। ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ୍ ସ୍ତରୀୟ କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ସମେତ ଓଡ଼ିଶାରେ ଥିବା ୮୦ ଟି ଟ୍ରିପର ସଂଘ ଏହି ଅନଶନରେ ଭାଗ ନେଇଛନ୍ତି। ଦାବି ପୂରଣ ନହେବା ପଯ୍ୟନ୍ତ ଏହି ଆମରଣ ଅନଶନ ଜାରି ରହିବ ବୋଲି ସୁବର୍ଣ୍ଣରେଖା ଟ୍ରିପର ସଂଘ ପକ୍ଷରୁ କୁହାଯାଇଛି।

# ଫସଲହାନିର ଆକଳନ ପାଇଁ ବୈଠକ

**ଖୋର୍ଦ୍ଧା, ୨୮।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅସମୟରେ ବର୍ଷା ହେତୁ ପ୍ରଭାବିତ ଚାଷୀଙ୍କ କ୍ଷତିର ଆକଳନ ପାଇଁ ଆଭାସି ଯୋଗେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ-ଜିଲ୍ଲାପାଳ ଦିପ୍ତି ରଞ୍ଜନ ସେଠି, ଡେପୁଟି କଲେକ୍ଟର,(ଜରୁରୀ କାଳୀନ), ଶ୍ରୀତା ମିଶ୍ର, ମୁଖ୍ୟ କୃଷି ଉନ୍ନୟନ ଅଧିକାରୀ,ଡିଆରସିଏସ, ଖୋର୍ଦ୍ଧା ଫ୍ୟୁଚର ଇଣ୍ଡିଆ ଇନ୍ସୁରାନ୍ସ କମ୍ପାନୀର ପ୍ରତିନିଧିମାନେ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭୁବନେଶ୍ୱର ଏବଂ ଖୋର୍ଦ୍ଧା, ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଏବ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ବୈଠକରେ କୃଷକମାନେ ୨ଟି ଉପାୟରେ ପଞ୍ଜିକରଣ କରିପାରିବେ। ପ୍ରଥମେ ଟୋଲ୍ ଫ୍ରି ନମ୍ବର ୧୪୪୪୭ ଏବଂ ଅନ୍ୟଟି 'କୃଷି ରକ୍ଷକ ଆପ୍' ଜରିଆରେ ପଞ୍ଜିକୃତ ହୋଇପାରିବ। ଏହି କାର୍ଯ୍ୟକ୍ରମ ପାଇଁ ୩୫ ଜଣ ସର୍ବେକ୍ଷଣକାରୀ ନିୟୋଜିତ ହୋଇଛନ୍ତି ଏବଂ ସର୍ବେକ୍ଷଣକାରୀଙ୍କ ସଂଖ୍ୟା ୧୦୦କୁ ବୃଦ୍ଧି ପାଇଁ ଜିଲ୍ଲା ପାଳନ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ,କୃଷି ଏବଂ ଉଦ୍ୟାନ ବିଭାଗ କାର୍ଯ୍ୟାଳୟର କର୍ମଚାରୀମାନେ ସର୍ଭେକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ ଏବଂ ପଞ୍ଚାୟତ ମାନଙ୍କରେ କ୍ଷତି ହୋଇଥିବା ଚାଷୀ ମାନଙ୍କ ସଠିକ ପଞ୍ଜିକରଣ ଏବଂ ମନିଟରିଙ୍ଗ କରିବାକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଏବଂ ମୂଖ୍ୟ କୃଷି ଉନ୍ନୟନ ଅଧିକାରୀଙ୍କୁ ଏଥି ସହିତ ଆର.ଆଇ ଫସଲ କ୍ଷତି ଆକଳନ କରିବାକୁ ଡି.ଆର.ସି.ଏସ, ଆର.ଆଇ ସମସ୍ତ ତହସିଲଦାର ଓ୍ୱିଡିଓ ମାନଙ୍କୁ ଆକଳନ କରିବାକୁ ପରାମର୍ଶ ଦେଇଥିଲେ ।

# ଗଞ୍ଜେଇ ସହ କାର୍ ଜବତ; ୩ ଗିରଫ, ୨ଫେରାର



**ବ୍ରହ୍ମପୁର, ୨୮।୧୨ (ସଂଚାର ବ୍ୟୁରୋ) :** ସ୍ଥାନୀୟ ଆସ୍କା ବାଲିସିରା ଛକ ନିକଟରୁ ୨ଟି କାରରୁ ୬୦ କିଲୋ ଗଞ୍ଜେଇ ଜବତ କରିବା ସହ ୩ ଚାଲାଣକାରୀଙ୍କୁ ଗିରଫ କରିଛି ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ । ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲା ଫୁଲବାଣୀ ଥାନା ଅନ୍ତର୍ଗତ ନାଡ଼ିଖଣ୍ଡି ସାହିର ପପୁନ ନାୟକ(୨୩),ଚକାପାଦ୍ ସୁବତୟ ଗ୍ରାମର ଦିବ୍ୟରଞ୍ଜନ ନାୟକ(୨୩) ଓ ବୌଦ୍ଧ ଜିଲ୍ଲା ପୁରୁଣା କଟାକ ଗ୍ରାମର ଶ୍ରବଣ କୁମାର ଆପତ(୨୧)। ଜବତ ଗଞ୍ଜେଇ ଓ ୨ଟି କାରର ଆନୁମାନିକ ମୂଲ୍ୟ ୨୨ଲକ୍ଷ ହେବ ବୋଲି ବିଭାଗର ଉପ ଅଧୀକ୍ଷକ ସୃତିକାନ୍ତ ରାଉତ ସୂଚନା ଦେଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଗଞ୍ଜାମ ଜିଲ୍ଲା କୋଦଳା ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ବିଭାଗୀୟ ଟିମ ସ୍ଥାନୀୟ ଆସିକା ବାଲିସିର ଛକରେ ଗୋଟିଏ ହୁଣ୍ଡାଇ କାର୍ ଆଉ ଗୋଟିଏ ମାରୁତି ସୁଜୁକି କାରକୁ ସନ୍ଦେହ କରି ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଦୁଇ ଜଣ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା ବେଳେ ଅନ୍ୟ ୩ ଜଣକୁ ପୁଲିସ କାବୁ କରିଥିଲା। ପରେ ଉଭୟ ଗାଡ଼ି ଯାଞ୍ଚ କରିବା ପରେ ସେଥିରୁ ୬୦କିଲୋ ଗଞ୍ଜେଇ ଜବତ କରିଥିଲା ଉକ୍ତ ଟିମ । ଶନିବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାଲିଅନ୍ତା, ୨୮।୧୨ (ସଂଚାର ବ୍ୟୁରୋ) :** ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ବାଳକାଟି କଲେଜ ପଡିଆରେ ଆଜି ସାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପ୍ରତାପଶାସନ ସରପଞ୍ଚ ରୀନାରାଣୀ ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି, ସମାଜସେବୀ ରୁଦ୍ରପ୍ରସାଦ ଭଞ୍ଜ, ତୁଷାର ରଞ୍ଜନ ପ୍ରଧାନ,ମିଲନ ଜେନା, ସତ୍ୟପ୍ରିୟ ସାହୁ ଏବଂ ରଶ୍ମି ରଞ୍ଜନ ମାର୍ଥା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବାଲିଅନ୍ତା, ବାଲିପାଟଣା ଅଞ୍ଚଳର ୮ଟି କ୍ରିକେଟ କ୍ଲବ ଯୋଗ ଦେଇଛନ୍ତି । ଆଜି ମୋଟ ୮ ଟି ଟିମ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଜଗମୋହନ ସେଠୀ ସଂଜୀବ ପଟ୍ଟନାୟକ, ମନୋଜ ସେଠୀ, ମଣ୍ଟୁ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଆସନ୍ତା ୩୧ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବା ଚାମ୍ପିୟନ ଦଳକୁ ଟ୍ରଫି ଏବଂ ଅର୍ଥରାଶି ପ୍ରଦାନ କରାଯିବ ଜଣାଯାଇଛି ।

# ବାଇକ୍ ଚୋରି ଘଟଣାରେ ନାବାଳକ ଅଟକ

**ବ୍ରହ୍ମପୁର, ୨୮।୧୨ (ସଂଚାର ବ୍ୟୁରୋ):** ବ୍ରହ୍ମପୁରରେ ସିରିଜି ବାଇକ ଚୋରି ଘାଟଣାରେ ବୈଦ୍ୟନାଥପୁର ପୁଲିସ ଆଉ ଜଣେ ନାବାଳକକୁ କାବୁ କରିଛି । ପୂର୍ବରୁ ଏହି ମାମଲାରେ ଗୋଇଲୁଣ୍ଡି ଚନ୍ଦ୍ରଶେଖର ସାହିର ଜି.ଶିବା ରେଡ଼ିଙ୍କ ସମେତ ଆଉ ଜଣେ ନାବାଳକକୁ ପୁଲିସ କାବୁ କରିଥିଲା। ବର୍ତ୍ତମାନ ଜୁନିୟର ଶିବା ଜେଲରେ ରହିଥିବା ବେଳେ ତାର ଆଉ ଏକ ସହଯୋଗୀକୁ ପୁଲିସ କାବୁ କରି ଜେଜେବିରେ ହଜାର କରି ବାଳ ସୁଧାର ଗୃହକୁ ପଠାଇଛି । ଶିବା ଗିରଫ ବେଳେ ପୁଲିସ ୧୧ଟି ଗାଡ଼ି ଜବତ କରିଥିଲା । ସମ୍ପୃକ୍ତ ଅଭିଯୁକ୍ତମାନେ ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଇଲାକାରୁ ବାଇକ ଓ ସ୍କୁଟି ଚୋରି ଘଟଣାରେ ସମ୍ପୃକ୍ତି ଥିବା ପୁଲିସ ତଦନ୍ତରେ ଜଣାପଡିଛି । ସୂଚନାଯୋଗ୍ୟ ଯେ, ଶାସ୍ତ୍ରୀନଗର ଦ୍ୱିତୀୟ ଲାଇନ ନିବାସୀ ନବନୀତା ପାଢ଼ୀଙ୍କ ସ୍କୁଟି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ୫୮୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା ।

# ଚନ୍ଦ୍ରଭାଗା ବୁଡ଼ ନିମନ୍ତେ ପ୍ରଥମ ସମନ୍ୱୟ କମିଟି ବୈଠକ

**କୋଣାର୍କ, ୨୮।୧୨ (ସଂଚାର ବ୍ୟୁରୋ) :** ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ କମିଟି ବୈଠକ କୋଣାର୍କସ୍ଥିତ ଯାତ୍ରୀ ନିବାସ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଥମ ସମନ୍ୱୟ କମିଟି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାମଚଣ୍ଡୀ ପୀଠ, ମେଳା ପଡିଆ ଓ କୋଣାର୍କ ବସଷ୍ଟାଣ୍ଡ ଠାରେ ତିନିଗୋଟି ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ସହିତ କୋଣାର୍କ, ଗୋପ, ଚାରିଛକ ଓ ବାଙ୍ଗୁରିଗାଁ ମେଡିକାଲ ଗୁଡିକରେ ଆବଶ୍ୟକୀୟ ଔଷଧ ମହଜୁଦ ସହିତ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଓ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ ବୋଲି ଏହି ବୈଠକରେ ପୁରୀ ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ବିରଜା ଶଙ୍କର ରଥ ମତବ୍ୟକ୍ତ କରିଥିଲେ। ସେହିପରି ୱାଟକୋ ପକ୍ଷରୁ ମେଳା ପଡିଆରେ ୮୦ଗୋଟି ନଳକୂପ




ବସାଯିବା ସହିତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା, କୋଣାର୍କ ଏନଏସି ପକ୍ଷରୁ ମେଳା ପଡିଆ ଓ କୋଣାର୍କ ଏନଏସିର ସମସ୍ତ ଅଂଚଳରେ ସଫେଇ କାର୍ଯ୍ୟ, ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଖନନ, ପୂର୍ତ୍ତବିଭାଗ ପକ୍ଷରୁ ମେଳା ପଡିଆ ଓ ନବଗ୍ରହ ପୀଠ ଠାରେ ବ୍ୟାରେକେଡ ନିର୍ମାଣ ଓ ରାସ୍ତା ମରାମତି କାର୍ଯ୍ୟ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚନ୍ଦ୍ରଭାଗା ମେରାଇନ ଥାନା ଠାରୁ ରାମଚଣ୍ଡୀ ପୀଠ ପର୍ଯ୍ୟନ୍ତ ରାସ୍ତାର ମରାମତି, କୋଣାର୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ବତୀଘର ସାମ୍ନା ରାସ୍ତା ଓ ତୀର୍ଥ ପୁଷ୍କରିଣୀ ପଛପଟେ ୧୦୦ ଗୋଟି ଅସ୍ଥାୟୀ ପାଇଖାନା ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମେଳା ପଡିଆ ଓ ନବଗ୍ରହ ପୀଠରେ ଦୁଇଗୋଟି ହଜିଲା ଖୋଜିଲା ମଂଚ ଓ ସଂସ୍କୃତି ବିଭାଗ ପକ୍ଷରୁ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ମାଘସପ୍ତମୀ ବୁଡ ନିମନ୍ତେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୁରୀ ଜିଲ୍ଲା ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି ପ୍ରକାଶ କରିଛନ୍ତି। ଶ୍ରଦ୍ଧାଳୁ ଭକ୍ତମାନଙ୍କ ବୁଡ ନିମନ୍ତେ ୩୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଟ୍ରାଫିକ ବ୍ୟବସ୍ଥା, ପୋଲିସ ପେଟ୍ରୋଲିଂଗ ଓ ପାର୍କିଂ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ହୋଇଛି।

# ବିଧାୟକଙ୍କ ଦାଦାଙ୍କୁ ବିରୋଧ କଲେ ବିଜେପି କର୍ମୀ



- ବିଜେଡି ଛାଡି ବିଜେପିରେ ସାମିଲ କର୍ମୀଙ୍କୁ ଆଦର
- ବିଜେପି ପାଇଁ ଖଟିଥିବା କର୍ମୀଙ୍କୁ ଅଣଦେଖା
- ପ୍ରତି ପଞ୍ଚାୟତରୁ ଦେଖିବାକୁ ମିଳିଲାଣି ଅସନ୍ତୋଷ

ମହାକାଳପଡ଼ା,୨୮।୧୨ (ସଂଚାର ବ୍ୟୁରୋ): ମହାକାଳପଡ଼ାରେ ଘଡିକେ ଘୋଡ଼ା ଛୁଟୁଛି। ରାଜ୍ୟ ରାଜନୀତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ କୁହାଯାଉଥିବା ମହାକାଳପଡ଼ାକୁ ନେଇ ଚର୍ଚ୍ଚା ଥମୁନି। ପ୍ରତିଶ୍ରୁତିର ପ୍ରତାରଣା ହେଉ ଅବା ଶିଳ୍ପାନ୍ୟାସ ଜନିତ ରଙ୍ଗିନ ସ୍ୱପ୍ନ। ଏସବୁକୁ ଦୃଷ୍ଟିରେ ରଖାଯାଇ ଚର୍ଚ୍ଚା ଜୋର୍ ଧରେ। ହେଲେ ଶନିବାର ଘଟିଥିବା ଘଟଣା ପୂରା ମହାକାଳପଡ଼ା କାହିଁକି ସମଗ୍ର ଜିଲ୍ଲାରେ ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି। ଖୋଦ୍ ମହାକାଳପଡ଼ା ବିଧାୟକଙ୍କ ଦାଦାଙ୍କୁ ଆଜି ହଟାହଟା ହେବାକୁ ପଡ଼ିଛି। ବିଜେପି କର୍ମୀମାନେ ହୋ ହାଲ୍ଲା କରି ବିରୋଧ କରିବା ଦେଖିବାକ ମିଳିଛି। ସବୁଠାରୁ ବଡ଼ କଥା ହେଉଛି ଖୋଦ୍ ନିଜ ଦଳର କର୍ମୀ ଏମିତି ହଟହଟା କରାଇଛନ୍ତି। ଯାହାକୁ ନେଇ ଆରମ୍ଭ ହୋଇଛି ହଟଚମଟ।

ମହାକାଳପଡ଼ାରେ ଏଥର ହେଭି ୱେଟ୍ ଅତନୁ ସବ୍ୟସାଚୀଙ୍କୁ ଧୂଳି ଚଟାଇ ସର୍ବାଧିକ ଭୋଟ୍ ପାଇ ବିଧାୟକ ହୋଇଛନ୍ତି ଡ. ଦୁର୍ଗା ପ୍ରସନ୍ନ ନାୟକ। ହେଲେ ବିଭିନ୍ନ ସମୟରେ ତାଙ୍କ ଦାଦା ଗନ୍ଧର୍ବ ନାୟକଙ୍କୁ ବିଭିନ୍ନ ପଞ୍ଚାୟତ ଗସ୍ତ କରୁଥିବା ଦେଖିବାକୁ ମିଳୁଛି। କେବଳ ଗସ୍ତ କରୁନାହାଁନ୍ତି ଘନଘନ ବୈଠକ ମଧ୍ୟ କରୁଥିବା ଖୋଦ୍ ବିଜେପି ନେତା ଡ. ସୌଭାଗ୍ୟ ପରିଡ଼ା ବିଗତ ଦିନରେ ନିଶାନା ମଧ୍ୟ କରିଛନ୍ତି। ଆଜି ମହାକାଳପଡ଼ା ବିଧାୟକ ମାର୍ଶାଘାଇ ଓ ମହାକାଳପଡ଼ା ଅଞ୍ଚଳର ଲଘୁଚାପ ବର୍ଷା ଜନିତ କ୍ଷୟକ୍ଷତି ବୁଲି ଦେଖିବାକୁ ଆସିଥିଲା ବେଳେ ତାଙ୍କ ଦାଦା ତେରଗାଁ ଓ ଯଦୁପୁର ପଞ୍ଚାୟତକୁ ଗସ୍ତ କରିଥିଲେ। ଗତ ୨୧ ତାରିଖରେ ଯଦୁପୁର ପଞ୍ଚାୟତ ଖସାଡି ଗ୍ରାମରେ ଯୋଗେନ୍ଦ୍ର ସ୍ୱାଇଁଙ୍କ ଅଗ୍ନିକାଣ୍ଡ ଘଟଣା ଓ ତେର ଗାଁ ପଞ୍ଚାୟତ ଓସ୍ତର ଗ୍ରାମର ବାବାଜି ମାହାଳିଙ୍କ ମୃତ୍ୟୁ ଖବରରେ ପରିବାରବର୍ଗଙ୍କୁ ଭେଟିବାକୁ ଯାଇଥିଲେ ବିଧାୟକଙ୍କ ଦାଦା। ଯଦୁପୁର ପଞ୍ଚାୟତରୁ ଓସ୍ତର ଗଲା ବେଳେ ବିଜେପିର ଏକ ଗୋଷ୍ଠୀ ତାଙ୍କୁ ପ୍ରବଳ ବିରୋଧ କରିଥିଲେ। ଯେଉଁଥି ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। କିଛି ସମୟର ହୋହାଲ୍ଲା, ପାଟିତୁଣ୍ଡ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ବଡ଼ କଥା ହେଉଛି ବିରୋଧ କରିଥିବା ଗୋଷ୍ଠୀ ହେଉଛନ୍ତି ବିଜେପିର ଏକ ଗୋଷ୍ଠୀ। ଯେଉଁମାନେ କି ରକ୍ତକୁ ପାଣି କରି ଗତ ନିର୍ବାଚନରେ ଦଳ ପାଇଁ ଖଟିଛନ୍ତି। ହେଲେ ଆଜିର ଗସ୍ତ ବିଷୟରେ ସେମାନଙ୍କୁ ଖବର ନ ଜଣାଇ ବିଜେଡିରୁ ବିଜେପିକୁ ଡେଇଁଥିବା କର୍ମୀଙ୍କୁ ଖବର ଦିଆଯାଇଛି। ଯାହା ଜାଣିବା ପରେ ଏମିତି ହଙ୍ଗାମା ଦେଖିବାକୁ ମିଳିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ମହାକାଳପଡ଼ା ବିଜେପି ଓ ଦାଦା-ପୁତୁରାଙ୍କ ଭିତରେ ସବୁ ଠିକ୍ ଚାଲିଛି ତ ବୋଲି ଲୋକଙ୍କ ମହଲରେ ଚର୍ଚ୍ଚା ଚାଲିଲାଣି। ଯେଉଁମାନେ ବିଜେପି ପାଇଁ ପ୍ରକୃତରେ କରିଛନ୍ତି ସେମାନେ କୋଣଠେସା ହୋଇ ରହିଛନ୍ତି। ହେଲେ ଯେଉଁମାନେ ବିଜେଡି ପାଇଁ ଖଟୁଥିଲେ ସେମାନେ ଆଜି ବିଜେପିରେ ସୁନାପୁଅ ସାଜିଛନ୍ତି। ଏମିତି ଏକ ଅଭିଯୋଗ ସେହି ପଞ୍ଚାୟତର କିଛି ବିଜେପି କର୍ମୀ କରିଛନ୍ତି। ଯଦି ଏମିତି ବ୍ୟବସ୍ଥା ଘଟିବ ତେବେ ବିରୋଧ କରିବା ଛଡ଼ା ଆଉ କିଛି ବାଟ ହିଁ ନାହିଁ ବୋଲି ସେମାନେ କହିଛନ୍ତି। ଏହି ଘଟଣା ରାଜନୈତିକ ପାଣିପାଗକୁ ସରଗରମ କରିଛି। ଲୋକେ କହିଲେଣି ମହାକାଳପଡ଼ାରେ ଏବେ ଠିକ୍ ଚାଲିଛି ତ ?

## ମୋହନାରେ ଭୂମିକମ୍ପ

ମୋହନା, ୨୮।୧୨(ସଂଚାର ବ୍ୟୁରୋ): ଗଜପତି ଜିଲା ମୋହନାରେ ଶନିବାର ଦିନ ୧.୧ରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ବର୍ଷା ପରେ ଭୂକମ୍ପ ଅନୁଭୂତ ହୋଇଥିବାରୁ ଲୋକମାନେ ଭୟଭୀତ ହୋଇଯାଇଛନ୍ତି। ହଠାତ୍ ଶବ୍ଦ ହେବା ସହ କମ୍ପନ ସୃଷ୍ଟି ହେବାରୁ ଲୋକେ ଘରୁ ବାହାରି ଆସିଥିଲେ। ପ୍ରାୟ ୨ ସେକେଣ୍ଡ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନାରୁ ଜଣାପଡ଼ିଛି। ଅଡ଼ବା, ଚାନ୍ଦିପୁଟ, ଲୁହାଗୁଡ଼ି ଓ ତପ୍ତପାଣି ଅଞ୍ଚଳରେ ଏହି ଝଟ୍‌କା ଲାଗିଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବର୍ଷା ପରେ ଏପରି ଭୂମି ଥରିଥିବାରୁ ଲୋକେ ଖୁବ୍ ଡରିଯାଇଛନ୍ତି।

## ଭକ୍ତ ସମ୍ମିଳନୀରେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ପୁରୀ, ୨୮।୧୨(ସଂଚାର ବ୍ୟୁରୋ): ପୁରୀରେ ନିଗମାନନ୍ଦ ସମ୍ମିଳନୀ ଚାଲିଥିବା ବେଳେ ଆଖି ବୁଜିଛନ୍ତି ଦୁଇ ଜଣ ଭକ୍ତ। ଉଭୟ ପୁରୁଷ ଏବଂ ଜଣେ କଟକର ହୋଇଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗର ମେଦିନପୁର ଅଞ୍ଚଳର ବୋଲି ସୂଚନା ମିଳିଛି। ପ୍ରାଥମିକ ସୂଚନା ଅନୁଯାୟୀ, ବାଲିଗୁଆଳିରେ ନିଗମାନନ୍ଦଙ୍କ ଦୁଇଦିନିଆ ଭକ୍ତ ସମ୍ମିଳନୀ ଚାଲିଛି। ଏଥିରେ ହଜାର ହଜାର ଭକ୍ତ ଯୋଗଦେଇଛନ୍ତି। ପ୍ରାୟ ୧୫ରୁ ୨୦ ହଜାର ଜନ ସମାଗମ ହୋଇଛି। ସମ୍ମିଳନୀ ଚାଲିଥିବା ବେଳେ ଦୁଇ ଭକ୍ତ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୁହିଙ୍କୁ ମୃତ ଘୋଷଣା କରିଥିଲେ। ଜଣେ କିଛି ଖାଇ ନ ଥିଲେ ଓ ତାଙ୍କର ଛାତିରେ ଯନ୍ତ୍ରଣା ହୋଇଥିଲା। ଅନ୍ୟଜଣକ ଛାତିରେ ଷ୍ଟେଂଟ ଲାଗିଥିଲା। ପ୍ରାଥମିକ ତଦନ୍ତରୁ ଉଭୟ ହୃଦଘାତର ଶିକାର ହୋଇଥିବାର ଜଣାପଡିଛି। ସମ୍ମିଳନୀରେ ମାତ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ କିଛି ଭକ୍ତ ଅଣନିଶ୍ୱାସୀ ହୋଇପଡିଥିଲେ।

## କୁଶଳୀ କାରିଗର କରିବେ ରତ୍ନଭଣ୍ଡାର ଗଣତି ମଣତି



କଟକ,୨୮।୧୨ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ଗଚ୍ଛିତ ଥିବା ମହାପ୍ରଭୁଙ୍କ ରତ୍ନ ଗୁଡିକର ଗଣତି ମଣତି କାର୍ଯ୍ୟକୁ ରାଜ୍ୟର କୁଶଳୀ କାରିଗର ମାନେ ସମ୍ପାଦନ କରିପାରିବେ ବୋଲି ଆଶା ପୋଷଣ କରିଛନ୍ତି ଜଷ୍ଟିସ ବିଶ୍ୱନାଥ ରଥ । ଏବେ ଭଣ୍ଡାର ମରାମତି କାମ ଆରମ୍ଭ ହୋଇଯାଇଛି । ଯାହା ହୁଏତ ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷ ହୋଇପାରେ। କିନ୍ତୁ ଗଣତି ମଣତି ପାଇଁ ଧାର୍ଯ୍ୟ ରଖିବାକୁ ହେବ ବୋଲି ଜଷ୍ଟିସ ରଥ କହିଛନ୍ତି । ଯେହେତୁ ଅନେକ ଦୁର୍ମୂଲ୍ୟ ଏବଂ ପୁରୁଣା ଯୁଗର ରତ୍ନ ସବୁ ରହିଛି, ତେଣୁ ସେସବୁକୁ ଚିହ୍ନିବା ଏବଂ ତାର ସଠିକ୍ ରକ୍ଷଣା ବେକ୍ଷଣ ପାଇଁ ସମୟ ଲାଗିପାରେ । ତେବେ ରାଜ୍ୟରେ ଅନେକ କୁଶଳୀ ତଥା ଅନୁଭବୀ କାରିଗର ଅଛନ୍ତି, ଯେଉଁମାନଙ୍କ ସହାୟତାରେ ଏ କାର୍ଯ୍ୟ ସମ୍ପାଦନ ହୋଇପାରିବ ବୋଲି ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି ।

## ଟ୍ରାଙ୍କୁଲାଇଜ ପୂର୍ବରୁ ପୁଣି ଖସିଗଲା



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ବନ ବିଭାଗ ଟିମ୍‌କୁ ପୁଣି ଚକମା ଦେଲା ବାଘୁଣୀ ଜିନ୍ନତ । ଟ୍ରାଙ୍କୁଲାଇଜ କରିବାକୁ ଉଦ୍ୟମ କରୁଥିବାବେଳେ ବନ ବିଭାଗର ସ୍ୱତନ୍ତ୍ର ଟିମ୍‌କୁ ଚକମା ଦେଇ ଖସି ପଳାଇଛି ଜିନ୍ନତ । ଜିନ୍ନତକୁ ଜଙ୍ଗଲ ବାହାରକୁ ଆଣି ଟ୍ରାଙ୍କୁଲାଇଜ୍ ଯୋଜନା କରାଯାଉଥିଲେ ଏହା ସଫଳ ହୋଇନାହିଁ। ଯାହା ପୁଣି ବନ ବିଭାଗର ଚିନ୍ତା ବଢ଼ାଇଛି। ଟାଙ୍କୁଲାଇଜ୍ କରି ଶିମିଳିପାଳ ଏନକ୍ଲୋଜରକୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରହିଛି। ପୂର୍ବରୁ ଶନିବାର ସକାଳେ ପିସିସିଏଫ ପ୍ରେମ କୁମାର ଝା ଓ ବାରିପଦା ମଣ୍ଡଳ ଆରସିସିଏଫ୍ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ ସୂଚନା ଦେଇ ଜିନ୍ନତକୁ ଟ୍ରାଙ୍କୁଲାଇଜ ପାଇଁ ଚେଷ୍ଟା ଚାଲିଥିବା ନେଇ ସୂଚନା ଦେଇଥିଲେ। ହେଲେ ସେ କସି ଯାଇଛି ଓ ତାକୁ ଠାବ କରିବା ପାଇଁ ବନ ବିଭାଗ ପକ୍ଷରୁ ଡ୍ରୋନ ଉଡ଼ାଇବାକୁ ଯୋଜନା ଚାଲିଛି। ବାଘୁଣୀ ଜିନ୍ନତକୁ ନେଇ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଚର୍ଚ୍ଚା ଚାଲିଛି। ଶିମିଳିପାଳରୁ ଝାଡ଼ଖଣ୍ଡ ଓ ସେଠାରୁ ପଶ୍ଚିମବଙ୍ଗ ପଳାଇଛି। ଏବେ ଜିନ୍ନତ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲା ରାଣୀବାଗ ଥାନା କଂସାବତୀ ଜଳ ଭଣ୍ଡାର ନିକଟରେ ରହିଥିବାର ଜଣାପଡ଼ିଛି । ଏଣୁ ପଶ୍ଚିମବଙ୍ଗ ସରକାର ତଥା ବନ ବିଭାଗ ବାରୁଣିଆ, ଗୋପାଳପୁର, ଗୋସାଇଁ ଡ଼ିହି ଆଦି ଗ୍ରାମରେ ହାଇଆଲର୍ଟ ଜାରି କରିବା ସହ ବାଘୁଣୀ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।

## ଫୁଲଟିଏ ବଦଳରେ ଗଛଟିଏ ଉପହାର ଦିଅନ୍ତୁ



ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଜଳବାୟୁ ପରିବର୍ତ୍ତନ ସଂପ୍ରତି ଏକ ମୁଖ୍ୟ ସମସ୍ୟା। ପ୍ରଧାନମନ୍ତ୍ରୀ ଏହାର ନିରାକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନେଇ ବିଶ୍ୱରେ ଭାରତକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛନ୍ତି। ଏହି କ୍ରମରେ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ବୃକ୍ଷରୋପଣକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହାସହିତ ନୂଆବର୍ଷ ଅବସରରେ 'ଫୁଲଟିଏ ବଦଳରେ ଗଛଟିଏ' ଉପହାର ଦେବା ପାଇଁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ପୂର୍ତ୍ତ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି। ବକୁଳ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ 'ଫୁଲ ବଦଳରେ ଗଛଟିଏ' କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ପରିବେଶ ପାଇଁ ଗଛର ପ୍ରମୁଖ ଭୂମିକା ରହିଛି। ରାସ୍ତା ପ୍ରଶସ୍ତୀକରଣ ଏବଂ ବିଭିନ୍ନ ଉନ୍ନତୀକରଣ ନାମରେ ଅନେକ ବଡ଼ ବଡ଼ ଗଛ କଟାଯାଉଛି। ତେଣୁ, ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି ପୁରୁଣା ଗଛକୁ କିପରି ଅନ୍ୟତ୍ର ସ୍ଥାନାନ୍ତରିତ କରିହେବ ସେଥି ପାଇଁ ସରକାର ଚିନ୍ତା କରୁଛନ୍ତି। ନୂଆବର୍ଷରେ ଫୁଲଟିଏ ବଦଳରେ ଗଛଟିଏ ଉପହାର ପ୍ରଦାନ କଲେ ଏହା ପରିବେଶର ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ନୂଆବର୍ଷ ଅବସରରେ 'ଫୁଲଟିଏ ବଦଳରେ ଗଛଟିଏ' ଉପହାର ଦେବା ପାଇଁ ଅନୁରୋଧ କରିଥିଲେ।

## ରାସ୍ତା କଡ଼ରେ ସରକାରୀ ଔଷଧ



ବ୍ରହ୍ମପୁର, ୨୮।୧୨ (ସଂଚାର ବ୍ୟୁରୋ): ସାଧାରଣ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଦେବା ପାଇଁ ସରକାର ମାଗଣା ଚିକିତ୍ସା ସୁବିଧା ସହ ଯୋଗାଉଛନ୍ତି ମାଗଣା ମେଡିସିନ। ଏଥିପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ଲୋକଙ୍କୁ ବିନା ଖର୍ଚ୍ଚରେ ରୋଗ କବଳରୁ ମୁକୁଳାଇବାକୁ ସରକାର ପାଣି ପରି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଏହି ମେଡିସିନ ଜନସାଧାରଣଙ୍କ ଉପକାରାରେ ଲାଗିବା ବଦଳରେ ରାସ୍ତା କଡ଼ରେ ଫିଙ୍ଗା ଯାଉଛି। ଏପରି ଏକ ଦୃଶ୍ୟ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ବିଜୟ ଆଦିଗାନ୍ଦପୁର ନିକଟ ରାସ୍ତା ନିକଟରେ ଦେଖିବାକୁ ମିଳିଥିବା ବେଳେ ଏହା ସାଧାରଣ ଲୋକଙ୍କୁ ବିଚଳିତ କରିଛି। ଫିଙ୍ଗା ଯାଇଥିବା ଔଷଧ ମଧ୍ୟରେ ଟାବଲେଟଠୁ ଆରମ୍ଭ କରି ସିରପ ପର୍ଯ୍ୟନ୍ତ ରହିଛି। ବହୁ ମେଡିସିନର ଏକ୍ସପାରୀ ଡେଟ୍ ସରି ଯାଇଥିବା ବେଳେ ଆଉ ବହୁ ମେଡିସିନର ଏକ୍ସପାରୀ ଡେଟ ବି ସରିନି। କିନ୍ତୁ ରୋଗୀଙ୍କୁ ଦେବା ବଦଳରେ ତାହାକୁ କିଏ ଓ କାହିଁକି ଏପରି ଫିଙ୍ଗିଲା ତାହା ସ୍ପଷ୍ଟ ହୋଇ ପାରିନି। ଏହାର ତଦନ୍ତ ପାଇଁ ଦାବି ହୋଇଛି।

## ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇ ହିନ୍ଦୀ ଶିକ୍ଷକ ସସ୍‌ପେଣ୍ଡ



ବ୍ରହ୍ମପୁର, ୨୮।୧୨ (ସଂଚାର ବ୍ୟୁରୋ): ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେବା ମହଙ୍ଗା ପଡ଼ିଲା । ନିଲମ୍ବିତ ହେଲେ ହିନ୍ଦୀ ଶିକ୍ଷକ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ବେଗୁନିଆପଡ଼ା ଅଞ୍ଚଳରେ। ବେଗୁନିଆପଡ଼ା ବି. ନୂଆଗାଁ ବଲ୍ଲଭ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଭାଗବତ ମହାନ୍ତିଙ୍କୁ ନିଲମ୍ବିତ କରିଛନ୍ତି ଜିଲ୍ଲା ଶିକ୍ଷାଅଧିକାରୀ। ନଭେମ୍ବର ୩୦ରେ ବେଗୁନିଆପଡ଼ା ବୁରୁଝରୀ ପଂଚାୟତରେ କିଛି ହିତାଧିକାରୀଙ୍କୁ ଭତ୍ତା ଓ ରାସନ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ସାଥିରେ ଶିକ୍ଷକ ଭାଗବତ ମହାନ୍ତି ଉପସ୍ଥିତ ରହି ଫଟୋ ଉଠାଇଥିଲେ। ଏହି ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଏଭଳି ପଦକ୍ଷେପ ନେଇଛନ୍ତି। ଶିକ୍ଷକ ଭାଗବତ ମହାନ୍ତିଙ୍କ ପତ୍ନୀ ବୁରୁଝରୀ ପଞ୍ଚାୟତର ସମିତି ସଭ୍ୟା ଥିବା ଜଣାପଡିଛି।

## ନୂଆବର୍ଷ ପାଇଁ ସୁରକ୍ଷା କଡ଼ାକଡ଼ି

- ଜଗିବେ ୬୦ ପ୍ଲାଟୁନ ଫୋର୍ସ
- ସିସିଟିଭି ନଜରରେ ଶ୍ରୀକ୍ଷେତ୍ର
- ଜାରି ହେଲା ଟ୍ରାଫିକ୍ କଟକଣା



ପୁରୀ,୨୮।୧୨ (ସଂଚାର ବ୍ୟୁରୋ): ଆଉ କେଇଟା ଦିନ ପରେ ୨୦୨୫କୁ ସ୍ୱାଗତ କରିବେ ଲୋକେ । ଏହି ନୂଆବର୍ଷ ଅନେକ ପ୍ରଭୁ ଦର୍ଶନରୁ ଆରମ୍ଭ କରିବାକୁ ଚାହିଁଥାନ୍ତି । ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଏବେଠୁ ଶ୍ରୀକ୍ଷେତ୍ରରେ ଲାଗିଛି ଭିଡ଼। ଏଥର ନୂଆ ବର୍ଷରେ ବହୁ ଅଧିକ ଭିଡ଼ ସମ୍ଭାବନା ଥିବାରୁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଯୋରଦାର ପ୍ରସ୍ତୁତି ହୋଇଛି।

ନୂଆ ବର୍ଷରେ ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର । ପୁରୀର ମୁଖ୍ୟ ପ୍ରବେଶପଥରେ ଚେକିଂକୁ କଡାକଡି କରାଯିବ। ଡିସେମ୍ବର ୩୧ ତାରିଖଠୁ ନୂଆବର୍ଷ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ହେବ। ଏଥିପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଏହି ଅବସରରେ ପୁରୀକୁ ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଟ୍ରାଫିକ୍ ସୁପରିଚାଳନା ନେଇ ବ୍ୟାପକ ପ୍ରସ୍ତୁତି କରିଛି ପୁରୀ ପୁଲିସ। ବେଳାଭୂମିରେ ପର୍ଯ୍ୟାପ୍ତ ଲାଇଫଗାର୍ଡ ମୁତୟନ ହେବାସହ ଜିରୋ ନାଇଟ୍ ସେଲିବ୍ରେସନ ବେଳେ ପାଟ୍ରୋଲିଂକୁ ମଧ୍ୟ କଡାକଡି କରାଯିବ । ଏହି ସମୟରେ ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ। ସେହିଭଳି ଗାଡି ପାର୍କିଂର ସମସ୍ୟା ଯେପରି ନ ହୁଏ ସେନେଇ ଯୋଜନା ପ୍ରସ୍ତୁତ ସରିଛି। ମେଡିକାଲ୍ ଛକଠାରୁ ଶ୍ରୀମନ୍ଦିର ଓ ବେଳାଭୂମି ପର୍ଯ୍ୟନ୍ତ କୌଣସି ଚାରିଚକିଆ ଯାନ ଯାତାୟାତ କରିବ ନାହିଁ । ମାର୍କେଟ ଛକଠାରୁ ହେବ ନୋ-ଭେଇକିଲ ଜୋନ୍। ତେବେ ଭୁବନେଶ୍ୱର ପଟରୁ ଆସୁଥିବା ଚାରିଚକିଆ ଯାନ ଜେଲ୍ ରୋଡ ପାର୍କିଂରେ ରହିବେ। କୋଣାର୍କ ପଟୁ ଆସୁଥିବା ଚାରିଚକିଆ ତାଳବଣିଆ ପାର୍କିଂରେ ଓ ବ୍ରହ୍ମଗିରି ଆଡୁ ଆସୁଥିବା ଚାରିଚକିଆ ଯାନ ଷ୍ଟର୍ଲିନ କିମ୍ବା ଯାତ୍ରିକା ପାର୍କିଂରେ ରହିବା ବ୍ୟବସ୍ଥା କରାଯାଇଛି।

# ରାଜଧାନୀରେ ସିରିଜ୍ ଦୁର୍ଘଟଣାକୁ ନେଇ ଉତ୍ତେଜନା



- ଆନ୍ଦୋଳନକାରୀ-ପୋଲିସ ମୁହାଁମୁହିଁ
- ତିନି ଘଣ୍ଟା ଟ୍ରାଫିକ୍ ଜାମ୍
- ନିଶାସକ୍ତ ଡ୍ରାଇଭରକୁ ନିସ୍ଥୁକ ମାଡ଼

ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ଶନିବାର ସନ୍ଧ୍ୟାରେ ରାଜଧାନୀର ଜାଭିୟର ଛକରେ ସିରିଜ ଦୁର୍ଘଟଣା ଘଟି ପ୍ରାୟ ୭ ଜଣ ଆହତ ହେଇଛନ୍ତି। ଏହାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ସହିତ ସାଧାରଣ ଜନତାଙ୍କ ଧସ୍ତାଧସ୍ତି ହୋଇଛି। ସନ୍ଧ୍ୟା ପ୍ରାୟ ୫.୩୦ରେ ଅନ୍ୟତମ ବ୍ୟସ୍ତବହୁଳ ଜାଭିୟର ଛକରେ ପଛକୁ ପଛ ପିଟି ହୋଇଥିଲା ୪ ଗାଡି। ପ୍ରଥମେ ଏକ କାର ସମ୍ମୁଖରେ ଥିବା ଭ୍ୟାନକୁ ଧକ୍କା ଦେଇଥିଲା। ଏହାପରେ ଉକ୍ତ ଭ୍ୟାନ ଡାଲା ଅଟୋକୁ ଧକ୍କା ଦେଲା ଓ ଡାଲା ଅଟୋ ବାଇକ୍‌କୁ ପିଟିଥିଲା। ପ୍ରାଥମିକ ସୂଚନା ଅନୁଯାୟୀ ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। କାର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଥିବାରୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଜାଭିୟର ଛକରେ ଉତ୍ତେଜନା ଦେଖାଦେଇଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର କ୍ଷତିପୂରଣ ଦେବାକୁ ଲୋକେ ଦାବି କରି ହୋ ହାଲା କରିଛନ୍ତି। ପିସିଆର ଭ୍ୟାନରେ ନିଶାସକ୍ତ ଡ୍ରାଇଭରକୁ ନେବା ପାଇଁ ପୋଲିସ ଉଦ୍ୟମ କରିବା ବେଳେ ବେଳେ ଉତ୍ୟକ୍ତ ଲୋକେ ପିସିଆର ଭ୍ୟାନକୁ ଅଟକାଇଥିଲେ। ପୋଲିସ ଲାଠି ଚାର୍ଜ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶେଷ ଖବର ସୁଦ୍ଧା, ଡ୍ରାଇଭରକୁ ଉଠାଇନେଇଛି ପୁଲିସ ।

## ୩ ମହିଳା ନକ୍ସଲ ଗିରଫ



ମାଲକାନଗିରି, ୨୮।୧୨(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସକୁ ମିଳିଛି ବଡ଼ ସଫଳତା। ୩ ଦୁର୍ଦ୍ଧାନ୍ତ ମହିଳା ନକ୍ସଲଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଏସିଏମ୍ ରାଙ୍କର। ଏହି ୩ ଜଣଙ୍କ ମୁଣ୍ଡ ଉପରେ ଥିଲା ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି। ଗୁଇନ୍ଦା ରିପୋର୍ଟ ଆଧାରରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଗୁଣ୍ଡାବେଡ଼ା ଜଙ୍ଗଲରୁ ୩ ମହିଳା ନକ୍ସଲଙ୍କୁ ଗିରଫ କରାଯାଇଛି। ଗିରଫ ନକ୍ସଲମାନେ ହେଉଛନ୍ତି ସ୍ୱପ୍ନା ଓରଫ ଚନ୍ଦ୍ରମା ଖିଲୋ, ବବିତା ଓରଫ କମଳା ଖିଲୋ ଓ ସୁନୀତା ଖିଲୋ। ସମସ୍ତଙ୍କ ଘର ମାଲକାନଗିରି ଜିଲ୍ଲା ଯୋଡ଼ାମ୍ବ ଥାନା ଧାକଡ଼ପଦରାରେ। ସ୍ୱପ୍ନା ୨୦୧୮ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ସେ ମାଲକାନଗିରିର ଗୁମ୍ମା ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ତାଙ୍କ ମୁଣ୍ଡ ଉପରେ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ୨୦୨୧ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ ବବିତା। ତାଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସୁନୀତା ଖିଲୋ ୨୦୨୧ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ତାଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ନକ୍ସଲ ଓ ପୁଲିସ ମଧ୍ୟରେ ବିଭିନ୍ନ ସମୟରେ ହୋଇଥିବା ଗୁଳିବିନିମୟରୁ ୬ଟିରେ ସ୍ୱପ୍ନା ସାମିଲ ଥିଲେ। ସେହିପରି ଛତିଶଗଡ଼ର ସୁକମାରେ ଘଟିଥିବା ଏକ ଗୁଳି ବିନିମୟ ଘଟଣାରେ ଥିଲା ତାଙ୍କର ସଂପୃକ୍ତି। ବବିତା ଓ ସୁନୀତା ପୁଲିସ ସହିତ ହୋଇଥିବା ୩ଟି ଗୁଳିବିନିମୟ ଘଟଣାରେ ସାମିଲ ହୋଇଥିଲେ। ସେଥିରୁ ଦୁଇଟି ମାଲକାନଗିରିରେ ଘଟିଥିବା ବେଳେ ଗୋଟିଏ ଛତିଶଗଡ଼ର ସୁକମା ଜିଲ୍ଲାରେ ଘଟିଥିଲା। ପଚରାଉଚରା ବେଳେ ସେମାନେ ସୁରକ୍ଷାକର୍ମଚାରୀଙ୍କ ଉପରେ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି କହିଛନ୍ତି।

## ଅଦିନିଆ ବର୍ଷା ଉଜାଡ଼ିଲା ଚାଷୀଙ୍କ ସଂସାର



କେନ୍ଦ୍ରାପଡ଼ାରେ ବିଷ ପିଇଲେ
ଯାଜପୁରରେ ବିଲରେ ଟଳି ପଡ଼ିଲେ

କେନ୍ଦ୍ରାପଡ଼ା / ଯାଜପୁର, ୨୮।୧୨ (ସଂଚାର ବ୍ୟୁରୋ): ସପ୍ତାହକ ମଧ୍ୟରେ ଦୁଇ ଦୁଇଥର ଲଗାଣ ବର୍ଷା ଯୋଗୁ ଉପକୂଳରୁ ଆଭ୍ୟନ୍ତରୀଣ ଅଞ୍ଚଳଯାଏଁ ବ୍ୟାପକ ଫସଲ ହାନି ଘଟିଛି। ଫସଲ ଅମଳ ବେଳେ ବର୍ଷା ଚାଷୀଙ୍କର ବର୍ଷକର ସ୍ୱପ୍ନକୁ ଓଧାଇ ଦେଇଛି। ପାଣିରେ ବୁଡ଼ିଥିବା ପାଚିଲା ଧାନକୁ ଦେଖି ସମ୍ଭାଳି ପାରିନାହାନ୍ତି ଚାଷୀ। କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ଚାଷୀ ବିଷପିଇ ଆତ୍ମହତ୍ୟା କରିଥିବା ବେଳେ ଯାଜପୁରରେ ଜଣେ ଚାଷୀ ବିଲରେ ଟଳିପଡ଼ିଥିବା ଖବର ମିଳିଛି।

ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଚିକଣା ପଞ୍ଚାୟତରେ ମଣିଭଦ୍ର ମହାନ୍ତି ଧାରକରଜ କରି ୩ ଏକର ଜମିରେ ଧାନ ଚାଷ କରିଥିଲେ । ମାତ୍ର ଅଦିନିଆ ବର୍ଷା ଯୋଗୁ ବିଲରେ ଧାନ ଗଜା ହୋଇଗଲା । ନିଜ ବିଲ ଦେଖିବାକୁ ଯାଇଥିବା ମଣିଭଦ୍ର ଏହା ସହି ପାରିଲେନି। ଅତ୍ୟଧିକ ମାନସିକ ଚାପ ଯୋଗୁ ସେଠାରେ ହିଁ ବେହୋସ ହୋଇଗଲେ। ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ତୁରନ୍ତ ବିଞ୍ଝାରପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ। ମଣିଭଦ୍ରଙ୍କ ଏପରି ମୃତ୍ୟୁକୁ ପରିବାର ଲୋକେ ସହଜେ ଗ୍ରହଣ କରି ପାରୁ ନାହାନ୍ତି। ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ଚାଷୀ ବିଲରେ ଧାନ ଭାସୁଥିବା ଦେଖି ଟଳି ପଡ଼ିଥିଲେ। ପୁଣି ଉକ୍ତ ଜିଲ୍ଲାର ଆଉ ଜଣେ ଚାଷୀ ନେଇଛନ୍ତି ଚରମ ନିଷ୍ପତ୍ତି। ଆତ୍ମହତ୍ୟା କରିଥିବା ଚାଷୀ ହେଲେ ଦୈତାରୀ ଯେନା (୭୪)। ତାଙ୍କ ଘର ଡେରାବିଶ ଥାନା ଖମୋଳ ପଞ୍ଚାୟତର କୋସିଦା ଗାଁରେ। ଦୈତାରୀଙ୍କର ନିଜର କିଛି ବିଲ ନ ଥିଲା। ସେ ୩ ଏକର ଭାଗ ଚାଷ କରିଥିଲେ। ଚଳିତ ବର୍ଷ ଚାଷ ପାଇଁ ସେ ୧ ଲକ୍ଷ ଟଙ୍କା ଋଣ କରିଥିଲେ। ଧାନ କାଟି ବିଲରେ ପକାଇଥିଲେ। ହେଲେ ଲଗାଣ ବର୍ଷା ତାଙ୍କର ସବୁ ଖୁସି ଛଡ଼ାଇ ନେବା ସହ ସ୍ୱପ୍ନକୁ ଧୂଳିସାତ କରି ଦେଇଛି। ବର୍ଷା ଛାଡ଼ି ଯିବା ପରେ ବିଲ ଦେଖିବାକୁ ଯାଇଥିଲେ ଦୈତାରୀ। ବର୍ଷକର ପରିଶ୍ରମ ପାଣିରେ ଭାସୁଥିବା ଦେଖି ସହି ପାରି ନ ଥିଲେ। ସେ ଘରକୁ ଫେରି କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ କବାଟ ତାଡ଼ି ତାଙ୍କୁ ଉଦ୍ଧାର କରିଥିଲେ। ମୁମୂର୍ଷୁ ଅବସ୍ଥାରେ ପ୍ରଥମେ ତାଙ୍କୁ ନିଶ୍ଚିନ୍ତକୋଇଲି ଓ ପରେ କଟକ ମେଡିକାଲ୍‌କୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ମୃତଦେହ ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। କିଛି ଦିନ ପୂର୍ବେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଅଞ୍ଚଳର ଜଣେ ଚାଷୀଙ୍କ ମଧ୍ୟ ଅକାଳରେ ମୃତ୍ୟୁ ହୋଇଥିଲା। ଅଦିନିଆ ବର୍ଷା ଯୋଗୁ ଫସଲ ବିଲରେ ପଡ଼ି ରହିଛି। ଧାନ ଗଜା ହେବା ସହିତ ପନିପରିବା ପଚି ଯାଇଛି। ଫସଲକୁ ଦେଖି ମୁଣ୍ଡରେ ହାତ ଦେଉଛି ଚାଷୀ। ଏପରି ଧକ୍କା ଚାଷୀମାନେ ସହି ପାରୁ ନ ଥିବା ବେଳେ କିଏ ଆପେଆପେ ଟଳି ପଡୁଛି ତ କିଏ ଜୀବନ ହାରୁଛି।

## ଅଦରକାରୀ ଆଇନକୁ ବାଦ ଦେବ ଲ' କମିଶନ



କଟକ/ଭୁବନେଶ୍ୱର, ୨୮।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ନୂତନ ଆଇନ ଆୟୋଗ (ଲ' କମିଶନ) ଗଠନ କଲେ ମୋହନ ସରକାର । ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଛି ଏହି ଆୟୋଗ । ଆଇନ ବିଭାଗ ପକ୍ଷରୁ ଗତକାଲି (ଶୁକ୍ରବାର) ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୨୦୧୬ ମାର୍ଚ୍ଚ ୧୬ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଓଡ଼ିଶା ଷ୍ଟେଟ୍ ଲ' କମିଶନର ନିୟମ ଆଧାରରେ ଓଡ଼ିଶା ନୂଆ ଆଇନ କମିଶନ ଗଠିତ ହେବା ସହ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ଏହାର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି ।

ରାଜ୍ୟ ଆଇନକୁ ସଂଶୋଧନ କରିବା, ଆବଶ୍ୟକତା ଅନୁଯାୟୀ ନୂତନ ଆଇନ ପ୍ରଣୟନ, ଅଦରକାରୀ ଆଇନକୁ ହଟାଇବା ପାଇଁ ରାଜ୍ୟ ସରକାରଙ୍କୁ ଏହି ଆୟୋଗ ପରାମର୍ଶ ଦେବ । ପୁରୁଣା ଆଇନ ସଂଶୋଧନ କରିବା ପାଇଁ ମଧ୍ୟ ଏହି କମିଶନ ସୁପାରିଶ କରିବ। ପୁରୁଣା ଆଇନକୁ ହଟାଇବାକୁ ହେଲେ ଆବଶ୍ୟକ ସ୍ଥଳେ ଜନସାଧାରଣ, ଆଇନ ପରିଷଦ, ବାର୍ ଆସୋସିଏସନର ରାୟ ନିଆଯିବ। ଜନସାଧାରଣଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ସହ ସାମାଜିକ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଆଇନ ସଂପର୍କରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବ ଏହି ଲ' କମିଶନ । ସେପଟେ ଲ' କମିଶନ ପ୍ରତିଷ୍ଠା ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି," ରାଜ୍ୟକୁ ଏହାର ଆବଶ୍ୟକତା ଥିଲା । ୨୦୧୮ ମସିହା ପରଠାରୁ ରାଜ୍ୟ ସରକାର ଉଚିତ ମଣି ନଥିଲେ । ଏବେ ଏହି କମିଶନ ରାଜ୍ୟର ବିଭିନ୍ନ ନୀତି ନିୟମର ତର୍ଜମା କରିବ । ଦରକାରୀ ନିୟମର ପରିବର୍ତ୍ତନ କରିବ। ଆବଶ୍ୟକୀୟ ସଂଶୋଧନ କରିବ। ଅନାବଶ୍ୟକ ଆଇନକୁ ଖୋଜିକି ବାହାର କରିବା, ତର୍ଜମା କରି ରାଜ୍ୟ ସରକାରଙ୍କୁ ସୁପାରିଶ କରିବ । ଏହା ଉପରେ ପରବର୍ତ୍ତୀ ସମୟରେ ଉପଯୁକ୍ତ ନିଷ୍ପତ୍ତି ରାଜ୍ୟ ସରକାର ନେବେ ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଖୁବ୍ ଶୀଘ୍ର ଲଞ୍ଚ ହେବ କ୍ଲାସିକ ୬୫୦



**ନୂଆଦିଲ୍ଲୀ, ୨୮।୧୨:** ରୟାଲ ଇନଫିଲ୍ଡ ବାଇକ୍ ସମଗ୍ର ବିଶ୍ୱରେ କ୍ରେଜ୍ ରହିଛି। ଏହି ବାଇକ ପ୍ରାୟ ସମସ୍ତ ଲୋକଙ୍କୁ ବହୁତ ପସନ୍ଦ ଆସିଥାଏ। କମ୍ପାନୀ ଗୋଟିଏ ପରେ ଗୋଟିଏ ନୂଆ ବାଇକ୍ ଲଞ୍ଚ କରୁଛି। ରୟାଲ ଇନଫିଲ୍ଡ ର ସବୁଠାରୁ ପପୁଲାର ବାଇକ୍ ହେଉଛି ରୟାଲ ଇନଫିଲ୍ଡ କ୍ଲାସିକ, ଯାହା ପରେ ବର୍ତ୍ତମାନ କମ୍ପାନୀ କ୍ଲାସିକ ୬୫୦ କୁ ପରିଚିତ କରିବାକୁ ଯାଉଛି। ଏହି ବାଇକର ପ୍ରାଇସ ମଧ୍ୟ ବହୁତ ଶୀଘ୍ର ଘୋଷାଣ କରାଯାଇପାରେ। ରୟାଲ ଇନଫିଲ୍ଡ କ୍ଲାସିକ ୬୫୦ କୁ କିଛି ସପ୍ତାହ ପୂର୍ବରୁ ମୋଟଭର୍ସ ଇଭେଣ୍ଟ ୨୦୨୪ ରେ ପରିଚିତ ହୋଇଥିଲା। ଏହି ବାଇକର ଝଲକ ଦେଖିବା ପରେ ଲୋକଙ୍କ ମନ ଜାଗ୍ରତ ହୋଇପଡିଥିଲା। ଏହି ବାଇକର ପ୍ରାଇସ୍ ବିଷୟରେ କହିବାକୁ ଗଲେ ଏକ୍ସ-ସୋରୁମ୍ ପ୍ରାଇସ୍ ୩.୬ ଲକ୍ଷ ଟଙ୍କା ହେବ। ଆପଣ ଏହି ବାଇକରେ ବିଭିନ୍ନ କଲର ଦେଖିବାକୁ ପାଇବେ, ଯାହା ପରେ ବାଇକର ପ୍ରାଇସ୍ କଲର ହିସାବରେ ଭିନ୍ନ ହୋଇପାରେ। ସୂଚନା ଅନୁଯାୟୀ, ରୟାଲ ଇନଫିଲ୍ଡ କ୍ଲାସିକ ୬୫୦, ସୁପର ମେଟେଓରା ୬୫୦ ଏବଂ ସୁଟଗନ ୬୫୦ ମଧ୍ୟରେ ପୋଜିସନ୍ ନେଇପାରେ। ସୁଟଗନ ପ୍ରାଇସ୍ ବିଷୟରେ କହିବାକୁ ଗଲେ ଏହାର ଟପ୍ ଭ୍ୟାରିଆଣ୍ଟର ପ୍ରାଇସ୍ ମଧ୍ୟ ୩.୬ ଲକ୍ଷ ଟଙ୍କା ରହିଛି। ଏହା ବ୍ୟତୀତ, ସୁପର ମେଟେଓର ୬୫୦ର ପ୍ରାରମ୍ଭିକ ପ୍ରାଇସ୍ ୩.୬୪ ଲକ୍ଷ ଟଙ୍କାରେ ଆରମ୍ଭ ହୋଇଛି। ଆସନ୍ତା ମାସ ଜାନୁଆରୀ ଶେଷ ସୁଦ୍ଧା ଏହି ବାଇକ୍ ଡେଲିଭରୀ ଆରମ୍ଭ ହେବ ବୋଲି ଆଶା କରାଯାଉଛି। କ୍ଲାସିକ ୬୫୦ ଜବରଦସ୍ତ ରେଟ୍ରୋ ଲୁକ୍ ଏବଂ ଆଡଭାନ୍ସ ଫିଚର୍ସ ପାଇଁ ବହୁତ ପସନ୍ଦ ହୋଇଥାଏ। ଯେତେବେଳେ ଏହି ବାଇକ୍ ମୋଟରଭର୍ସରେ ପରିଚିତ ହେଲା, ଲୋକମାନେ ଏହାର କ୍ଲାସିକ୍ ଡିଜାଇନ୍ ଏବଂ ଭଲ ଫିନିସ୍ ପାଇଁ ପ୍ରଶଂସା କଲେ। କ୍ଲାସିକ ବାଇକ୍ ୬୫୦ସିସି ଟ୍ୱିନ ଇଞ୍ଜିନ୍ ପ୍ଲାଟଫର୍ମ ଉପରେ ଆଧାରିତ ହେବ। ଏହି ବାଇକ୍ ସେହି ମାନଙ୍କ ପାଇଁ ଭଲ ଭାବରେ ଡିଜାଇନ୍ କରାଯାଇଛି, ଯେଉଁମାନେ ନିଜ ବାଇକରେ ରେଟ୍ରୋ ଲୁକ୍ ସହିତ କିଛି ମର୍ଡନ ମିକ୍ସର ଚାହୁଁଛନ୍ତି।

## ଆଜିର ସୁନା ଦର



ଆଜି ସାମାନ୍ୟ କମିଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୩୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୦୦୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧, ୫୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୮୪୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୩୫୦ ଟଙ୍କା ଓ ୭୭ ,୮୪୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୫୦୦ ଟଙ୍କା ଓ ୭୭, ୯୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୩୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮,୮୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୩୫୦ ଟଙ୍କା ଓ ୭୭, ୮୪୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୬୦୦ ହଜାର ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୯୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଗ୍ରୀନ୍ ଚିଲିଜ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୮।୧୨: ରାଜ୍ୟର ଅଗ୍ରଣୀ ଫୁଡ୍ ପ୍ଲାଟ୍‌ଫର୍ମ 'ଗ୍ରୀନ୍ ଚିଲିଜ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ବ୍ରହ୍ମପୁରର ରୁକ୍ମିଣୀ ସିନେମା ହଲ୍ ରୋଡ୍‌ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଗ୍ରୀନ୍ ଚିଲିଜ କାଫେ ଆଣ୍ଡ କ୍ୟାଟରିଂ'ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଗ୍ରୀନ୍ ଚିଲିଜ୍‌ର ପ୍ରତିଷ୍ଠାତା ଏମ୍.କେଶବ ରାଓ, ଏମ୍. ଜୟପ୍ରସାଦ ରାଓଙ୍କ ସମେତ ବ୍ରହ୍ମପୁର ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ, ଅର୍ବାନ ବ୍ୟାଙ୍କ ସଭାପତି ଆର.ମୁରଲୀ ମୋହନ, କର୍ପୋରେଟର ଟି. କିଶୋର, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଲା, ସାମାଜିକ କର୍ମୀ ଟି. ଗୋପୀ, ଦୁର୍ଗା ପଣ୍ଡା,ଅଜୟ ମହାରଣା, ସନ୍ତୋଷ ପାଣିଗ୍ରାହୀ ଓ ଦିନେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗ୍ରୀନ୍ ଚିଲିଜର ନିର୍ଦ୍ଦେଶକ ଏମ୍.ତେଜେଶ୍ୱର ରାଓ କହିଛନ୍ତି, ବ୍ରହ୍ମପୁର ସହରରେ ଆମେ ଆମର ପ୍ରଥମ ରେଷ୍ଟୁରାଣ୍ଟ ଆଣ୍ଡ କାଫେକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଠାରେ ଚାଇନିଜ୍, ତନ୍ଦୁରି, ବିରିଆନି ଓ ବାମ୍ବୋ ଚିକେନର ବିଭିନ୍ନ ଭେରାଇଟିର ଖାଦ୍ୟ ସହ ଗୁଣାତ୍ମକ ଓ ଉନ୍ନତମାନର ପରିବେଶରେ ଗ୍ରାହକଙ୍କୁ ସୁସ୍ୱାଦ୍ଧ ଖାଦ୍ୟ ପସରା ଯୋଗାଇଦେବା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତି ଅଛୁ। ଅପରପକ୍ଷରେ ଏଠାରେ ପ୍ରଦାନ କରାଯାଉଥିବା ଖାଦ୍ୟ ସହ ସେବା ସଭିଙ୍କୁ ସୁହାଇଲା ଭଳି ଏବଂ ସୁଲଭ ଦର ରଖାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ।

## ସୁଜୁକୀ ମୋଟର କର୍ପୋରେସନର ପୂର୍ବତନ ଅଧ୍ୟକ୍ଷ ଓସାମୁ ସୁଜୁକୀଙ୍କ ପରଲୋକ



**ନୂଆଦିଲ୍ଲୀ, ୨୮।୧୨:** ସୁଜୁକୀ ମୋଟର କର୍ପୋରେସନର ପୂର୍ବତନ ଅଧ୍ୟକ୍ଷ ଓସାମୁ ସୁଜୁକୀଙ୍କ ପରଲୋକ। ୯୪ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନରୁ ଲିମ୍ଫୋମା ରୋଗରେ ପୀଡ଼ିତ ଥିବା ଓସାମୁ ସୁଜୁକୀଙ୍କ ବୁଧବାର ପରଲୋକ ହୋଇଛି। ଓସାମୁ ନିଜ କାର୍ଯ୍ୟକାଳରେ ୪୦ରୁ ଅଧିକ ସୁଜୁକୀ ମୋଟର କର୍ପୋରେସନର ନେତୃତ୍ୱ ନେଇଥିଲେ। ତାଙ୍କ ଅଧ୍ୟକ୍ଷତାରେ ସୁଜୁକୀ ଛୁଇଁଥିଲା ସଫଳତାର ଶୀର୍ଷ। ୨୦୨୧ରେ ୯୧ ବର୍ଷ ବୟସରେ ସେ କମ୍ପାନିରୁ ଅବସର ନେଇଥିଲେ। ଓସାମୁଙ୍କ ଜନ୍ମ ୧୯୩୦ ଜାନୁଆରୀ ୩୦ରେ ଜାପାନର ଗେରୋ ସହରରେ ହୋଇଥିଲା। ଜାପାନର ସୋଫିଆ ବିଶ୍ୱବିଦ୍ୟାଳୟରୁ ସେ ପାଠପଢ଼ା ଶେଷ କରିଥିଲେ। ଏହା ପରେ ସେ ଅନେକ ଦିନ ଧରି ବ୍ୟାଙ୍କରେ ଚାକିରି କରିଥିଲେ। ତେବେ ୧୯୫୮ରେ ସୁଜୁକୀ ପରିବାରର ଶୋକୋ ସୁଜୁକୀଙ୍କୁ ବିବାହ କରିଥିଲେ ଏବଂ ପତ୍ନୀଙ୍କ ଠାରୁହିଁ ସୁଜୁକୀ ସାଙ୍ଗିଆ ନେଇଥିଲେ। ଆଉ ସେହି ବର୍ଷ ହିଁ ସୁଜୁକୀରେ ସାମିଲ ହୋଇଥିଲେ। କମ୍ପାନିରେ ଷ୍ଟ୍ରାଟେଜିକ ଏବଂ ମ୍ୟାନେଜମେଣ୍ଟରେ ବଡ଼ ଭୂମିକା ନିଭାଇ ସେ ନିଜ ଦକ୍ଷତା ପ୍ରତିପାଦନ କରିପାରିଥିଲେ। ଆଉ କମ୍ପାନିରେ ଯୋଗଦେବାର ୨୦ ବର୍ଷ ଅର୍ଥାତ୍ ୧୯୭୮ରେ ତାଙ୍କୁ ସୁଜୁକୀ ମୋଟରରେ ଅଧ୍ୟକ୍ଷ ପଦ ମିଳିଥିଲା ଏବଂ ୨୦୦୦ ମସିହାରେ ସେ କମ୍ପାନିର ଚେୟାରମ୍ୟାନ ହୋଇଥିଲେ। କମ୍ପାନି ସହ ଓସାମୁ ସହ ପ୍ରାୟ ୪ ଦଶନ୍ଧି ଧରି ରହିଥିଲେ। ଏହା ମଧ୍ୟରେ ସେ ଦୁଇ-ଦୁଇ ଥର କମ୍ପାନିର ଚେୟାରମ୍ୟାନ ହୋଇଥିଲେ। ଏହି ପଦରେ ଅଧିକ ସମୟ ରହିବାରେ ସେ ଏକମାତ୍ର ବ୍ୟକ୍ତି। ତଥାପି ତାଙ୍କ କାର୍ଯ୍ୟକାଳ ଚାଲେଞ୍ଜପୂର୍ଣ୍ଣ ରହିଥିଲା। ତାଙ୍କୁ ଜାପାନରେ ଫୁଏଲ-ଇକୋନୋମୀ ଟେଷ୍ଟିଂ ସ୍କାମର ସାମ୍ନା କରିବାକୁ ପଡ଼ିଥିଲା। ଏହି କେସ୍ କାରଣରୁ ତାଙ୍କୁ ୨୦୧୬ରେ କମ୍ପାନିର ସିଇଓ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା।

## ଏବର୍ଷ ଜୋମାଟୋରେ ଅର୍ଡର ହୋଇଛି ୯ କୋଟି ପ୍ଲେଟ ବିରିୟାନୀ

**ନୂଆଦିଲ୍ଲୀ, ୨୮।୧୨:** ଅନଲାଇନ୍ ଫୁଡ୍ ଡେଲିଭରି କମ୍ପାନି ଜୋମାଟୋ ଏହାର ବାର୍ଷିକ ରିପୋର୍ଟ ଜାରି କରିଛି। ଯେଉଁଥିରେ ଅନେକ ରୋଚକ ତଥ୍ୟ ରହିଛି। କେଉଁଠି କେଉଁ ଖାଦ୍ୟ ଅଧିକ ଅର୍ଡର କରାଯାଉଛି ବା କେଉଁ ଖାଦ୍ୟ ଅଧିକ ଲୋକଙ୍କ ପସନ୍ଦ ସେ ବିଷୟରେ ରିପୋର୍ଟରେ ରହିଛି। ରିପୋର୍ଟ ଅନୁଯାୟୀ, ଏବର୍ଷ ଜୋମାଟୋରେ ବିରିୟାନୀ ସବୁଠୁ ଅଧିକ ଅର୍ଡର ହୋଇଛି। ଅର୍ଥାତ୍ ଚଳିତ ବର୍ଷ ମଧ୍ୟ ଭାରତୀୟମାନେ ବିରିୟାନୀକୁ ସବୁଠୁ ଅଧିକ ପସନ୍ଦ କରିଛନ୍ତି। ଏବର୍ଷ ପ୍ରାୟ ୯ କୋଟି ବିରିୟାନୀ ଅର୍ଡର ହୋଇଛି। ଆକ୍ଷରିକ ତଥ୍ୟ ଦେଖିଲେ ଜୋମାଟୋରୁ ଗ୍ରାହକ ୯ କୋଟି ୧୩ ଲକ୍ଷ ୯୯ ହଜାର ୧୧୦ ପ୍ଲେଟ ବିରିୟାନୀ ଅର୍ଡର କରିଛନ୍ତି। ମାନେ ପ୍ରତି ସେକେଣ୍ଡରେ ତିନିଟି ଅର୍ଡର। ଭାତ ମଧ୍ୟ ସର୍ବାଧିକ ଅର୍ଡର ହୋଇଥିବା ଖାଦ୍ୟରେ ରହିଛି । ସେହିଭଳି ବିରିୟାନୀ ପଛକୁ ରହିଛି ପିଜ୍ଜା। ଜେମାଟୋରେ ଚଳିତ ବର୍ଷ ପ୍ରାୟ ୫,୮୪,୪୬,୯୦୮ ପିଜ୍ଜା ଅର୍ଡର ହୋଇଛି। ପାନୀୟ କଥା ଦେଖିଲେ ଜୋମାଟେରେ ଚା' ସର୍ବାଧିକ ଅର୍ଡର ହୋଇଛି। ଏହା ପଛରେ ରହିଛି କଫି । ଚଳିତ ବର୍ଷ ପ୍ରାୟ ୭୭,୭୬, ୭୨୫ ଚା' ଅର୍ଡର ହୋଇଥିବାବେଳେ ୭୪,୩୨,୮୫୬ କଫି ଅର୍ଡର ହୋଇଛି। ସହର ହିସାବରେ ତଥ୍ୟ ଦେଖିଲେ ବଜେଟ ଖାଦ୍ୟ ଖାଇବାରେ ଦିଲ୍ଲୀବାସୀ ଆଗରେ ରହିଛି। ଦିଲ୍ଲୀବାସୀ ଜୋମାଟୋ ମାଧ୍ୟମରେ ଖାଦ୍ୟ ଅର୍ଡର କରି ପ୍ରାୟ ୧୯୫ କୋଟି ଟଙ୍କା ସଞ୍ଚୟ କରିଛନ୍ତି। ଏହା ପଛକୁ ମୁମ୍ବାଇ ରହିଛି।

## ୧୦ ବର୍ଷରେ ପ୍ରଥମ ଥର ନେଗେଟିଭ୍ ରିଟର୍ଣ୍ଣ ଆଡ଼କୁ ବଢୁଛି ରିଲାଏନ୍ସ

**ନୂଆଦିଲ୍ଲୀ, ୨୮।୧୨:** ରିଲାଏନ୍ସ ଉଦ୍ୟୋଗ ସମେତ ଅନେକ କମ୍ପାନିର ନିବେଶକଙ୍କ ପାଇଁ ଚଳିତ ବର୍ଷ ନିରାଶାଜନକ ରହିଛି। ଭାରତ ଏବଂ ଏସିଆର ସବୁଠୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ କମ୍ପାନି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୧୦ ବର୍ଷରେ ପ୍ରଥମ ଥର ପାଇଁ ନେଗେଟିଭ୍ ରିଟର୍ଣ୍ଣ ଦେବାକୁ ଯାଉଛି। ଚଳିତ ବର୍ଷ ବିଏସଇ ୫୦୦ରେ ସାମିଲ ଅତି କମରେ ୨୭ କମ୍ପାନିର ମାର୍କେଟ୍ କ୍ୟାପ୍‌ରେ ଏକ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୮,୫୦୦ କୋଟି ଟଙ୍କାରୁ ଅଧିକ ହ୍ରାସ ଘଟିଛି। ଏଥିରେ ରିଲାଏନ୍ସ ବ୍ୟତୀତ ଏସିଆନ ପେଣ୍ଟ୍ସ, ଏଚ୍‌ୟୁଏଲ୍, ଟାଇଟନ୍, ବଜାଜ ଫାଇନାନ୍ସ, ଆଦାନୀ ଗ୍ରୀନ୍ ଏନର୍ଜି ଏବଂ ଡିମାର୍ଟ ସାମିଲ ଅଛି। ମୂଲ୍ୟ ହିସାବରେ ଏସିଆନ୍ ପେଣ୍ଟ୍ସକୁ ସବୁଠୁ ଅଧିକ କ୍ଷତି ହୋଇଛି। ପ୍ରତିଶତ ହିସାବରେ ଜି ଏଣ୍ଟରଟେନ୍‌ମେଣ୍ଟକୁ ସବୁଠୁ ଅଧିକ କ୍ଷତି ହୋଇଛି। ଏହାର ସେୟାର ମୂଲ୍ୟରେ ପ୍ରାୟ ୫୪ ପ୍ରତିଶତ ହ୍ରାସ ଘଟିଛି। ଚଳିତ କ୍ୟାଲେଣ୍ଡର ବର୍ଷରେ ଏସିଆନ୍ ପେଣ୍ଟ୍ସର ମାର୍କେଟ୍ କ୍ୟାପ୍ ସବୁଠୁ ଅଧିକ ହ୍ରାସ ପାଇଛି। ଦେଶର ସବୁଠୁ ବଡ଼ ଡେକୋରେଟିଭ ପେଣ୍ଟ୍ସ କମ୍ପାନିର ସେୟାର ମୂଲ୍ୟ ଏବେ ସୁଦ୍ଧା ୩୩ ପ୍ରତିଶତ ହ୍ରାସ ପାଇଛି। କମ୍ପାନିର ମାର୍କେଟ୍ କ୍ୟାପରେ ୧.୦୭ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ଦୁର୍ବଳ ଚାହିଦା ଏବଂ ମାର୍ଜିନ ଚାପ ଯୋଗୁଁ କମ୍ପାନି ସଂଘର୍ଷ କରୁଛି। ଏହାସହ ଜେଏସଡବ୍ଲୁ ଏବଂ ବିର୍ଲା ଗ୍ରୁପ୍ ସହ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିବାକୁ ପଡୁଛି। ଭାରତ ଏବଂ ଏସିଆର ସବୁଠୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ୧୦ ବର୍ଷରେ ପ୍ରଥମ ଥର ପାଇଁ ନେଗେଟିଭ୍ ରିଟର୍ଣ୍ଣ ଆଡ଼କୁ ବଢୁଛି।

## ଗାଁରେ ମାସିକ ଖର୍ଚ୍ଚ: ଜଣପିଛା ଲୋଡ଼ା ୩୩୫୭ ଟଙ୍କା



**ଭୁବନେଶ୍ୱର, ୨୮।୧୨:** ଓଡ଼ିଶାର ସହରାଞ୍ଚଳରେ ଜୀବନଯାପନ କରିବା ଲାଗି ଅଧିକ ଟଙ୍କା ଆବଶ୍ୟକ। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନେ ମାସକୁ ଯେତିକି ଟଙ୍କା ଖର୍ଚ୍ଚ କରୁଛନ୍ତି, ସହରାଞ୍ଚଳ ଲୋକମାନେ ତା'ଠାରୁ ୭୩ ପ୍ରତିଶତ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ରାଜ୍ୟର ଗ୍ରାମାଞ୍ଚଳରେ ବ୍ୟକ୍ତି ପିଛା ମାସକୁ ହାରାହାରି ୩୩୫୭ ଟଙ୍କା ଖର୍ଚ୍ଚ ହେଉଛି। ଭାରତ ସରକାର ଜାରି କରିଥିବା ପରିବାର ଉପଯୋଗ ବ୍ୟୟ ସର୍ବେକ୍ଷଣ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ସହରାଞ୍ଚଳରେ ମୁଣ୍ଡପିଛା ବ୍ୟୟ ୫୮୨୫ ଟଙ୍କା ରହିଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବ୍ୟୟରେ ଓଡ଼ିଶା ଜାତୀୟ ହାରଠାରୁ ବହୁ ପଛରେ ରହିଛି। ଗ୍ରାମାଞ୍ଚଳ ମୁଣ୍ଡପିଛା ବ୍ୟୟ ଜାତୀୟ ହାର ୪୧୨୨ ଟଙ୍କା ତୁଳନାରେ ୭୬୫ ଟଙ୍କା କମ୍ ରହିଛି। ସେହିପରି ଦେଶର ସହରାଞ୍ଚଳରେ ମୁଣ୍ଡପିଛା ମାସିକ ବ୍ୟୟ ୬୯୯୬ ଟଙ୍କା ଥିବା ବେଳେ ରାଜ୍ୟର ସହରାଞ୍ଚଳରେ ତାହା ୫୮୨୫ ଟଙ୍କା ରହିଛି। ଅର୍ଥାତ୍ ଜାତୀୟ ହାର ତୁଳନାରେ ଓଡ଼ିଶା ୧୧୭୧ ଟଙ୍କା ପଛୁଆ ରହିଛି। ଏହି ହିସାବରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାରେ ମାଗଣାରେ ଦିଆଯାଉଥିବା ଜିନିଷଗୁଡ଼ିକୁ ବିଚାରକୁ ନିଆଯାଇନାହିଁ। ଲୋକମାନେ ନିଜ ପକେଟ୍‌ରୁ ବିଭିନ୍ନ ସାମଗ୍ରୀ ଓ ସେବା ପାଇବା ଲାଗି କରୁଥିବା ଖର୍ଚ୍ଚ ଆଧାରରେ ଏହି ହିସାବ କରାଯାଇଛି। ରିପୋର୍ଟକୁ ଅନୁଶୀଳନ କରିବା ପରେ ଜଣାପଡ଼ିଛି ଯେ ଓଡ଼ିଶାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମୁଣ୍ଡପିଛା ବ୍ୟୟ ଭିତରେ ଏକ ବଡ଼ ଅନ୍ତର ରହିଛି। ଗାଁ ତୁଳନାରେ ସହରରେ ବାସ କରୁଥିବା ବ୍ୟକ୍ତି ମାସକୁ ୨୪୬୮ ଟଙ୍କା ଅଧିକ ବ୍ୟୟ କରୁଛନ୍ତି। ଏଥିରୁ ଏହା ଜଣାପଡ଼ିଛି ଯେ ଗାଁ ତୁଳନାରେ ସହରାଞ୍ଚଳରେ ଜୀବନଯାପନ କରିବା ଅଧିକ ବ୍ୟୟସାପେକ୍ଷ। ତେବେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ସରକାର ଦେଉଥିବା ଲାଭ ବିଚାରକୁ ନେବା ପରେ ଓଡ଼ିଶାରେ ଗ୍ରାମାଞ୍ଚଳରେ ମୁଣ୍ଡପିଛା ବ୍ୟୟ ୩୫୦୯ ଟଙ୍କା ଓ ସହରାଞ୍ଚଳରେ ୫୯୨୫ ଟଙ୍କା ହେଉଛି। ସର୍ବଭାରତୀୟ ସ୍ତରରେ ରାଜ୍ୟଗୁଡ଼ିକ ମଧ୍ୟରେ ସିକିମ୍‌ରେ ମୁଣ୍ଡପିଛା ବ୍ୟୟ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସର୍ବାଧିକ ଯଥାକ୍ରମେ ୯୩୭୭ ଟଙ୍କା ଓ ୧୩,୯୨୭ ଟଙ୍କା ରହିଛି। ସେହିପରି ଛତିଶଗଡ଼ରେ ତାହା ସର୍ବନିମ୍ନ ରହିଛି। ଛତିଶଗଡ଼ରେ ଗ୍ରାମାଞ୍ଚଳ ମୁଣ୍ଡପିଛା ବ୍ୟୟ ୨୭୩୯ ଟଙ୍କା ଥିବା ବେଳେ ସହରାଞ୍ଚଳରେ ୪୯୨୭ ଟଙ୍କା ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମୁଣ୍ଡପିଛା ବ୍ୟୟ ମଧ୍ୟରେ ଅନ୍ତର ଓଡ଼ିଶାରେ ୭୩.୫୧ ପ୍ରତିଶତ ରହିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନେ ମାସକୁ ବ୍ୟକ୍ତି ପିଛା ଡାଲିରେ ୮୪ ଟଙ୍କା, ଚିନି ଓ ଲୁଣରେ ୩୭ ଟଙ୍କା, ଦୁଗ୍ଧ ଜାତୀୟ ଉତ୍ପାଦରେ ୩୪୮ ଟଙ୍କା, ପନିପରିବାରେ ୨୪୮ ଟଙ୍କା, ଫଳରେ ୧୫୮ ଟଙ୍କା; ମାଛ-ମାଂସ-ଅଣ୍ଡାରେ ୨୦୩ ଟଙ୍କା, ଖାଇବା ତେଲରେ ୧୧୪ ଟଙ୍କା, ମସଲାରେ ୧୩୫ ଟଙ୍କା ଏବଂ ବିଭିନ୍ନ ପ୍ରକାର ମୃଦୁପାନୀୟ ଓ ପ୍ରକ୍ରିୟାକରଣ ଖାଦ୍ୟରେ ୪୦୬ ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ଖାଇବାରେ ବ୍ୟକ୍ତିପିଛା ମାସକୁ ୧୯୩୯ ଟଙ୍କା ଖର୍ଚ୍ଚ ହେଉଛି।

## ମଦ ବିକ୍ରୟରୁ ୧୫ରୁ ୩୦ ପ୍ରତିଶତ ଟିକସ ଆସିଥାଏ

**ନୂଆଦିଲ୍ଲୀ,୨୭।୧୨:** ଦେଶରେ ଟିକସ ଆଦାୟର ଏକ ସମ୍ପୂର୍ଣ୍ଣ ନେଟ୍‌ୱାର୍କ ରହିଛି। ଖାଦ୍ୟ ଠାରୁ ଆରମ୍ଭ କରି ରାସ୍ତାରେ ଚାଲିବା ପର୍ଯ୍ୟନ୍ତ ଆମେ ସରକାରଙ୍କୁ ଟିକସ ଦେଉ। ସେହିପରି ମଦ୍ୟପାନ କରିବା ସମୟରେ ମଧ୍ୟ। ସରକାର ଅବକାରୀ ଟ୍ୟାକ୍ସ ନାମରେ ମଦ ବିକ୍ରି ଉପରେ ଟ୍ୟାକ୍ସ ସଂଗ୍ରହ କରନ୍ତି। ଆପଣ ଜାଣି ତାଜୁବ ହେବେ ଯେ, କୌଣସି ରାଜ୍ୟର ରାଜସ୍ୱର ଏକ ବଡ଼ ଅଂଶ ମଦ ବିକ୍ରୟରୁ ଆସିଥାଏ। ସେଥିପାଇଁ ରାଜ୍ୟ ସରକାର ମଦ ନିଷେଧ ଭଳି ନିଷ୍ପତ୍ତି ନେବା ପୂର୍ବରୁ ୧୦୦ ଥର ଚିନ୍ତା କରନ୍ତି। କାରଣ ଏହି ଟିକସ ଆଦାୟର ୧୫ରୁ ୩୦ପ୍ରତିଶତ ମଦ ବିକ୍ରୟରୁ ଆସିଥାଏ। ଦେଶର କିଛି ରାଜ୍ୟକୁ ଛାଡିଦେଲେ ଅଧିକାଂଶ ରାଜ୍ୟ ମଦ ବିକ୍ରୟ ଉପରେ ଭାରି ଟିକସ ସଂଗ୍ରହ କରନ୍ତି ଏବଂ ସେମାନଙ୍କ ରାଜସ୍ୱ ଭରି ଦିଅନ୍ତି। ମଦ ଉପରେ ଟ୍ୟାକ୍ସ ବିଷୟରେ ଆପଣ ଜାଣନ୍ତି କି ? ଗୋଟିଏ ମଦ ବୋତଲ ବିକ୍ରି କରି ସରକାର କେତେ ରୋଜଗାର କରନ୍ତି ତାହା ଆପଣ ଜାଣି ତାଜୁବ ହୋଇଯିବେ। ମଦ ବିକ୍ରି ହେଉଛି ଯେକୌଣସି ରାଜ୍ୟର ଅର୍ଥନୀତିର ମୁଖ୍ୟ ଉତ୍ସ। ଯଦି ଆମେ ଏହି ଆକଳନକୁ ଦେଖିବା ତେବେ ଗୋଆ, ଉତ୍ତରପ୍ରଦେଶ, କର୍ନାଟକ, ମହାରାଷ୍ଟ୍ର ଭଳି ରାଜ୍ୟ ମଦ୍ୟପାନ ଉପରେ ଏକ୍ସାଇଜ ସଂଗ୍ରହ କ୍ଷେତ୍ରରେ ଆଗରେ ଅଛନ୍ତି। ଅବକାରୀ ସଂଗ୍ରହ ଏଠାରେ ବହୁତ ଅଧିକ। ରିପୋର୍ଟଗୁଡିକ ବିଷୟରେ କହିବାକୁ ଗଲେ, ୨୦୨୦-୨୧ରେ ସରକାର ଅବକାରୀ ଟିକସ ଆଦାୟରୁ ପ୍ରାୟ ୧ଲକ୍ଷ ୭୫ହଜାର କୋଟି ଟଙ୍କା ରୋଜଗାର କରିଥିଲେ। ଏହି ପ୍ରସଙ୍ଗରେ ଉତ୍ତରପ୍ରଦେଶ ଆଗରେ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଉତ୍ତରପ୍ରଦେଶ ଏକ୍ସାଇଜ ଡ୍ୟୁଟିରୁ ୪୧,୨୫୦ କୋଟି ଟଙ୍କା ଆୟ କରିଥିଲା। ମଦ ବିକ୍ରି ଉପରେ ଆଦାୟ ହୋଇଥିବା ଏକ୍ସାଇଜ ଡ୍ୟୁଟିରୁ ସୃଷ୍ଟି ହୋଇଥିବା ବିପୁଳ ଆୟ ବିଷୟରେ ଆପଣ ନିଶ୍ଚିତ ଭାବରେ ଅବଗତ ଥିବେ। ବର୍ତ୍ତମାନ ଆପଣ ନିଶ୍ଚିତ ଭାବରେ ଭାବୁଥିବେ, ଯଦି ଜଣେ ବ୍ୟକ୍ତି ଏକ ବୋତଲ ମଦ କିଣନ୍ତି ତେବେ ସରକାର କେତେ ଟଙ୍କା ରୋଜଗାର କରିବେ? ଏଭଳି ପରିସ୍ଥିତିରେ ପ୍ରତ୍ୟେକ ରାଜ୍ୟ ସରକାର ବିଭିନ୍ନ ଟିକସ ସଂଗ୍ରହ କରନ୍ତି। ସେଥିପାଇଁ କେତେକ ରାଜ୍ୟରେ ସମାନ ମଦ, ମହଙ୍ଗା ଏବଂ କେତେକ ରାଜ୍ୟରେ ଏହା ଶସ୍ତା ଅଟେ।

## ଟିପିସିଓଡିଏଲ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ସମ୍ମାନ




ଭୁବନେଶ୍ୱର,୨୮।୧୨: ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ନିକଟରେ ଆଉ ଏକ ସମ୍ମାନ 'କଳିଙ୍ଗ ସୁରକ୍ଷା ଉକତ୍ରଷ ପୁରସ୍କାର' ପ୍ରଦାନ କରାଯାଇଛି। ଏପରିକି ୧୫ତମ ଜାତୀୟ ସୁରକ୍ଷା କନ୍‌କ୍ଲେଭ-୨୦୨୪ ଅବସରରେ କମ୍ପାନୀକୁ ଏହି ପୁରସ୍କାର ରୌପ୍ୟ ବର୍ଗରେ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ମ୍ୟାନେଜମେଣ୍ଟ ଆଣ୍ଡ୍ ଏନ୍‌ଭରମେଣ୍ଟ ସର୍ଭିସେସ୍(ଆଇକ୍ୟୁଇଏମ୍‌ଏସ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ସମ୍ମାନ ଦିଆଯାଇଛି। ଏପରିକି କର୍ମକ୍ଷେତ୍ରରେ ସୁରକ୍ଷା ଓ ନବସୃଜନ ପ୍ରତି ଉଲ୍ଲେଖନୀୟ ଅବଦାନକୁ ପାଳନ କରୁଛି। ଏହି ପୁରସ୍କାର ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟିପିସିଓଡିଏଲ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ମାନ୍ୟତା ଏକ ସୁରକ୍ଷିତ ଓ ସୁସ୍ଥ କର୍ମକ୍ଷେତ୍ର ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ନୂଆ ଅପଡେଟ୍ ସହ ଆସିଲା ୟୁନିକର୍ଣ୍ଣ ୧୬୦



**ନୂଆଦିଲ୍ଲୀ, ୨୮।୧୨:** ହୋଣ୍ଡାର ଲୋକପ୍ରିୟ ବାଇକ୍ ୟୁନିକର୍ଣ୍ଣ ୧୬୦ । କ୍ଲାସିକ୍ ଡିଜାଇନ ଏବଂ ଦମ୍‌ଦାର ପରଫରମାନ୍ସ ପାଇଁ ଲୋକଙ୍କ ଭରସା ଜିତିବାରେ ସଫଳ ହୋଇଛି। କହିପାରିବା ଏହା ବାଇକ୍ ଭାରତୀୟଙ୍କ ସବୁଠୁ ପସନ୍ଦଯୋଗ୍ୟ ୧୬୦ ସିସି ବାଇକ୍। ଏମିତିରେ ଏହି ବାଇକର ଲୋକପ୍ରିୟତାକୁ ବଜାୟ ରଖିବାକୁ ଯାଇ କମ୍ପାନି ଏହାର ୨୦୨୫ ମଡେଲ ଲଞ୍ଚ କରିଛି। ଯେଉଁଥିରେ ରହିଛି ଅନେକ ନୂଆ ଫିଚର୍ସ। ୨୦୨୫ ମଡେଲକୁ ୧.୧୯ ଲକ୍ଷ ଟଙ୍କା ମୂଲ୍ୟରେ ଲଞ୍ଚ କରାଯାଇଥିବାବେଳେ ଏହା ପୁରୁଣା ମଡେଲଠାରୁ ୮ ହଜାର ଟଙ୍କା ଅଧିକ। ତେବେ ଆସନ୍ତୁ ଜାଣିବା କ'ଣ ରହିଛି ବାଇକର ନୂଆ ଫିଚର୍ସ। ହୋଣ୍ଡା ୟୁନିକର୍ଣ୍ଣ ୧୬୦ର ଏହାର କ୍ଲାସିକ ଡିଜାଇନ ପାଇଁ ଜଣାଯାଏ। ଅବଶ୍ୟ ୨୦୨୫ ମଡେଲରେ ଏହାର ଡିଜାଇନରେ ପରିବର୍ତ୍ତନ କରାଯାଇନାହିଁ। କିନ୍ତୁ ବାଇକରେ କିଛି ଟେକ୍ନିକାଲ ଅପଡେଟ କରାଯାଇଛି। ଯେଉଁଥିରେ ରହିଛି ନୂଆ ଏଲଇଡି ହେଡଲାଇଟ। ଅର୍ଥାତ ଗ୍ରାହକ ୨୦୨୫ ୟୁନିକର୍ଣ୍ଣ ୧୬୦ରେ ଏଲଇଡି ଲାଇଟ ଫିଚର୍ ପାଇବେ। ଏହା ସହ ମୋଟରସାଇକେଲର ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟରକୁ ପରିବର୍ତ୍ତନ କରାଯାଇଛି। ଏଣିକି ଗ୍ରାହକ ୟୁନିକର୍ଣ୍ଣ ୧୬୦ରେ ଡିଜିଟାଲ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ପାଇବେ। ଯେଉଁଥିରେ ଗିୟର ନମ୍ବର, ସର୍ଭିସ ରିମାଇଣ୍ଡର ଏବଂ ଇକୋ ଇଣ୍ଡିକେଟର ଭଳି ଫିଚର୍ସ ରହିଛି। ଏହା ସହ ୟୁଏସବି ସି ଚାର୍ଜିଂ ପୋର୍ଟ ମଧ୍ୟ ରହିବ। ବାଇକ୍‌ର ଇଞ୍ଜିନ ବିଷୟରେ କହିଲେ, ଏଥିରେ ୧୬୨.୭୧ ସିସି ସିଙ୍ଗିଲ ସିଲିଣ୍ଡର ଇଞ୍ଜିନ ରହିଛି। ଯାହା ୧୩.୧ ବିଏଚପି ପାଓ୍ୱାର ଏବଂ ୧୪.୫୮ ଏନଏମର ଟର୍କ ଜେନେରେଟ କରିଥାଏ। ଯାହା ପୁରୁଣା ମଡେଲ ତୁଳନାରେ କିଛି ମାତ୍ରାରେ ଅଧିକ । ବାଇକ୍‌ରେ ୫-ସ୍ପିଡ୍ ଗିୟରବକ୍ସ ରହିଛି। ସେହିଭଳି ୨୦୨୫ ହୋଣ୍ଡା ୟୁନିକର୍ଣ୍ଣ ତିନିଟି କଲର ଅସ୍ୱନ ପର୍ଲ ଇଗ୍‌ନିୟସ ବ୍ଲାକ୍, ମ୍ୟାଟ୍ ଆକ୍ସିସ ଗ୍ରେ ମେଟାଲିକ୍, ରେଡିଏଣ୍ଟ ରେଡ୍ ମେଟାଲିକ୍‌ରେ ଉପଲବ୍ଧ ହେବ ।

## ଖପ୍ରାଖୋଲ ଅଞ୍ଚଳରେ କାର୍ଯ୍ୟକାରୀ ହେଉନି ପିଏମ୍ ବିଶ୍ୱକର୍ମା ଯୋଜନା



**ବଲାଙ୍ଗୀର,୨୮।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁଲୁଣ୍ଡି ଗ୍ରାମର ମଦନ ମୁଣ୍ଡା ଆଜକୁ ଚାରି ମାସ ହେଲା ପିଏମ୍ ବିଶ୍ୱକର୍ମା ଯୋଜନା ରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନଲାଇନ ଆବେଦନ କରିଥିଲେ ହେଲେ ଆଜି ପର୍ଯ୍ୟନ୍ତ ଯୋଜନାରେ ସାମିଲ କରାଯାଇ ନାହିଁ ଯାଫଳରେ ହିତାଧିକାରୀ ଏହାର ସୁଯୋଗ ଆଣିଛନ୍ତି । ଏହି କଥାକୁ ନେଇ ଏକେକ ପତ୍ରିକାରେ ଖବର ପ୍ରକାଶିତ ହୋଇଥିଲା । ଏହି ଖବର ବିଷୟରେ ସରକାରଙ୍କ ପ୍ରକଷ୍ଟ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମାଜ ସେବୀ ଦୁର୍ଯ୍ୟୋଧନ ମୁଣ୍ଡା କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚ ପଦସ୍ଥ ଅଧିକାରୀ, ମନ୍ତ୍ରୀ, ସଚିବ ଜିଲାପାଳ ଙ୍କୁ ଟୁଇଟ କରି ଅନୁରୋଧ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଦ୍ୱାରା ସରକାର ଙ୍କ ପ୍ରଚଳିତ ପିଏମ୍ ବିଶ୍ୱକର୍ମା ଯୋଜନାର କାର୍ଯ୍ୟତାକାରୀତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁକରି ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ହିତାଧିକାରୀ ମଦନ ମୁଣ୍ଡା ଙ୍କୁ ପିଏମ୍ ବିଶ୍ୱକର୍ମା ଯୋଜନାରେ ସାମିଲ କରି ଯୋଜନାରେ ଯାହା ସୁବିଧା ସୁଯୋଗ ଅଛି ଯୋଗାଇ ଦେବାକୁ ଦାବି ହେଉଛି । ଏବିଷୟରେ ଖପ୍ରାଖୋଲ ବ୍ଲିଓ ଙ୍କୁ ପଚାରିଲେ କୁହନ୍ତି ଯିଏ ଏହି ବିଭାଗର ଅଧିକାରୀ ସେଯାଣିବେ ଏହା ଉପରେ ମୁଁକିଛି କହିପାରିବି ନାହିଁ । ଜିପିଓ ଙ୍କୁ ପଚାରିଲେ କହୁଛନ୍ତି ଏହି କଥା ଉପରେ ସ୍ଥାନୀୟ ସରପଞ୍ଚ ଜାଣିଥିବେ ହେଲେ ସରପଞ୍ଚ ଙ୍କ କାର୍ଯ୍ୟାଳୟ କେଉଁଠି ତାଙ୍କୁ ଦେଖା କେଉଁଠି ହେବ ଜଣାପଡୁନାହିଁ । ଜଣା ଯାଏ ଏବେ ସରକାର ବଢ଼େଇ ଓ କାଠ ମିସ୍ତ୍ରୀ ମାନଙ୍କୁ ଟ୍ରେନିଂ ଦେବାର ଯୋଜନା ରଖୁଛନ୍ତି ଅନ୍ୟ ପଞ୍ଚାୟତ ମାନଙ୍କରେ ସରପଞ୍ଚ ମାନେ ପଦକ୍ଷେପ ନେଉଛନ୍ତି ହେଲେ ଖପ୍ରାଖୋଲ ପଞ୍ଚାୟତ ର କଥା କିଛି ଜଣା ପଡୁନାହିଁ । ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଯିବା ଭଳି ମନେ ହେଉଛି ।

# ଡାକ୍ତରଖାନା ଗୃହ ନିର୍ମାଣରେ ଅନିୟମିତତା





**କାକଟପୁର/ଅସ୍ତରଙ୍ଗ,୨୮।୧୨ (ସଂଚାର ବ୍ୟୁରୋ):** ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ବିକାଶ ଦିଗରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଡାକ୍ତରଖାନାର ଉନ୍ନତି କରଣ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସ୍ଥିତ ବଲ୍ଲିଲୋ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ନୂତନ ଗୃହ ନିର୍ମାଣ ଚାଲିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ଉଠିଛି ପ୍ରଶ୍ନ। ପଡାରେ ପଡିଛି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅଲିଖିତ ମଧୁଚନ୍ଦ୍ରିକା। ପୁଣି ଆଗକୁ ନିମ୍ନମାନର କାମକୁ ନେଇ ନୂତନ ବିଲ୍ଡିଙ୍ଗ ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ଓ ସ୍ଥାୟୀତ୍ୱ କୁ ନେଇ ଏବେଠୁ ଉଠିଲାଣି ପ୍ରଶ୍ନ। ତେବେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା କୁ ଦୃଷ୍ଟିରେ ରଖି ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହ ନିର୍ମାଣ ଓ ଉର୍ନ୍ନତ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରୁଛନ୍ତି ନୂତନ ଗୃହ। ଯଦିଓ ଟେଣ୍ଡର ମାଧ୍ୟମରେ ଠିକା ନେଇ ନିର୍ମାଣ କାର୍ଯ୍ୟ କରୁଛନ୍ତି ଠିକାଦାର ମାତ୍ର କାମର ମାନ ତଦାରଖ ଦାୟିତ୍ୱ ତୁଲାଉଛନ୍ତି ବିଭାଗୀୟ ସରକାରୀ ଯନ୍ତ୍ରୀ। ବିଭାଗୀୟ ଯନ୍ତ୍ରୀ ଅସ୍ତରଙ୍ଗ ଅଞ୍ଚଳର ଲୋକ ହୋଇଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କ ସହ ବରିଷ୍ଠ ଅଧିକାରୀ ମାନଙ୍କ ପିସି ଲୋଭ ପାଇଁ ନିର୍ମାଣାଧୀନ କାର୍ଯ୍ୟକୁ ଅଣଦେଖା କରୁଥିବାରୁ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ସରକାରଙ୍କ ଉଦେଶ୍ୟ, ଆଭିମୁଖ୍ୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣରେ ବିଫଳ ହେଉଥିବା ନଜରକୁ ଆସୁଛି ବୋଲି ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବଲ୍ଲିଲୋ ନିକଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ବିଲ୍ଡିଂ ନିର୍ମାଣ ଚାଲୁରହିଛି। ଯାହାକି ସମ୍ପୂର୍ଣ୍ଣ ଜଙ୍ଗଲ ଗଡିରେ। ଯାହାକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡାକ୍ତରଖାନା ଗୃହ, ପାଚେରୀ ନିର୍ମାଣ, କର୍ମଚାରୀଙ୍କ ପାଇଁ କ୍ୱାର୍ଟର ନିର୍ମାଣ କରାଯିବାର ଅଛି। ହେଲେ ଠିକାଦାର ତାଙ୍କ ଇଚ୍ଛା ଅନୁସାରେ ମନମାନୀ କରୁଥିବାର ଦେଖିବାକୁ ମିଳୁଛି। ପ୍ରଥମତଃ କୋଠରୀ ଭେଞ୍ଚରେ ବାଲି ଫିଲିଂ କରାଯିବା ବଦଳରେ ଗାତାଗାତି ମାଟି ଫିଲିଂ କରିବା ଘଟଣାକୁ ସହଜରେ ସ୍ଥାନୀୟ ଲୋକ ମାନେ ଗ୍ରହଣ କରିପାରୁନଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ଫିଲିଂ ମାଟି ଦବିବା ସହ ଫ୍ଲୋର ମଧ୍ୟ ପରେ ଦବିବାର ସମ୍ଭାବନା ରହିଛି ବୋଲି ଆଲୋଚନା ହେଉଛି। କୁହାଯାଉଛି ଦ୍ୱିତୀୟରେ ନିମ୍ନ ମାନର ଇଟା ସହ ବ୍ୟବହୃତ ଲୁହା ଛଡ଼ ମଧ୍ୟରେ ବ୍ୟବଧାନ ମଧ୍ୟ ସଠିକ ରହୁନାହିଁ। କଂକ୍ରିଟ ମିଶ୍ରଣ ଅତି ନିମ୍ନ ମାନରେ କିଭଳି କଂକ୍ରିଟ ପଡିବ ସୁବିଧା ହେଲେ ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉପଯୁକ୍ତ ପରିମାଣବାଲି କି ସିମେଣ୍ଟ ବ୍ୟବହୃତ ହେଉନାହିଁ, ଲୁହା ଜାଲିରେ ଯେଉଁ ବ୍ୟବଧାନ ଲୁହା ଛଡ଼ ବନ୍ଧା ଯିବାର ନିୟମ ଥିବା ବେଳେ ଛାଡି ଛାଡି ଛଡ଼ ବନ୍ଧା ଯାଉଛି। ଯାହା ଫଳରେ କମ୍ ଦିନରେ ଘର ଦୁର୍ବଳତା ଆଶଙ୍କା ରହିଛି। ଯାହା ଚର୍ଚ୍ଚା ହେଉଛି ବିଭାଗୀୟ ଅଧିକାରୀ ଙ୍କ ଭିତ୍ତିରିଆ ପେକେଟ ଗରମ ହେଉଥିବା ବେଳେ କାର୍ଯ୍ୟ ନିମ୍ନ ମାନର ହେଉଛି। ଏହି ଠିକାଦାର ଙ୍କ ଉପରେ ବିଭାଗର ସମର୍ଥନ ରହିଥିବାରୁ ଠିକାଦାର ଜଣଙ୍କ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳ ଅଭିମନ୍ୟୁ ସ୍ୱାଇଁ, ଜିତେନ୍ଦ୍ର ବରାଳ ପ୍ରମୁଖ ଗଣ ମାଧ୍ୟମ ସାମ୍ନାରେ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଏସଡିଓ ଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ପୂର୍ବରୁ ଇଟା ବ୍ୟବହାର ଉପରେ ଅଭିଯୋଗ ଆସିଥିଲା, ସ୍ଥିତି ଅନୁଧ୍ୟାନ କରି ଇଟା ପରିବର୍ତ୍ତନ କରାଯାଇଛି, ବର୍ତ୍ତମାନ ସବୁ ଠିକଠାକ କାମ ଚାଲୁରହିଛି। ତେବେ ଏଭଳି ଟେଣ୍ଡର ତଥା ଅନିୟମିତତା କାର୍ଯ୍ୟ ଉପରେ ତଦନ୍ତ ହୋଇ କାର୍ଯ୍ୟ ଶୈଳୀରେ ସୁଧାର ଆସୁଛି ନାଁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ରେ ସବୁକିଛି ପୂର୍ବ ଭଳି ଚାଲୁ ରହୁଛି ଦେଖିବାକୁ ବାକି ରହିଲା। ଯଦି ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ଭିଜିଲାନ୍ସ ବିଭାଗ ଓ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରିଲେ ଯନ୍ତ୍ରୀ ଓ ଠିକାଦାର ପକେଟ ଗରମ ଗୁମର ଲୋକ ଲୋଚନକୁ ଆସି ପାରିବ ବୋଲି ବୁଦ୍ଧିଜୀବି ଦାବୀ କରିଛନ୍ତି।

## ଗୋରୁ ବୋଝେଇ ଗାଡ଼ି ଜବତ, ଦୁଇ ଗିରଫ

**ବାଲେଶ୍ୱର,୨୮।୧୨ (ସଂଚାର ବ୍ୟୁରୋ):** ବାହାର ରାଜ୍ୟକୁ ଗୋରୁ ଚାଲାଣ ବେଳେ ଗୋରୁ ବୋଝେଇ ଗାଡ଼ି ଜବତ। ବାଲେଶ୍ୱର ଜିଲ୍ଲା ସୋର ବାରିକପୁର ହାଟରେ ଗୋରୁ ଚାଲାଣ ବେଳେ ଗୋରୁ ଗାଡି ଜବତ କରିବା ସହ ଅନେକ ଗୋରୁଙ୍କୁ ଉଦ୍ଧାର କରିଛି ପୁଲିସ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗୋଟିଏ ମିନି ଟ୍ରକ୍ ଜବତ ହୋଇଛି। ଉଦ୍ଧାର ଗୋରୁଙ୍କୁ ସୋର ଗୋଶାଳାରେ



ଛଡ଼ାଯାଇଛି।ଗୋ ମାଫିଆ ମାନେ ଅତି ନିର୍ମମ ଭାବେ ଗୋରୁଙ୍କୁ କଣ୍ଟେନରରେ ବାହାର ରାଜ୍ୟକୁ ଚାଲାଣ କରୁଥିଲେ। ଏ ନେଇ ଖବର ପାଇବା ପରେ ସୋର ପୁଲିସ ଚଢ଼ାଉ କରିଥିଲା। ବାଲେଶ୍ୱରରେ ସବୁବେଳେ ଗୋ- ମାଫିଆମାନେ ସକ୍ରିୟ ରହିବା ସହ ବର୍ଷ ସାରା ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ କରୁଛନ୍ତି। ସବୁ ଜାଣି ବି ପୁଲିସ୍ ଚୁପ୍ ବସି ରହୁଛି।

# ଧକ୍କା ହୋଇ ଜଳିଗଲା ୨ ଟ୍ରକ୍

**କଳାହାଣ୍ଡି,୨୮।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାଷ୍ଟି କୁଡ଼ି ନିକଟରେ ଆଜି ଭୋରରୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇ ଲାଗି ଯାଇଛି ନିଆଁ। ଏହି ନିଆଁରେ ଜଣେ ଟ୍ରକ୍ ଚାଳକ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ଆଉ ଜଣେ ଡ୍ରାଇଭରଙ୍କ ପତ୍ତା ମିଳୁନି। ଆଜି ଭୋରରୁ ପାଷ୍ଟିକୁଡ଼ି ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ସହ ଅନ୍ୟ ଏକ ଟ୍ରକ୍ ମୁହାଁମୁହିଁ ହୋଇଥିଲା। ଧକ୍କା ଏତେ ଜୋର ଥିଲା ଯେ, ସଙ୍ଗେସଙ୍ଗେ ଦୁଇଟି ଟ୍ରକ୍ ହୁତୁହୁତୁ ହୋଇ ଜଳିଥିଲା। ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ଦୁଇଟି ଟ୍ରକ୍‌କୁ ନିଆଁ ବ୍ୟାପି ସାରିଥିବା ବେଳେ ତା' ଭିତରେ ଜଣେ ଡ୍ରାଇଭର ଜୀଅନ୍ତା ଜଳି ଯାଇଥିଲେ। ଆଉ ଜଣେ ଡ୍ରାଇଭରଙ୍କ ପତ୍ତା ମିଳି ପାରୁନି । ଖବର ପାଇ ତୁରନ୍ତ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁ ଲିଭାଇବା ନିମନ୍ତେ ଅଗ୍ନିଶମ



କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଥିବା ବେଳେ ରିପୋର୍ଟ ଲେଖା ହେବା ବେଳକୁ ନିଆଁ ଲିଭା ସମ୍ପୂର୍ଣ୍ଣ ସରି ନ ଥିବା ଜଣାଯାଇଛି।

● ପାରିବାରିକ କଳହରୁ ପତ୍ନୀର ଗଲା ଜୀବନ

## ରେଳ ଧାରଣାରେ ମିଳିଲା ମହିଳାଙ୍କ ଖଣ୍ଡବିଖଣ୍ଡିତ ଶବ

**ଟିଟିଲାଗଡ,୨୮।୧୨ (ସଂଚାର ବ୍ୟୁରୋ):** ସ୍ୱାମୀଙ୍କ ସହ କଥା କଟାକଟି ଅତିଷ୍ଠ କଲା। ତେଣୁ ଘର ସଂସାରର ମୋହ ବି ତୁଚ୍ଛ ଲାଗିଲା। ଏପରି ସମୟରେ ବଞ୍ଚିବାଠୁ ମରିବାକୁ ଶ୍ରେୟକର ଭାବି ରାତି ଅଧରେ ଘର ଛାଡ଼ିଲେ ମହିଳା। ଆଉ ଆଜି ସକାଳେ ସେହି ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ରେଲୱେ ଟ୍ରାକ୍‌ରୁ ମିଳିଛି। ଏପରି ଏକ ଅଭାବନୀୟ ଘଟଣା ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ଥାନା ଅଞ୍ଚଳରେ ଘଟିଛି। ସିରୋଲ ଗାଁ ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳାଜଣକ ହେଲେ ୨୫ ବର୍ଷୀୟା କମଳା ରଣା । କମଳା ୮ ବର୍ଷ ପୂର୍ବେ ଟିଟିଲାଗଡ ଥାନା ତେନ୍ତୁଲିଖୁଟି ଗାଁର କୁମାରମଣି ରଣାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦୁଇଟି ଛୋଟ ଛୁଆ ଅଛନ୍ତି। କୌଣସି କାରଣକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଗତ ରାତିରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କମଳା ଗତ ରାତିରେ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ରାତି ସାରା ଖୋଜାଖୋଜି କରିଥିଲେ ବି ତାଙ୍କ ପତ୍ତା ପାଇ ପାରି ନ ଥିଲେ। ଆଜି ସକାଳୁ ସିରୋଲ ଗାଁ ରେଳ ଧାରଣାରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଜିଆରପିକୁ ଖବର ଦେଇଥିଲେ। ଜିଆରପି କର୍ମଚାରୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏହାର ତଦନ୍ତ ଆରମ୍ଭ କରିଛି। ଖବର ପାଇ କମଳା ରଣାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ଜିଆରପି ଅଧିକାରୀ କହିଛନ୍ତି।

## ମାଧୋସିଂ ବରିହାଙ୍କ ବୀରତା ଦୀବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



**ଖପ୍ରାଖୋଲ,୨୮।୧୨ (ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଂଝାଲ ସମାଜ ପକ୍ଷରୁ ବୀରତା ଦୀବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ହରିଶଙ୍କର ସ୍ଥିତ ମାଁ ବିନ୍ଧ୍ୟ ବାସିନୀ ମନ୍ଦିରରେ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉପ-ସଭାପତି କେଶବ ବରିହା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଜିଲ୍ଲା ସଭାପତି ତଥା ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗ ମୂଖ୍ୟ ଅତିଥି ବଲାଙ୍ଗୀର ବ୍ଲକ ସଭପତି କୁଶ ବରିହା, ସଂପାଦକ ଗନ୍ଧର୍ବ ବରିହା, ଯଶୋବନ୍ତ ବରିହା, ଜିଲ୍ଲା ମିଡ଼ିଆ ସେଲ୍ ସଂଯୋଜକ ଗୋରେଖନାଥ ବରିହା, ବିପିନ ବରିହା, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକ ରେ ଡିସେମ୍ବର ୩୧ ରେ ସ୍ୱାଧୀନତା ସଂଗ୍ରାମୀ ସହିଦ ବୀର ମାଧୋ ସିଂ ବରିହା ଙ୍କ ୨୩୮ ତମ ବୀରତା ଦୀବସ ହରିଶଙ୍କର ଠାରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଉପ-ସଭାପତି କେଶବ ବରିହା ସ୍ୱାଗତ ଭାଷଣ ଦେଇଥିବାବେଳେ ବିପିନ ବରିହା ସଭା ପରିଚାଳନା କରିଥିଲେ । ପୁଟୁଲୁ ବରିହା, ହୃଷୀକେଶ ବରିହା, ମହେଶ ବରିହା, ଉଦ୍ଧବ ବରିହା, ହାଡୁ ବରିହା, ଟିକେଶ୍ୱର ବରିହା, ପିଚ୍ଛାଲୁ ବରିହା ପ୍ରମୁଖ ଉପସ୍ଥିତ ଥିଲେ । ଗୋରେଖନାଥ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ରୀଡା ମହୋତ୍ସବ ଉଦ୍‌ଘାଟିତ



**ଭେଡେନ,୨୮।୧୨ (ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ରେଶମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଂହେନପାଲି ଗ୍ରାମ ଠାରେ ଚାଲିଥିବା 'କ୍ରୀଡା ମହୋତ୍ସବ' ଉଦଘାଟିତ ହୋଇଯାଇଛି । ଏହି କ୍ରୀଡା ମହୋତ୍ସବ କୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ଦାଶ ଉଦଘାଟନ କରିଥିଲେ । ୩୩ ଗୋଟି ବିଭାଗ ରେ ସମୁଦାୟ ୧୩୪ ଜଣ କୃତୀ ପ୍ରତିଯୋଗୀ ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।ସ୍କୁଲ ର ଶିକ୍ଷକ ବନମାଳୀ ପଧାନ,ବିଶ୍ୱନାଥ ସାମଲ, ଗ୍ରାମ ର ଖେଳ ଶିକ୍ଷକ ରୋହିତ କୁମାର ଭୋଇ,ସରୋଜ କୁମାର ପଧାନ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ନରେନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ । ଗ୍ରାମର ପ୍ରମୋଦ ଭୋଇ,ଫକୀର ପଧାନ,ସନ୍ତୋଷ ଭୁଏ,ଡୋଳାମଣି ସୁନା,ତୀର୍ଥରାଜ ଭୋଇ,ଅଜିତ ସେଠ,କେଶବ ଭୋଇ,ଗୋବର୍ଦ୍ଧନ ମହାପାତ୍ର,ସଞ୍ଜୟ ସାହୁ,ଦୀନେଶ ଭୋଇ ପ୍ରମୁଖ ଖେଳ ପରିଚାଳନା ରେ ସାହାଯ୍ୟ କରିଥିଲେ ।

# ମାଟି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ବାଲିଆପାଳ

## ଦିନ ହେଉ କି ରାତି ବେଧଡ଼କ ମାଟି ଚାଲାଣ

**ବାଲିଆପାଳ,୨୮।୧୨ (ସଂଚାର ବ୍ୟୁରୋ):** ବାଲିଆପାଳ ଅଞ୍ଚଳରେ ମାତିଛନ୍ତି ମାଟି ମାଫିଆଙ୍କ ରାଜ । ବେଧଡକ ଭାବରେ ଚାଲିଛି ହଜାର ହଜାର ଟ୍ରାକ୍ଟର ରେ ବେଆଇନ ଭାବରେ ମାଟି ଚୋରା ଚାଲାଣ। ପ୍ରଶାସନକୁ ବାବୁଙ୍କୁ ହାତ କରି ବୋହି ନେଉଛନ୍ତି ମାଟି। ଅଭିଯୋଗ କଲେ ମିଳୁଛି ଧମକ।ହାତ ବାନ୍ଧି ବସିଛି ତହସିଲଦାର ସ୍ଥାନୀୟ ପ୍ରଶାସନ । ମାଟି ମାଫିଙ୍କ ଭୂସ୍ୱର୍ଗ ପାଲଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ । ଦିନ ହେଉ କି ରାତି ବେଧଡ଼କ ଚାଲିଛି ମାଟି ଚୋରା ଚାଲାଣ । ଡ୍ରୋଜର, ଜେସିବି, ହାଇୱା ଓ ଟ୍ରାକ୍ଟର ଲଗାଇ ମାଟି ତାଡ଼ି ନେଉଛନ୍ତି ଦଲାଲ ।୧୦ଟି ଜେସିବି ଓ ୬୦ରୁ ୭୦ଟ୍ରାକ୍ଟର ୧୫ଟିହାଇୱା ମାଟି ଚୋରା ଚାଲାଣ ହେଉଛି।ଦୁଇ ଦିନ ତଳେ ଜଣେ ସାମ୍ବାଦିକ ଭିଡିଓ ଉତ୍ତୋଳନ କରିବାରୁ ଟ୍ରାକ୍ଟର ମଡାଇ ହତ୍ୟା କରିବାକୁ ମିଳିଥିବା ଧମକ। ହେଲେ ଥାନା ରେ ଏତେଲା ମଧ୍ୟ ଦିଆଗଲା। ଏତେ ପରେ ବି ସଜାଗ ହେଉ ନାହିଁ ପ୍ରଶାସନ।ମାଟି ଚୋରା ଚାଲାଣ କୁ ନେଇ ସରକାର ଙ୍କ ବିଭିନ୍ନ ନିୟମ ଥିଲେବି କାର୍ଯ୍ୟନୁଷ୍ଠା ସୁନ୍। ମାଟି ଚୋରା ଚାଲାଣ ଏକ ରାକେଟ କାମ କରୁଥିବା ବେଳେ ଏହା ପଛରେ କିଛି ଦଲାଲ୍ ଓ ପ୍ରଶାସନ ମଧ୍ୟ ରହିଛି। କିଛି ପିଶି ଖିଆ ସରକାରୀ ବାବୁ ଙ୍କ ପାଇଁ ମାଟି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସୁନ୍। ସବୁ ଠୁ ବଡ଼ ପ୍ରଶ୍ନ ମାଟି ମାଫିଆଙ୍କୁ କିଏ ଦେଉଛି ସାହାସ।କାହା ଛତ୍ରଛାୟାରେ ଚାଲିଛି ଚୋରା ଚାଲାଣ। ମାଫିଆଙ୍କୁ ଧରିବାକୁ କାହିଁକି ଡରୁଛି ପ୍ରଶାସନ।। ପ୍ରଶାସନ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ମାଟି ଲୁଟ୍। ସବୁ ଜାଣିସୁଦ୍ଧା ବେଆଇନ ମାଟି ଉତ୍ତୋଳନକୁ ପ୍ରଶାସନ କାହିଁକି ଦେଉଛି ଛୋଟ୍। ନିରବଦ୍ରଷ୍ଟା ସାଜଛି ପ୍ରଶାସନ। ତହସିଲଦାରଙ୍କ ଓ ଆରାଇ ସବୁ ଦେଖି ଅଜଣା ଅଭିନୟ କରୁଛି ପ୍ରଶାସନ।କୋଟି କୋଟି ଟଙ୍କାର ରାଜସ୍ୱହାନୀ ସତ୍ତ୍ୱେ କାହିଁକି ଚୋପ୍ ପ୍ରଶାସନ। ମାଫିଆ ପ୍ରଶାସନଙ୍କ ମିଳିଭଗତରେ ହେଉଛି କାରବାର।ଲୋକମାନେ ଅଭିଯୋଗ ବାରମ୍ବାର ପରେ ବି କାହିଁକି ଦେଉନି ଧ୍ୟାନ।ବିଜେଡି ଶାସନରେ ବାଲିଆପାଳ ବ୍ଲକ ଚାଲିଥିଲା ବେଧଡ଼କ୍ ମାଟି ଲୁଟ୍ । ସରକାରୀ ଓ ବେସରକାରୀ ଜାଗାରୁ ବେଆଇନ୍ ମାଟି ମନ ଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲେ ହେଉଛନ୍ତି ମାଟି ମାଫିଆ। ବିଜେଡି ନେତାଙ୍କ ମାର୍ଫିତରେ ହେଉଥୁଲା ବେଆଇନ୍ ମାଟି ଉତ୍ତୋଳନ । ବାଲିଆପାଳ ବ୍ଲକ ରେ ବିଭିନ୍ନ ସ୍ଥାନରେ ଅବାଧ ରେ ଚାଲିଛି ବେଆଇନ ମାଟି କାରବାର। ମାଫିଆ ମାନେ ସରକାରୀ ଏବଂ ବେସରକାରୀ ଜାଗାରୁ ମନ ଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲେ ହେଉଛନ୍ତି। ଫଳରେ ସରକାର ଲକ୍ଷ୍ୟଧିକ ଟଙ୍କା ର ରାଜସ୍ୱ ହରାଉଛନ୍ତି ।ମାଟି ମାଫିଆ ମାନେ ପାଳଜାମକୁଣ୍ଡା , ବିଷ୍ଣୁପୁର ପ୍ରମୁଖ ସ୍ଥାନ ରେ ମାଟି ଉତ୍ତୋଳନ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ଯୁବକଙ୍କୁ ହାତ ବାରିସି କରି ଲୋକ ମାନଙ୍କ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହେଇଛି। ଫଳରେ ସାଧାରଣ ଲୋକ ଙ୍କର ବିରୁଦ୍ଧାଭାସ ପ୍ରାଶାସନ ପାଖରେ ପହଞ୍ଚିବାରୁ ନାହାଁ। ମାଟି ଉତ୍ତୋଳନ ସ୍ଥାନ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବା ରୁ ମାଫିଆ - ପ୍ରଶାସନ ର ମଧୁ ଚନ୍ଦ୍ରିକା ରେ ବେଆଇନ କାମ ଚାଲିଛି ବୋଲି ଛକ ବଜାର ରେ ଚର୍ଚ୍ଚା ହେଉଛି।ଘଟଣା ସମ୍ପର୍କରେ ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠି ଙ୍କୁ ଯୋଗାଯୋଗ କରିବାରୁ ପ୍ରତିକ୍ରିୟା ରେ କହିଛନ୍ତି ସ୍ଥାନୀୟ ଆର ଆଇ ମାଫିଆ ମାନଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ପ୍ରତିବାଦ କରିବାରୁ ମୁଣ୍ଡ ଫଟାଇଦେଲେ ବାଲି ମାଫିଆ

**ମୟୂରଭଞ୍ଜ,୨୮।୧୨ (ସଂଚାର ବ୍ୟୁରୋ):** ବାଲି ମାଫିଆଙ୍କ ଦାଦାଗିରି। ପ୍ରତିବାଦ କରିବାରୁ ମାଡ଼ ମାରି ମୁଣ୍ଡ ଫଟାଇଦେଲେ। ଏପରି ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ଏ ପର୍ଯ୍ୟନ୍ତ ଆକ୍ରମଣ କରିଥିବା ବାଲି ମାଫିଆଙ୍କୁ ପୁଲିସ୍ ଧରିପାରିନି। କପ୍ତିପଦା ଥାନା ବଜରପୁରରେ ରହିଛି ବାଲି ଘାଟ। ପ୍ରତିଦିନ ପରି ଶୁକ୍ରବାର ବିଳମ୍ବିତ ରାତିରେ ବଜରପୁର ଗାଁ ରାସ୍ତାରେ ବାଲି ମାଫିଆମାନେ ବେଆଇନ୍ ଭାବେ ଦ୍ରୁତ ଗତିରେ ଟ୍ରାକ୍ଟରରେ ବାଲି ଚାଲାଣ କରୁଥିଲେ। ଯାହାକୁ ଉକ୍ତ ଗାଁର ଯୁବକ ମାନସ କୁମାର ସାହୁ ବିରୋଧ କରିଥିଲେ। ବାଲି ବୋଝେଇ ଟ୍ରାକ୍ଟର ଅଟକାଇ ଦୃତଗତିରେ କ'ଣ ପାଇଁ ଗାଡି ଚଳାଉଛ ବୋଲି ପଚାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବାଲି ମାଫିଆମାନେ ତାଙ୍କୁ ଆକ୍ରମଣ କରିଥିଲେ। ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିବା ଅଭିଯୋଗ ହୋଇଛି।



## ଅନାଥ ଶିଶୁଙ୍କୁ ଜିଲ୍ଲା ପ୍ରଶାସନ ସହାୟତା ଦେଉ



**କଳାହାଣ୍ଡି,୨୮।୧୨(ସଂଚାର ବ୍ୟୁରୋ):** ଆଜିକୁ ୩ବର୍ଷ ତଳେ ଆମେ ସାନ ହୋଇଥିବା ବେଳେ ମା'ଙ୍କର ଅଜଣା ରୋଗରେ ମୃତ୍ୟୁ ହୋଇଥିଲା। ବାପା ଦାଦନ ଯାଇ ଦୁଃଖ କଷ୍ଟରେ ଆମକୁ ପାଳୁଥିଲେ। ହେଲେ ସେ ମଧ୍ୟ ଗତ ୪ ତାରିଖରେ ଛାତି ଯନ୍ତ୍ରଣା ରୋଗରେ ଆଖି ବୁଜିଦେଲେ। ଏବେ ଆମେ ଅନାଥ ହୋଇଯାଇଛୁ। ଜେଜେ ମା' ଆମର ସାହାରା ପାଲଟିଛନ୍ତି । ସେ ମଧ୍ୟ ବୃଦ୍ଧା ଅବସ୍ଥାରେ। ଏପରିସ୍ଥଳେ ଆଗକୁ ଆମ ଭବିଷ୍ୟତ କେମିତି କଟିବ ତାହାକୁ ନେଇ ଚିନ୍ତାରେ ରହିଛୁ। ବର୍ତ୍ତମାନ ଆମେ ବଞ୍ଚିବାକୁ ଏକପ୍ରକାର ସଂଘର୍ଷ କରୁଛୁ ଏଭଳି କୋହଭରା କଣ୍ଠରେ ଏହା କହିଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମାଟିଗାଁର ମାଧବ ପ୍ରଧାନୀ (୯) ଓ ତାଙ୍କ ଭଉଣୀ ପ୍ରିୟଙ୍କା ପ୍ରଧାନୀ (୧୨)। ଗତ ୩ ବର୍ଷ ତଳେ ତାଙ୍କ ମା' ତ୍ରିଫଳାଙ୍କ ମୃତ୍ୟୁ ହୋଇଥିବାବେଳେ ଚଳିତମାସ ୪ ତାରିଖରେ ବାପା ମଦନ ଆରପାରିକୁ ଚାଲିଯାଇଛନ୍ତି। ଏହାକୁ ନେଇ ଉଭୟ ଭଉଣୀ ଭାଇ ଏବେ ଦୁଃଖରେ ଭାଙ୍ଗିପଡିଛନ୍ତି। ଗାଁ ସ୍କୁଲରେ ମାଧବ ତୃତୀୟ ଶ୍ରେଣୀରେ ପଢୁଥିବାବେଳେ ପ୍ରିୟଙ୍କା ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ଏପଟେ ବୃଦ୍ଧା ବୟସରେ ନୀଳା ମା'ବାପା ଛେଉଣ୍ଡ ଭଉଣୀ ଭାଇଙ୍କୁ ନେଇ ଅତି କଷ୍ଟରେ ଚଳୁଛନ୍ତି।

## ଚଇତି ମହୋତ୍ସବରେ ଜବତ ପୁସ୍ତକ ବିବାଦ

**ରାୟଗଡା,୨୮।୧୨(ସଂଚାର ବ୍ୟୁରୋ):** ରାୟଗଡା ଚଇତି ମହୋତ୍ସବ ରେ ହିନ୍ଦୁ ବିରୋଧୀ ପୁସ୍ତକ ବିକ୍ରୀ ଗୁଜବ ଫସର ଫାଟିଲା ଦଳିତ ସମୂହ ସହ ପ୍ରଶାସନ ର ଆଲୋଚନା ପରେ ଜବତ ପୁସ୍ତକ ର ପୁଣି ବିକ୍ରିବଟା ସାମାନ୍ୟ ହେଲା ରାୟଗଡା ଜିଲ୍ଲା ସଦର ମହକୁମା ରେ ଅନୁଷ୍ଠିତ ୨୦୨୪ ଚଇତି ମହୋତ୍ସବ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଓରମାସ ଦାୟିତ୍ୱ ରେ ଥିବା ଶତାଧିକ ଅସ୍ଥାୟୀ ଦୋକାନଗୃହ କୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ପ୍ରଦାନ କରାଯାଇଥିଲା । ସେହିପରି କିଛି ଦଳିତ ବର୍ଗ ର ଯୁବପିଢି ଙ୍କୁ ବାମସେଫ ଅଧିନ ରେ ୮ ଓ ୯ ନମ୍ବର ଦୋକାନ ଗୃହ କୁ ଓରମାସ ପକ୍ଷରୁ ଆବଣ୍ଟନ କରାଯାଇଥିଲା ।ଏହି ଷ୍ଟୋଲ ରେ ଦଳିତ ସମ୍ପ୍ରଦାୟର ଇତିହାସ ସମ୍ପର୍କିତ କିଛି ପୁସ୍ତକ , ଯଥା ବୁଦ୍ଧଦେବ ଙ୍କର ଜୀବନୀ ଓ ବାଣୀ , ସମ୍ବିଧାନ ପୁସ୍ତକ ,ଡଃ ବାବା ସାହେବ ଆମ୍ବେଦକର , ସ୍ୱାମୀ ପେରିଆର ଏବଂ କିଛି ମହାପୁରୁଷ ଙ୍କର ଇତିହାସ ଓ ତାଙ୍କ ଜୀବନି ଭଳି ପୁସ୍ତକ ଜନସାଧାରଣଙ୍କୁ ବିକ୍ରୟ କରାଯାଉଥିଲା। ଉକ୍ତ ବିକ୍ରିବଟା କୁ ନିର୍ଦ୍ଧିଷ୍ଟ ସମ୍ପ୍ରଦାୟର କିଛି ବ୍ୟକ୍ତି ଗୁଜବ ସୃଷ୍ଟି କରିବା ସହିତ ରାୟଗଡା ଜିଲ୍ଲାପାଳ ପରୁଲ ପାଟୱାରୀ ଙ୍କୁ ହିନ୍ଦୁ ଧର୍ମ ବିରୋଧୀ ପୁସ୍ତକ ବିକ୍ରିକରୁଥିବା ର ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ କୁ ନେଇ ଜିଲ୍ଲାପାଳ ତୁରନ୍ତ ରାୟଗଡା ତହସିଲଦାର ଦେବାଶିଷ ବିଶ୍ୱାସ ଓ ଓରମାସ ଉପ- ନିର୍ଦେଶକ ମନୋଜ କୁମାର ପାତ୍ର ଙ୍କୁ ପୋଲିସ ସହାୟତା ରେ ବିକ୍ରି କରାଯାଉଥିବା ପୁସ୍ତକ କୁ ଜବତ ଓ ଦୁଇଟ ଷ୍ଟୋଲ କୁ ବନ୍ଦ କରିବାକୁ ନିର୍ଦେଶ ଦେଇଥିଲେ । ସମ୍ବିଧାନ ପୁସ୍ତକ ବ୍ୟତୀତ ସମସ୍ତ ପୁସ୍ତକ କୁ ଜବତ କରିଥିଲେ ପ୍ରଶାସନ । ଜବତ ପୁସ୍ତକ ସମାଜ ର ଇତିହାସ ଓ ଦଳିତ ଆଦିବାସୀ ସମ୍ପ୍ରଦାୟ ରେ ଭିତିହିଁନ ଦର୍ଶାଇଥିବା ପୁସ୍ତକ କୁ ନେଇ ବିବାଦ ସୃଷ୍ଟି ହେଇଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପୁସ୍ତକ କୁ ଜବତ କରିଥିଲା । ଉକ୍ତ ଘଟଣା କୁ ଜିଲ୍ଲା ଅନ୍ତର୍ଗତ ବାମସେଫ ଜିଲ୍ଲା ଡମ ଓ ଆଦିବାସୀ ସମାଜ ର ଆଦିବାସୀ , ଦଳିତ ଓ ଡ଼ମ୍ବ ସମ୍ପ୍ରଦାୟର କ୍ରିୟା କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅରମାସ ଉପନିର୍ଦ୍ଦେଶକ ମନୋଜ କୁମାର ପାତ୍ର କନ୍ଧ, ଡ଼ମ୍ବଙ୍କ ଚଇତି ନୁହଁ ବୋଲି ଜାତି ସୂଚକ ଗାଳି ଗୁଲଜ କରିଛନ୍ତି ଏବଂ ରାୟଗଡା ଜିଲ୍ଲାପାଳ ତୁରନ୍ତ କ୍ଷମାପ୍ରାର୍ଥନା କରନ୍ତୁ ନଚେତ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି ଏବଂ ସମସ୍ତ ଘଟଣା ସମ୍ବନ୍ଧରେ ଏକ ଲିଖିତ ଅଭିଯୋଗ ମଧ୍ୟ ପ୍ରଶାସନ ବିରୋଧ ରେ କରାଯାଇଛି । ପରବର୍ତ୍ତୀ ସମୟରେ ଶତାଧିକ ଲୋକ ଯୋଗ ଦେଇ ସ୍ଥାନୀୟ ତହସିଲଦାର ଓ ଉପ-ଜିଲ୍ଲାପାଳ ଙ୍କର ସହ ଆଲୋଚନା କରିଥିଲେ ।

# ମଣ୍ଡିରୁ ଉଠୁନି ଧାନ: ପୁଣି ଚାଷୀଙ୍କ ରାସ୍ତା ଅବରୋଧ

**ସୁବର୍ଣ୍ଣପୁର,୨୮।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲ ମଣ୍ଡି ରୁ ଧାନ ଉଠୁ ନ ଥିବାରୁ ଶତାଧିକ ପୁରୁଷ ଓ ମହିଳା ଚାଷୀ ରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି। ପ୍ରଶାସନର ଦେଇଥିବା ପ୍ରତିଶୃତି ପୂରଣ ହେଲା ନାହିଁ : ସାରସମାଲ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ପୁଣି ଚାଷୀ ଙ୍କ ରାସ୍ତା ଅବରୋଧ ସୁଚନା ଯୋଗ୍ୟ ଗତ ୧୦ ତାରିଖ ରୁ ସାରସମାଲରେ ଧାନ ମଣ୍ଡି ଖୋଲି ଥିଲେ ସୁଦ୍ଧା ୧୪ ଦିନ ଧରି ଚାଷୀ ଙ୍କ ଧାନ ମଣ୍ଡି ରେ ପଡ଼ିରହିଥିଲା । ଫଳରେ ୨୪ ତାରିଖ ମଙ୍ଗଳବାର ଦିନ ସାରସମାଲ ଗ୍ରାମର ଶତାଧିକ ଚାଷୀ ରାମପୁର - ବରପାଲି ମୁଖ୍ୟ ରାସ୍ତାର ସାରସମାଲ ଛକ ଠାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ଖବର ପାଇ ସୋନପୁର ଉପଜିଲ୍ଲାପାଳ



ଡ ସୌମ୍ୟରୁପା ରଥ, ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ଅତିରିକ୍ତ ତହସିଲଦାର ଆନନ୍ଦ ଚନ୍ଦ୍ର ଦାସ ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଚାଷୀ ଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ବେଳେ ଚାଷୀ ମାନେ ବିନା କଟିନି ଛଟନି ରେ ଧାନ ବିକ୍ରି କରିବାକୁ ଉପଜିଲ୍ଲାପାଳ ଙ୍କୁ କହିଥିଲେ। ପ୍ରଶାସନର ଦେଇଥିବା ପ୍ରତିଶୃତି ପୂରଣ ହେଲା ନାହିଁ : ସାରସମାଲ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ପୁଣି ଚାଷୀ ଙ୍କ ରାସ୍ତା ଅବରୋଧ ପରେ ଉପଜିଲ୍ଲାପାଳ ମିଲରର୍ସ ଙ୍କ ସହ ଯୋଗା ଯୋଗ କରି ଗାଡ଼ି ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ମିଲରର୍ସ ଙ୍କ ଠାରୁ ଗାଡ଼ି ପହଞ୍ଚି ୨ ଜଣ ଚାଷୀ ଙ୍କ ୩୧୧ ପ୍ୟାକେଟ ଧାନ ଉଠାଇ ଥିବା ବେଳେ ଆଜି ପର୍ଯ୍ୟନ୍ତ ୭୮ ଜଣ ଚାଷୀ ଙ୍କ ୮୧୬୪ ପ୍ୟାକେଟ ଧାନ ମଣ୍ଡି ରେ ପଡ଼ିରହିଛି। ଫଳରେ ଶତାଧିକ ଚାଷୀ ଙ୍କ ସମେତ ମହିଳା ମାନେ ଆଜି ସାରସମାଲ ଛକ ଠାରେ ଧାନବସ୍ତା ରଖି ଆନ୍ଦୋଳନ କରିଛନ୍ତି । ଆଜି ପୁଣି ଉପଜିଲ୍ଲାପାଳ ଡ ସୌମ୍ୟ ରୂପା ରଥ ପହଞ୍ଚି ଚାଷୀ ଙ୍କ ସହ ଆଲୋଚନା କରିଥିଲେ କରିଥିଲେ । ଆଲୋଚନା ବେଳେ ପୁଣି ଚାଷୀମାନେ ବିନା କଟନି ଛଟନି ରେ ମିଲରର୍ସ ମଣ୍ଡି ରୁ ଧାନ ନେବାକୁ ଉପ ଜିଲ୍ଲାପାଳ ଙ୍କୁ କହିଥିଲେ ।

## କେନାଲକୁ ଖସିଲା ୧୦୮ ଆମ୍ବୁଲାନ୍ସ

**ବାଲିପାଟଣା,୨୮।୧୨ (ସଂଚାର ବ୍ୟୁରୋ):** ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଏକ ୧୦୮ ଆମ୍ବୁଲାନ୍ସ ରୋଗୀ ଆଣିବାକୁ ଯାଉଥିବା ସମୟରେ ସଫେଇ କେନାଲ ଭିତରକୁ ଓଲଟି ପଡିଛି। ଗାଡିଟି ପାଣିରେ ପଡିଥିବା ବେଳେ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଆମ୍ବୁଲାନ୍ସ ନଂ ଓଡି ୦୨ ବି ଏଚ ୪୯୭୮ ଶନିବାର ଭୋର ପ୍ରାୟ ୫ ଟାରେ ରୋଗୀ ଆଣିବାକୁ ଚଣାହଙ୍ଗା ରାଜସ୍ୱ ରାସ୍ତାର ଯାଉଥିବା ବେଳେ କୁଳନ୍ତିରା ମୌଜା ନିକଟରେ ଗାଡିଟି ପାଣି ଭରା ସଫେଇ କେନାଲକୁ ଖସି ପଡିଛି।